

ବୈଭବଙ୍କ ପ୍ରତି ରନ୍‌ର ମୂଲ୍ୟ ୪୩ ହଜାର

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-323 ◆BHUBANESWAR ◆THURSDAY ◆22 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୨୩ ◆ଭୁବନେଶ୍ୱର ◆ଗୁରୁବାର ◆୨୨ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



# NIST
## HIGHER SECONDARY SCHOOL

A HIGH PROFILE +2 SCIENCE & ARTS RESIDENTIAL COLLEGE

NIST HIGHER SECONDARY SCHOOL

AHSE 2025 RESULT 100%

ABOVE 500 **77**

FIRST CLASS **370**

**ସଫଳତାର ଶୀର୍ଷରେ**
**ନିଷ୍ଟ +୨ ଆବାସିକ ମହାବିଦ୍ୟାଳୟ**

ଉତ୍ତର ଓଡ଼ିଶାର ଏକମାତ୍ର କଲେଜ ଯିଏକି +୨ ବିଜ୍ଞାନ ପାଠ ପଢ଼ିବା ସହିତ ସର୍ବଭାରତୀୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କର ମେଡ଼ିକାଲ ଓ ଇଂଜିନିୟରିଂ କୃତକାର୍ଯ୍ୟ ହେବା ପାଇଁ ଦୀର୍ଘ ୨୫ ବର୍ଷର ଅଭିଜ୍ଞତା ଥିବା ଅଧ୍ୟାପକମାନେ ଦାୟିତ୍ୱ ନିଅନ୍ତି । କଲେଜର ମାର୍ଗ ଦର୍ଶକ ମାନଙ୍କର ୨୫ ବର୍ଷର ଅଭିଜ୍ଞତା ଥିବା ସହ ସେମାନେ ପାଠ ପଢ଼ା ସହ ସମ୍ପୃକ୍ତ । +୨ ପରୀକ୍ଷା ଫଳ ସହିତ ସର୍ବଭାରତୀୟ ପରୀକ୍ଷା ଫଳ ରେ ସଫଳତା ହିଁ ତାଙ୍କର ମୁଖ୍ୟ ଲକ୍ଷ୍ୟ । ସେଥିପାଇଁ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଡ଼ିକାଲ ଓ ଇଂଜିନିୟରିଂ କୋଚିଂ ପ୍ରତ୍ୟେକ ସପ୍ତାହରେ ଦୁଇଦିନର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ । ଆମ ଉପ ରେ ଭରଷା ରଖି ଅଭିଭାବକ ସେମାନଙ୍କ ପିଲାଙ୍କୁ ଆମ ପାଖରେ ଛାଡ଼ିଥିବାରୁ ଆମେ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ ।

**576**

TOPPER - 2025
SOUJANYA NANDI

**୨୯୮ ଜଣ ଛାତ୍ର ଛାତ୍ରୀ ମେଟ୍ରିକ ନମ୍ବର ଠାରୁ +୨ ବିଜ୍ଞାନ ଓ କଳାରେ ଆଶାତୀତ ଭାବେ ଅଧିକ ନମ୍ବର ରଖିଛନ୍ତି**

"ମୁଁ ନିଷ୍ଟରେ ପଢ଼ିବି" ଭଲ ମଣିଷ ଟିଏ ହେବି

### Excellent AHSE Science Result - 2025

561 ANURADHA MOHANTY
560 SHIBADYUTI MOHANTY
557 DEBAJYOTI JENA
557 AUROSMITA PRADHAN
556 ABHILIPSA SWAIN
555 ABINASH BISWAL
555 DEBASMITA KAR
549 DEBADURLLAV DAS
549 SUMAN SAHU
545 PADMALOCHAN KHILAR
545 DURGA PRASAD MALIK
544 CHANDAN KUMAR ROUT
542 PRATIVA JENA
542 PRACHIPARIMITA DAS
540 SUBHADEEP SAMAL
540 SHIBA SHANKAR PUSTI
540 GIRIJA SHANKAR PARIDA
540 ABHIPSA PATRA

### OUR PROUD IIT & NIT STUDENTS

DEBABRATA BISWAL, IIT, MUMBAI
RUPESH KU. MAHALICK, IIT, MUMBAI
BISWAJIT SENA, NIT, ROURKELA
ADITYA PRAKASH DAS, NIT, ROURKELA

### Excellent AHSE Arts Result - 2025

SAMIKSHYA 510
SUBHAM 494
TULASI 490
BIBHUSMITA 483
OMPRAVA 480
SUPRIYA 479
NANDINI 460
ANKITA 459
PABITRA 459
DEBASMITA 455
FALGUNI 452
JAGANNATH 451

## Admission in going on for

**NEWTONIAN BASIC SCIENCE COLLEGE**
(+3 SCIENCE COLLEGE)
HONS- PHYSICS, CHEMISTRY, BOTANY, ZOOLOGY & MATHEMATICS

**NIST INSTITUTE OF MEDICAL SCIENCE**
(B.SC NURSING COLLEGE)
(GNM COLLEGE)

**NIST HIGHER SECONDARY SCHOOL**
(+2 SCIENCE & ARTS COLLEGE)

EXCELLENT CHSE RESULT FROM 2015 TO 2025

| Year | Appeared | Passed | Result | 1st Div. | 2nd Div. | 3rd Div. |
|---|---|---|---|---|---|---|
| 2015 | 94 | 94 | 100% | 58 | 33 | 3 |
| 2016 | 128 | 127 | 99.9% | 75 | 50 | 2 |
| 2017 | 209 | 208 | 99.9% | 123 | 79 | 6 |
| 2018 | 265 | 264 | 99.9% | 167 | 96 | 1 |
| 2019 | 330 | 327 | 99.3% | 206 | 105 | 16 |
| 2020 | 344 | 341 | 99.1% | 240 | 92 | 9 |
| 2021 | 378 | 378 | 100% | 372 | 6 | 0 |
| 2022 | 335 | 335 | 100% | 333 | 2 | 0 |
| 2023 | 285 | 285 | 100% | 265 | 20 | 0 |
| 2024 | 377 | 377 | 100% | 360 | 17 | 0 |
| 2025 | 413 | 413 | 100% | 370 | 43 | 0 |

HIGHEST MARK IN INDIVIDUAL SUBJECT

| | |
|---|---|
| MATHEMATICS | 100 |
| PHYSICS | 100 |
| CHEMISTRY | 100 |
| BIOLOGY | 100 |
| ENGLISH | 93 |
| MIL | 99 |

NEET-UG-2024

OUR PROUD

New Campus Hidigaon, Chandipur Road, Balasore Infront of Satyasai Engg. College

Call : 06782 - 261140, 9437266065, 9437147709, 9437264995, 8249075590

CITY OFFICE : Nalamganj, Balasore, E-mail : nist923@gmail.com | Visit us at : nistresidentialcollege.in



Smiles of Success
Sulagna CHSE Toppers -2025
100% Result
Appeared 259
1st Division 232
Above 540 12
Above 500 48
576 Abhisek Bhanja
555 Sabyasachi Behera
550 Aurosish Samal
549 Abhijit Das
547 Chandan Gochhayat
547 Jashmin Dey
546 Dibyam Sahoo
545 Sunil Parida
543 Arpit Nayak
542 Jyotiprakash Bhoi
542 Rashmirekha Panigrahi
541 Pradeep Biswal
Admission Open -2025-26
Sulagna Institute of Medical Sciences
(Approved by DMET, Health & Family Welfare Department, Govt. Of Odisha)
B.Sc. Nursing
Sulagna
HIGHER SECONDARY SCHOOL
+2 Science Residential College, Balasore
(Permanent Recognition & Affiliation, Govt. of Odisha)
Campus- Sarita Nagar, MathaSahi, Balasore. Mob: 9853200320,7978702609, 7008050860, 9078302001, 7008084959
City Office : Sulagna Public School , Mob: 9040529298, 7978474402, 9437266157 website :www.sulagnaedu.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 42 ♦ISSUE-323 ♦BHUBANESWAR ♦THURSDAY ♦22 MAY 2025 ♦PAGE-12 ♦₹ 6.00
PANIKOILI
♦ବର୍ଷ-୪୨ ♦ସଂଖ୍ୟା-୩୨୩ ♦ଭୁବନେଶ୍ୱର ♦ଗୁରୁବାର ♦୨୨ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦

# ରାଜ୍ୟରେ ପ୍ରାକ୍ ମୌସୁମୀ ପାଗ

■ **ଭୁବନେଶ୍ୱର,୨୧।୫(ସମିସ):** ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପ୍ରାକ୍ ମୌସୁମୀ ପାଗ ଅନୁଭୂତ ହେବା ଆରମ୍ଭ ହୋଇଯାଇଛି। ବୁଧବାର ଭୁବନେଶ୍ୱର ସମେତ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏଭଳି ପାଗ ଦେଖିବାକୁ ମିଳିଛି। ସାଧାରଣତଃ ରଜ ସମୟରେ ଏଭଳି ପାଗ ରାଜ୍ୟରେ ଅନୁଭୂତ ହେଉଥିବା ବେଳେ ହାଲକା ପବନ ସାଙ୍ଗକୁ ମେଘାଚ୍ଛନ ଆକାଶ ମୌସୁମୀର ପ୍ରାକ୍ ସୂଚନା ଦେଉଛି। ଏହାସହିତ ରାଜ୍ୟକୁ ବର୍ତ୍ତମାନ ବଙ୍ଗୋପସାଗର ପଟୁ ବାଦଲ ପ୍ରବେଶ ମଧ୍ୟ ଆରମ୍ଭ ହୋଇଛି ଯାହାକି ମୌସୁମୀର ପୂର୍ବ ଲକ୍ଷ୍ୟଣ ଭାବେ ବିବେଚନା କରାଯାଉଛି। କାଳବୈଶାଖୀ ବା ଅନ୍ୟ ସମୟରେ ବାଦଲ ସମୂହ ସମୁଦ୍ର ପଟକୁ ଗତି କରୁଥିବା ବେଳେ ମୌସୁମୀ ସମୟରେ ବଙ୍ଗୋପସାଗର ପଟୁ ରାଜ୍ୟକୁ ବାଦଲ ପ୍ରବେଶ କରୁଥାଏ। ଗତ ୨ ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ବୁଧବାର ସକାଳୁ ପୁରୀରେ ଦକ୍ଷିଣ ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୫.୫କିମି ବେଗରେ ପବନ ବହୁଥିବା ବେଳେ ଗୋପାଳପୁରରେ ୩.୭କିମି ପାରାଦୀପରେ ଦକ୍ଷିଣ ଦିଗରୁ ଘଣ୍ଟା ପ୍ରତି ବେଗ ୭.୨ କିମି ଓ ଭୁବନେଶ୍ୱରରେ ପଶ୍ଚିମ ଦକ୍ଷିଣ ପଶ୍ଚିମ ଦିଗରୁ ଘଣ୍ଟା ପ୍ରତି ୩.୭କିମି ବେଗରେ ପବନ ବହୁଥିଲା। ଅନ୍ୟପଟେ ମୌସୁମୀ କେରଳ ଛୁଇଁବା ନେଇ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଆଗାମୀ ୩ ରୁ ୪ ▶ପୃଷ୍ଠା-୭

## ବିଜ୍ଞପ୍ତିର ଦିନକ ପରେ ପଞ୍ଚାୟତ ଉପନିର୍ବାଚନ ବାତିଲ

# ଜନମତକୁ 'ଡର'; ବାହାନା ମୌସୁମୀ



■ **ଭୁବନେଶ୍ୱର, ୨୧।୫ (ସମିସ):** ଦିନକ ତଳେ ରାଜ୍ୟରେ ଖାଲି ପଡ଼ିଥିବା ୪୩ ସରପଞ୍ଚ, ୪୦ ସମିତି ସଭ୍ୟ, ୧୦୪୩ ୱାର୍ଡ ମେମ୍ବର ଏବଂ ୫ଟି ଜିଲ୍ଲା ପରିଷଦ ପଦବୀରେ ଉପ ନିର୍ବାଚନ ପାଇଁ ପ୍ରକାଶିତ ବିଜ୍ଞପ୍ତିକୁ ରଦ୍ଦ କରିଛନ୍ତି ରାଜ୍ୟ ନିର୍ବାଚନ କମିଶନ । ମୌସୁମୀ ଜନିତ ବର୍ଷା କାରଣରୁ ନିର୍ବାଚନ ପ୍ରକ୍ରିୟା ଉତ୍ତମ ଭାବରେ ପରିଚାଳିତ ହୋଇପାରିବ ନାହିଁ। ତେଣୁ ବର୍ଷା ଋତୁ ସରିବା ପରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି କମିଶନ କହିଛନ୍ତି। ମାତ୍ର ବିଜ୍ଞପ୍ତି ରଦ୍ଦ ପଛରେ ନିର୍ବାଚନ କମିଶନଙ୍କ ଏହି 'କାରଣ' ସାଧାରଣରେ କେବଳ ବିସ୍ମୟ ନୁହେଁ, ସନ୍ଦେହ ସୃଷ୍ଟି କରିଛି। ରାଜନୈତିକ ସମୀକ୍ଷକମାନେ ମଧ୍ୟ ନିର୍ବାଚନ କମିଶନଙ୍କ ଏପରି ପଦକ୍ଷେପକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠାଇଛନ୍ତି । ଚଳିତ ବର୍ଷ ଆଗୁଆ ମୌସୁମୀ ଆସୁଥିବା ଓ ମୌସୁମୀବାୟୁ କେରଳ ଛୁଇଁଥିବା କଥା ଦୁଇ ସପ୍ତାହ ପୂର୍ବରୁ ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଛି । ଏ ସମ୍ପର୍କରେ ନିର୍ବାଚନ କମିଶନ ଜାଣି ନ ଥିବେ ବୋଲି କହିବା ମଧ୍ୟ ଭୁଲ ହେବ । ଏହା ପରେ ଜୁନ୍ ୨୩ ତାରିଖରେ ପଞ୍ଚାୟତ ଉପନିର୍ବାଚନ ନିମନ୍ତେ ମଇ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ କରିବା ଓ ୨୦ ତାରିଖରେ ପୁଣି ସେହି ବିଜ୍ଞପ୍ତିକୁ ରଦ୍ଦ କରିବା ପଛରେ ଅଭିସନ୍ଧି ଥିବା ଅଭିଯୋଗ ହୋଇଛି ।

ପୁନଶ୍ଚ ନିର୍ବାଚନ ପ୍ରକ୍ରିୟାରେ ସଂଶ୍ଳିଷ୍ଟ ଥିବା ଜିଲ୍ଲା ଅଧିକାରୀ, ସର୍ବ ସାଧାରଣ ତଥା ଆଶାୟୀ ପ୍ରାର୍ଥୀଙ୍କ ମତାମତ ଆଧାରରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଥିବା ସଂକ୍ରାନ୍ତରେ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ ବିଜ୍ଞପ୍ତି ଏହି ସନ୍ଦେହକୁ ଅଧିକ ଦୃଢ଼ୀଭୂତ କରିଛି । ବିଜ୍ଞପ୍ତି ପ୍ରକାଶନ ପୂର୍ବରୁ କମିଶନ କାହିଁକି ମତାମତ ଗ୍ରହଣ କରିନଥିଲେ ଏବଂ ମାତ୍ର କେଇଘଣ୍ଟା ମଧ୍ୟରେ କମିଶନ କିପରି ମତାମତ ଗ୍ରହଣ କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାଜନୀତିକ ମହଲରେ ଉପ ନିର୍ବାଚନ ସ୍ଥଗିତକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ଆରମ୍ଭ ହୋଇଛି। ନିର୍ବାଚନର ସମ୍ଭାବ୍ୟ ଫଳ ବିରୋଧରେ ଯିବାର ଆଶଙ୍କା ଥିବାରୁ ଶାସକ ଦଳ ସମ୍ଭବତଃ ଏହି ଉପନିର୍ବାଚନକୁ ରୋକିବାକୁ ସମର୍ଥ ହୋଇଛନ୍ତି ବୋଲି ମଧ୍ୟ ଆଲୋଚନା ଆରମ୍ଭ ହୋଇଛି। ରାଜ୍ୟରେ କ୍ଷମତା ଦଖଲର ବର୍ଷେ ବିତିବାକୁ ବସିଥିବାବେଳେ ସରକାର କୌଣସି ପ୍ରଭାବୀ କାର୍ଯ୍ୟକ୍ରମ ଗ୍ରହଣ କରିନାହାନ୍ତି। ଗାଁ ଗାଁରେ ବିକାଶମୂଳକ କାମ ଅଟକି ରହିଛି, ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ସରକାରୀ କାର୍ଯ୍ୟାଳୟରେ ଶାସକ ଦଳର କର୍ମୀଙ୍କ ମାମଲତି ଏକ ଅଶ୍ୱସ୍ତିକର ପରିବେଶ ସୃଷ୍ଟି କରିଛି । ବର୍ଷକ ମଧ୍ୟରେ ନିଗମ, କର୍ପୋରେସନ ଆଦିରେ ଥଇଥାନମୂଳକ ନିଯୁକ୍ତି ହୋଇ ନ ଥିବାରୁ ଦଳ ମଧ୍ୟରେ ଅସନ୍ତୋଷ ବଢ଼ିଛି । ଯାହାକୁ ନେଇ ଗାଁ ଗାଁରେ ଶାସକଦଳ ବିରୋଧରେ ଏକ ଅନ୍ତଃସ୍ରୋତ ପ୍ରବାହିତ ହେଉଛି । ଏହି ପରିସ୍ଥିତିରେ ଉପନିର୍ବାଚନ ଶାସକ ଦଳ ପାଇଁ ଘାତକ ହେବାର ଆଶଙ୍କା ଥିବାରୁ ଶେଷ ମୁହୂର୍ତ୍ତରେ ମୌସୁମୀ ▶ପୃଷ୍ଠା-୭

## ସିଏଚ୍ଏସ୍ଇ +୨ ପରୀକ୍ଷା ଫଳ ପ୍ରକାଶିତ

# ୮୨.୭୭% ପାସ୍; ଆଗରେ ଛାତ୍ରୀ

### ବିଜ୍ଞାନରେ ୮୭.୫%, ବାଣିଜ୍ୟରେ ୮୧.୨%, କଳାରେ ୮୦.୫% ପାସ୍

### କଳାରେ ବରଗଡ଼ ଓ ବିଜ୍ଞାନରେ ନୟାଗଡ଼ ଜିଲ୍ଲା ପାସ୍ ହାର ସର୍ବାଧିକ

### ମୋଟ ୨୨୮୨ ଛାତ୍ରଛାତ୍ରୀ ରଖିଛନ୍ତି ୯୦ ପ୍ରତିଶତରୁ ଅଧିକ ନମ୍ବର

■ **ଭୁବନେଶ୍ୱର, ୨୧।୫ (ସମିସ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଚଳିତ ବର୍ଷ ପାସ ହାର ୮୨.୭୭% ରହିଛି ଓ ଛାତ୍ରଙ୍କଠାରୁ ଛାତ୍ରୀମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ପ୍ରଥମ ଶ୍ରେଣୀରେ ୧ଲକ୍ଷ ୨ହଜାର ୫୯୨ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଥିବାବେଳେ ଦ୍ୱିତୀୟ ଶ୍ରେଣୀରେ ୬୯ହଜାର ୫୭୩ ଏବଂ ତୃତୀୟ ଶ୍ରେଣୀରେ ୧ଲକ୍ଷ ୪୪ହଜାର ୧୨୦ ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ୨୨୮୨ ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖିଛନ୍ତି।

କଳାରେ ପଞ୍ଜୀକରଣ କରିଥିବା ୨ଲକ୍ଷ ୪୭ହଜାର ୩୯୧ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨ଲକ୍ଷ ୪୩ ହଜାର ୬୫୩ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୧ଲକ୍ଷ ୯୬ହଜାର ୧୭୧ଜଣ ପାସ୍ କରିଛନ୍ତି। ମୋଟ୍ ପାସ୍ ହାର ୮୦.୫୧% ରହିଛି। କୃତୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ୭୨.୬୪% ଛାତ୍ର କୃତକାର୍ଯ୍ୟ ହୋଇଥିବାବେଳେ ୮୬.୮୦% ଛାତ୍ରୀ ପାସ୍ କରିଛନ୍ତି। ୧୭୧ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୪୦,୦୩୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୩୬,୮୬୬ ଓ ତୃତୀୟ ଶ୍ରେଣୀରେ ୧ଲକ୍ଷ ୧୯ହଜାର ୧୬୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବରଗଡ଼ ଜିଲ୍ଲାରେ ପାସ୍ ହାର ସର୍ବାଧିକ ୮୭.୬୦% ▶ପୃଷ୍ଠା-୭

## ରାଜଭବନ ସମ୍ମୁଖରେ ବିଜେଡିର ବିଶାଳ ଜନଆନ୍ଦୋଳନ

# ଓବିସି ପାଇଁ ୨୭% ସଂରକ୍ଷଣ ଦାବି

■ **ଭୁବନେଶ୍ୱର, ୨୧।୫ (ସମିସ):** ରାଜ୍ୟର ଏସଇବିସି/ଓବିସି ବର୍ଗ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ସହ ଏସ୍ସି, ଏସ୍ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ, ଇଞ୍ଜିନିୟରିଂ ଏବଂ ଅନ୍ୟ ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରରେ ୩୮.୭୫ ପ୍ରତିଶତ ସଂରକ୍ଷଣ ଦାବିରେ ଗର୍ଜିଛି ବିଜେଡି। ବୁଧବାର ରାଜଭବନ ସମ୍ମୁଖରେ ଦଳର ବରିଷ୍ଠ ନେତା ଓ ହଜାର ହଜାର କର୍ମୀ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କୁ ଭେଟି ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। ଓବିସି, ଏସ୍ସି ଓ ଏସ୍ଟି ବର୍ଗର ଏହି ଦାବି ପୂରଣ ହେବା ପର୍ଯ୍ୟନ୍ତ ବିଜେଡି ପଲ୍ଲୀଠାରୁ ଦିଲ୍ଲୀ ଯାଏଁ ଆନ୍ଦୋଳନ ଜାରି ରଖିବ ଦଳୀୟ ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ଅବସରରେ ଦଳର ନେତାମାନେ ରାଜ୍ୟର ଓବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ଏବଂ



ଏସ୍ସି, ଏସ୍ଟି ଛାତ୍ରଛାତ୍ରୀ ମାନଙ୍କ ପାଇଁ ଇଞ୍ଜିନିୟରିଂ, ମେଡିକାଲ ଓ ଅନ୍ୟ ବୈଷୟିକ ପାଠ୍ୟକ୍ରମରେ ମଧ୍ୟ ୩୮.୭୫ ପ୍ରତିଶତ ସଂରକ୍ଷଣ ନିମନ୍ତେ ଦାବି କରିଛନ୍ତି। ବିଜେଡି ଓବିସି ସେଲ୍ର ଆବାହକ ଡ଼ ▶ପୃଷ୍ଠା-୭

**ଅବୁଜମାଡ଼ ଜଙ୍ଗଲରେ ଗୁଳି ବିନିମୟ**

# ୩୦ ମାଓବାଦୀ ନିପାତ

## ସିପିଆଇ (ମାଓବାଦୀ) ସାଧାରଣ ସମ୍ପାଦକ କେଶବ ନିହତ

■ **ମାଲକାନଗିରି, ୨୧।୫ (ସମିସ):** ମାଓ ସଂଗଠନକୁ ଲାଗିଲା ଶକ୍ତ ଧକ୍କା। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ଓ ନାରାୟଣପୁର ଜିଲ୍ଲା ମଧ୍ୟରେ ଥିବା ଅବୁଜମାଡ଼ ଜଙ୍ଗଲରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟ ବେଳେ ୩୦ ଜଣ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ମଧ୍ୟରେ ମାଓ ସଙ୍ଗଠନର କେନ୍ଦ୍ରିୟ କମିଟି ମୁଖ୍ୟ ତଥା ସିପିଆଇ ମାଓବାଦୀ ସଂଗଠନର ସାଧାରଣ ସଂପାଦକ ନାମ୍ବାଲା କେଶବ ରାଓ ରହିଥିବା ଖବର ମିଳିଛି। ତାଙ୍କ ମୁଣ୍ଡ ଉପରେ ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟ ସରକାର ଦେଢ କୋଟିରୁ ଅଧିକ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ।



କେଶବଙ୍କ ମୁଣ୍ଡ ଉପରେ ଥିଲା ୧ କୋଟି ଟଙ୍କାର ପୁରସ୍କାର ରାଶି

ସୂଚନା ଅନୁଯାୟୀ, ଛତିଶଗଡ଼ ନାରାୟଣପୁର ଜିଲ୍ଲାର ଅବୁଜମାଡ଼ ଜଙ୍ଗଲରେ ଆଜି ସୁରକ୍ଷା କର୍ମୀଙ୍କ ତଲାସୀ ଅଭିଯାନ ଜାରି ରହିଥିବା ବେଳେ ମାଓବାଦୀଙ୍କ ସହ ମୁହାଁମୁହିଁ ହୋଇ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ୩୦ ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି। ମୃତକଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ନାମରେ ପରିଚିତ ଥିଲେ ମାଓ ନେତା କେଶବ ରାଓ। ୨୦୧୮ ମସିହାରେ ଗଣପତିଙ୍କ ମୃତ୍ୟୁ ପରେ କେଶବ ମାଓବାଦୀଙ୍କ କେନ୍ଦ୍ରିୟ କମିଟିର ଦାୟିତ୍ୱ ନେଇଥିଲେ। ସେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲ୍ଲାର ଜିଆନ୍ନାପେଟ ଗାଁର ହୋଇଥିବା ବେଳେ ତାଙ୍କ ମୁଣ୍ଡ ଉପରେ କେବଳ ଛତିଶଗଡ଼ରେ ଦେଢ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା। ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, ଓଡ଼ିଶା ଓ ଝାଡଖଣ୍ଡରେ ମଧ୍ୟ କେଶବଙ୍କ ମୁଣ୍ଡ ଉପରେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। ହେଲେ ସବୁ ବେଳେ ପୁଲିସକୁ ଚକ୍‌ମା ଦେଇ ଗୋଟିଏ ରାଜ୍ୟରୁ ଆଉ ଗୋଟିଏ ରାଜ୍ୟକୁ ଖସି ପଳାଉଥିଲେ କେଶବ। ▶ପୃଷ୍ଠା-୭

# ନାବାଳିକାକୁ ଗଣଦୁଷ୍କର୍ମ ଓ ହତ୍ୟା ଅଭିଯୋଗ ଆଣିଲେ ଭାଇ

■ **ଭୋଗରାଇ, ୨୧।୫ (ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅଞ୍ଚଳରେ ଏକ ୧୭ ବର୍ଷ ବୟସର ନାବାଳିକାକୁ ଗଣଦୁଷ୍କର୍ମ କରି ହତ୍ୟା କରାଯାଇଥିବାର ଅଭିଯୋଗ ହୋଇଛି। ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ଯୁବକ ଏଭଳି ନାରକୀୟ କାଣ୍ଡ ଭିଆଇବା ପରେ ଉକ୍ତ ଘଟଣାକୁ ଆତ୍ମହତ୍ୟାର ରୂପ ଦେଇଥିବା ମୃତ ନାବାଳିକାର ଭାଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସମ୍ପୃକ୍ତା ନାବାଳିକାଙ୍କ ବାପାମା' ଭାଇ ଓ ଜଣେ ଭଉଣୀ ରାଜ୍ୟ ବାହାରେ ରହୁଥିବାବେଳେ ସେ ଭୋଗରାଇରେ ଏକ କଲେଜରେ ହଷ୍ଟେଲରେ ରହି ପାଠ ପଢୁଥିଲେ। ଗତ ୪ ଦିନ ତଳେ ଗାଁରେ କୌଣସି ଏକ କାର୍ଯ୍ୟକ୍ରମ ନେଇ ନାବାଳିକାଜଣକ ତାଙ୍କ ଘରକୁ ଆସିଥିଲେ। ତେବେ ମଙ୍ଗଳବାର ଦିନ ୧୧ଟା୩୦ରେ ସେ ଘର ଭିତରେ ସନ୍ଦେହ ଜନକ ଅବସ୍ଥାରେ ରଶିରେ ଝୁଲୁଥିବା ପଡ଼ୋଶୀ ଦେଖିବାକୁ ପାଇଥିଲେ। ତାଙ୍କ ପରିବାର ଲୋକ କେହି ନ ଥିବାରୁ କେହି ଖୋଲି ନ ଥିଲେ। ମାତ୍ର ପଡ଼ୋଶୀ ଜଣେ ଯୁବକ ଅନ୍ୟ କାହାର ସାହାଯ୍ୟ ନ ନେଇ କିମ୍ବା ପୁଲିସକୁ ଖବର ▶ପୃଷ୍ଠା-୭

# ୧୪୨ କୋଟି ହଡ଼ପ କରିଛନ୍ତି ସୋନିଆ ଓ ରାହୁଲ: ଇଡି

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ନ୍ୟାସନାଲ ହେରାଲ୍ଡ ଅର୍ଥ ହେରଫେର ମାମଲାରେ ବୁଧବାର ଦିଲ୍ଲୀସ୍ଥିତ ରାଉଜ୍ ଆଭେନ୍ୟୁ କୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ଏହି ସମୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ସାଂସଦ ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଭିଯୋଗ କରିଛି। ପୂର୍ବରୁ ଚାର୍ଜସିଟ୍ରେ ଏହି ଦୁଇ ଜଣଙ୍କୁ ଇଡି ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇସାରିଥିଲା ବେଳେ ଆଜି ଶୁଣାଣି ବେଳେ ସୋନିଆ ଏବଂ ରାହୁଲ ୧୪୨ କୋଟି ଟଙ୍କାର ଫାଇଦା ଉଠାଇଛନ୍ତି ବୋଲି କହିଛି। ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ ଭି ରାଜୁ କୋର୍ଟରେ ଏଭଳି ଅଭିଯୋଗ କରିଛନ୍ତି। ଏହାଛଡ଼ା ଅପରାଧିକ ଷଡ଼ଯନ୍ତ୍ର



### ନ୍ୟାସନାଲ ହେରାଲ୍ଡ ମାମଲାର ଶୁଣାଣି ଆରମ୍ଭ

କରାଯାଇ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ହଡପ କରାଯିବା ସହିତ କଂଗ୍ରେସ ଦଳକୁ ଦାନ କରିଥିବା ନେତା ଏବଂ କର୍ମୀମାନଙ୍କୁ ଠକେଇ କରାଯାଇଛି ବୋଲି ସେ କହିଛନ୍ତି।

**ମାନିଲେ ଜ୍ୟୋତି**

# ପାକ୍ ଗୁଇନ୍ଦା ଏଜେଣ୍ଟଙ୍କ ସହ ସଂପର୍କ

■ **ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):** ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଥିବା ଭାରତୀୟ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସଂପର୍କରେ ଏବେ ଅନେକ ଚାଞ୍ଚଲ୍ୟକର ଓ ଉଦବେଗଜନକ ତଥ୍ୟ ଆସିବାରେ ଲାଗିଛି। ତାଙ୍କ ଘରୁ ମିଳିଥିବା ଡାଏରି, ବ୍ୟାଙ୍କ ଖାତା ଏବଂ ତାଙ୍କର ହ୍ୱାଟ୍ସଆପ୍ ଚାଟ୍ରୁ ଜଣାପଡୁଛି ଯେ ପାକିସ୍ତାନୀଙ୍କ ସହିତ ତାଙ୍କର ସଂପର୍କ କେତେ ଘନିଷ୍ଠ ଥିଲା। ହରିଆଣାର ବାସିନ୍ଦା ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟମାନଙ୍କ ସହିତ ସର୍ବଦା ସଂପର୍କରେ ରହୁଥିଲେ। ନିୟମିତ ଭାବେ ସେମାନଙ୍କ ସହ କଥା ହେଉଥିଲେ। ଜେରା ବେଳେ ସେ ଏହା ସ୍ୱୀକାର କରିଥିବା ପୁଲିସ ପକ୍ଷରୁ କୁହାଯାଇଛି।

'ଟ୍ରାଭେଲ ଉଇଥ୍ ଜୋ' ନାମରେ ୟୁଟ୍ୟୁବ ଚାନେଲ ଖୋଲିଥିବା ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟ ଅଲ୍ଲୀ ହାସନ ସହିତ ସବୁଠାରୁ ବେଶି ଘନିଷ୍ଠ ଥିଲେ। ସେମାନଙ୍କ ମଧ୍ୟରେ ଘନିଷ୍ଠତା ଏତେ ବଢ଼ିଯାଇଥିଲା ଯେ ହାସନକୁ ବାହା ହେବା ଲାଗି ଜ୍ୟୋତି ବାକୁଳ ହୋଇପଡ଼ିଥିଲେ। ଥରେ ହ୍ୱାଟ୍ସ ଆପ୍ରେ ବିବାହ ପାଇଁ ସେ ହାସନକୁ ପ୍ରସ୍ତାବ ଦେଇଥିଲେ। ସେ ଲେଖିଥିଲେ, 'ମୋତେ ପାକିସ୍ତାନ ନେଇ ବିବାହ କର'। ଏହି ବାର୍ତ୍ତା ତାଙ୍କର ପାକିସ୍ତାନ ପ୍ରୀତିକୁ ଉଜାଗର କରୁଛି। କେବଳ ଏତିକି ନୁହେଁ, ସେମାନଙ୍କ ମଧ୍ୟରେ ଗୁପ୍ତ କୋଡ୍ ଜରିଆରେ ଅନେକ ତଥ୍ୟ ଆଦାନ ପ୍ରଦାନ ହୋଇଥିବାର ମଧ୍ୟ ଜଣାପଡ଼ିଛି।


ହରିଆଣା ପୁଲିସ ସୂତ୍ରରୁ ପ୍ରକାଶ ଯେ ଜ୍ୟୋତିଙ୍କର ବ୍ୟାଙ୍କ ଆକାଉଣ୍ଟରେ ଅନେକ କାରବାର ସନ୍ଦେହ ଘେରରେ ରହିଛି। ଏପର୍ଯ୍ୟନ୍ତ ତାଙ୍କର ୪ଟି ବ୍ୟାଙ୍କ ଆକାଉଣ୍ଟ ଜବତ କରାଯାଇଛି। ଗୋଟିଏ ଆକାଉଣ୍ଟରେ ଦୁବାଇ ସହିତ କାରବାର ହୋଇଥିବାର ▶ପୃଷ୍ଠା-୭



### ପାକିସ୍ତାନୀଙ୍କୁ ବିବାହ ପାଇଁ ବ୍ୟାକୁଳ ଥିଲେ

### ବ୍ୟାଙ୍କ ଖାତାରେ ସନ୍ଦିଗ୍ଧ କାରବାର ହୋଇଛି

ସ୍ମୃତିରେ



ଡ଼ଃ ବଂଶୀଧର ପଣ୍ଡା
(୨୬.୧୧.୧୯୩୧ - ୨୨.୦୫.୨୦୧୮)


ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା, ରାଇମାନା
ଲିତିଶା, ଅନିରୁଦ୍ଧ, କାମେରନ
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍
imfa
Tel: +91 674 2611000 | Email: memoriam@imfa.in


ପୁଣିଥରେ ପ୍ରମାଣିତ ଯେ ମୟୂରଭଞ୍ଜରେ ଗୁଣାତ୍ମକ ଶିକ୍ଷାର ଅଭାବ ନାହିଁ । Historic Achievements Again !!!
P C C
S V M GROUP OF INSTITUTIONS
ସାଇ ବିଦ୍ୟା ମନ୍ଦିର
MAYURBHANJ DISTRICT TOPPER IN ARTS & MATRIC
ACCORDING TO DHSE -2022 DATABASE, WE ACHIEVED AS ONE OF THE TOP 10 COLLEGES OF ODISHA
ALL ODISHA RANK 1 PHYSICS
ALL ODISHA RANK 4 CHEMISTRY
ALL ODISHA RANK 3 EDUCATION
ALL ODISHA RANK 4 POL. SCIENCE
ALL ODISHA RANK 4 LOGIC
ALL ODISHA RANK 4 ECONOMICS
100% Result
2025 TOPPERS
SCIENCE
TOTAL APPEARED=222
90% & ABOVE = 22
500 & ABOVE = 62
80% & ABOVE = 90
70%& ABOVE = 173
60%& ABOVE = 214
100% RESULTS
MAYURBHANJ TOPPER Himanshu H. Dhir 575/600
10th 2025
DEBRAJ SINGH 571/600
12th 2025 SCIENCE
MAYURBHANJ TOPPER DEBAJYOTI MANGARAJ 562/600
12th 2025 ARTS
ARTS
TOTAL APPEARED=77
90% & ABOVE = 07
500 & ABOVE = 25
80% & ABOVE = 31
70%& ABOVE = 51
60%& ABOVE = 66
100% RESULTS
2025 SCIENCE RESULT
EXAM CENTRE :- MPC COLLEGE
SAIJYOTI MOHANTY 570/600
PURNA BISWA DAS 568/600
SUBHAM MOHANTY 562/600
RAJDIP SETHI 556/600
SMRUTI REKHA DAS 555/600
SOURAV KU. MOHANTA 554/600
PRIYANKA P. KANDELKEL 554/600
CHINMAYE KUMAR SI 551/600
OMM PRAKASH NAYAK 551/600
ITISHREE SAHU 549/600
SAMIKSHYA MOHANTY 547/600
SATYAJIT MOHAPATRA 547/600
AMIT MAHARANA 545/600
SUBAL KU. MOHANTA 545/600
OMM PRAKASH MOHANTA 543/600
RITUPARNA MOHANTA 542/600
RABI NARAYAN PANDA 541/600
DEBASMITA MARNDI 541/600
SAI ANWESHA JENA 541/600
BHABATRANA BEHERA 540/600
PRITI PARNA SAHU 540/600
EXAM CENTRE-MPC COLLEGE
OUR NEW CAMPUS
OUR ARTS TOPPER
MADHUSMITA MOHANTA MAYURBHANJ TOPPER 10th - 419, 12th - 545
2024
DIPSIKHA HANSDAH MAYURBHANJ 5th TOPPER 10th - 286, 12th - 517
2023
PRAMILA HATI MAYURBHANJ 2nd TOPPER 10th - 411, 12th - 543
2022
2025 ARTS RESULT
EXAM CENTRE :- MPC COLLEGE
SMRUTISWARUPA MAHAKUD 10th - 540 & 12th - 551
PRERANA SINGH 10th - 467 & 12th - 547
SUBHASHREE MURMU 10th - 426 & 12th - 546
BHAWNA MOHANTA 10th - 532 & 12th - 545
RAJESH KU. SAHU 10th - 420 & 12th - 544
SONALI BEHERA 10th - 527 & 12th - 543
RAJESWARI BEHERA 10th - 502 & 12th - 538
GOURI RANI SOREN 10th - 341 & 12th - 537
PARBATI HEMBRAM 10th - 456 & 12th - 531
JANHABI BISWAL 10th - 509 & 12th - 526
2025 ADMISSION OPEN
S V M SHYAM CLASSES NEET / JEE / OUAT / NISER / IISER
BARIPADA, MAYURBHANJ
We Provide
1 Year Coaching for NEET / JEE / OUAT / NISER / IISER / ICAR
Integrated Coaching for Std. XI & XII Science
ଆମ କଲେଜରେ +୨ ବିଜ୍ଞାନ ଏବଂ କଳା ବିଭାଗରେ ଆଡମିଶନ ପାଇଁ ଯୋଗାଯୋଗ କରନ୍ତୁ ।
KAILASH CH.PUR, Kathapal NEAR RANGALAL H/S, BARIPADA, MBJ
9439667645, 9692393616, 9853886431
9658061929, 7008843378, 9583606816


GRAND SUCCESS
୨୦୨୪ +୨ ବିଜ୍ଞାନ ଏବଂ କଳା ଫଳାଫଳ ରେ ପୁଣିଥରେ ଐତିହାସିକ ସଫଳତା....
GRAND SUCCESS
PRINCE COLLEGE
The No.1 Residential College for- +2 SCIENCE +2 ARTS
କ୍ରମାଗତ ଭାବେ +୨ ବିଜ୍ଞାନ ରେ ଜିଲ୍ଲାରେ ପ୍ରଥମ ଏବଂ ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ
574 96%
SAGRAM MARNDI
MAYURBHANJ TOPPER
AMONG THE TOP 10 POSITION IN ODISHA
571 95%
GOUTTAM GIRI
MAYURBHANJ 2nd TOPPER
AMONG THE TOP 10 POSITION IN ODISHA
90% ABOVE - 33
80% ABOVE - 120+
1ST CLASS - 405
100% RESULT
OUR GLORIOUS 2025 +2 SCIENCE RESULT
96% SAGRAM MARANDI
95% GOUTTAM GIRI
94% SUMAN GOPE
94% MALAY KU. MOHANTA
94% SHUBHANKAR PATBANDHA
94% RUDRA P. MOHANTA
93% SHIMONTA R.SAHU
93% MOHIT KU.YADAV
93% BISHNUDEV BEHERA
93% JAYASMITA BEHERA
93% PANKAJINI BEHERA
92% BADARAM HANSDAH
92% MANAS R.JAMUDALIA
92% DEBASISH BEHERA
92% SUBHAM S.BEHERA
91% MANSING MAJHI
91% ADITYA N.SENAPATI
91% SATYA P. PRADHAN
91% BISHESH KU. ROUT
91% PUSPITA BEHERA
90% PRITIRANJAN MOHANTA
90% SUBODH KU. SAHU
90% DEEPANKAR SAHU
90% MAMATA SAHA
90% PADMANABHA HEMBRAM
90% SHAKTI P. MOHANTA
90% JYOTI P. MISHRA
90% SASMITA MOHANTA
90% SUSHREE S.PANDA
90% LIPSA RANI DHIR
90% TARUN KU. BEHERA
OUR GLORIOUS 2025 +2 ARTS RESULT
90% DEBASMITA BANSHULIA
90% LAXMIPRIYA BANSHULIA
87% KRISHNA MOHANTA
86% ANKITA BEHERA
85% IPSITA TUDU
84% SMRUTIREKHA CHANDA
82% ANMOL BISWAL
81% SANKAR PATRA
81% BHAGYASHREE GOCHHAYAT
81% SHUBHAM PATRA
80% SHRUTIREKHA MAJHI
80% JANGYANSENI NAYAK
80% SWAGATIKA MANDAL
79% PRIYANKA JENA
79% ANKITA SETHI
79% DULARI HEMBRAM
79% ABINASH MOHANTA
77% PRITILAGNA SAHU
And Many More..
OUR 2025 EXPECTED MEDICAL & IIT ACHIEVERS
OUR 1st Show
Expecting 7 Students Govt. MBBS Selection & 2 JEE Adv. Out of 12 Students in 2025
520 MAHAMAYA
520 DIBYALOCHAN
510 YOGAMAYA
510 ABHISHEK
500 ANJAN
490 HEMANGINI
400 GAGAN BIHARI
SAGRAM
Our 2025 JEE Main Qualifier
MANAS
BADARAM
PRINCE
+2 SCIENCE, +2 ARTS Admission
ଏବଂ NEET / JEE COACHING ପାଇଁ
ଯୋଗାଯୋଗ କରନ୍ତୁ...
BARIPADA
www.princecollege.in
BALASORE
City Office: Palbani, Debendrapur, Campus: Ramnagar
8895102045, 9937701648, 8763574700
Campus-1: Central School Square, Campus-2: Sunduri
8763403768, 9337687655, 9937701648

ସକାଳ
THE SAKALA

# ସମ୍ପାଦକୀୟ



ଗଣତନ୍ତ୍ର ଏପରି ଏକ ବ୍ୟବସ୍ଥା, ଯେଉଁଠାରେ କେହି କାହାର କ୍ରୀତଦାସ ନୁହେଁ କି କେହି ମାଲିକ ନୁହେଁ ।
-ଆବ୍ରାହାମ୍ ଲିଙ୍କନ୍

## ବହୁଦଳୀୟ ଦୂତ

ଭାରତ ବିରୋଧରେ ସୀମାପାର ଆତଙ୍କବାଦ ପାକିସ୍ତାନ ରାଷ୍ଟ୍ରୀୟ ରଣନୀତିର ଅଂଶବିଶେଷ। ପହଲଗାମ୍‌ରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବିଭେଦ ତଥା ବିଦ୍ୱେଷର ବୀଜ ବୁଣି ଭାରତର ଐକ୍ୟ ଓ ସଂହତିକୁ ବିପନ୍ନ କରିବାର ଯେଉଁ ପ୍ରୟାସ ପାକିସ୍ତାନ ପ୍ରରୋଚିତ ଆତଙ୍କବାଦୀଙ୍କ ଦ୍ୱାରା ହୋଇଥିଲା ତାହା ବିରୋଧରେ ଭାରତ ସରକାରଙ୍କ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ସଫଳ ହୋଇଛି ଏବଂ ଏଥିପ୍ରତି ଦଳ, ମତ, ଗୋଷ୍ଠୀ ଓ ସଂପ୍ରଦାୟ ନିର୍ବିଶେଷରେ ସମଗ୍ର ରାଷ୍ଟ୍ରର ନିରଙ୍କୁଶ ସମର୍ଥନ ମିଳିଛି। ଏହି ଦ୍ୱୈତ ସଫଳତା ବିଷୟରେ ବିଶ୍ୱବାସୀଙ୍କୁ ଅବଗତ କରାଇବାର ଆବଶ୍ୟକତା ମଧ୍ୟ ରହିଛି। ଆବଶ୍ୟକ ପଡ଼ିଲେ ଆତଙ୍କବାଦ ବିରୋଧରେ ଯୁଦ୍ଧ ଲଢ଼ିବାକୁ ଭାରତ ଯେ ପ୍ରସ୍ତୁତ ଅଛି ଏହି ବାର୍ତ୍ତା ଦେବା ସକାଶେ ବହୁଦଳୀୟ ପ୍ରତିନିଧିଙ୍କୁ ପ୍ରଭାବଶାଳୀ ରାଷ୍ଟ୍ରମାନଙ୍କର ରାଜଧାନୀ ଅଭିମୁଖେ ପ୍ରେରଣ କରାଯାଉଛି। ଏହା ନିଶ୍ଚୟ ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ପାକିସ୍ତାନ ବିଶ୍ୱ ଆତଙ୍କବାଦୀଙ୍କ ଏନ୍ତୁଡ଼ିଶାଳ - ଏକଥା ଭୁଲିଯାଉଥିବା ରାଷ୍ଟ୍ରକୁ ପୁଣି ଥରେ ସଚେତନ କରିବାର ଆବଶ୍ୟକତା ଉପଲବ୍ଧି ହୋଇଛି। ନ ହେଲେ ବଜାର ଓ ବାଣିଜ୍ୟ ଦାୟରେ ପାକିସ୍ତାନର କୁତ୍ସା ଓ ଅପପ୍ରଚାର ପ୍ରତି ବିଶ୍ୱାସ ବଢ଼ିଥା'ନ୍ତା। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ଦେଶର ଚରମ ପ୍ରତିଦ୍ୱନ୍ଦ୍ୱୀ ଚୀନର ନିକଟତମ ସହଯୋଗୀ ଓ ସମର୍ଥକ ରାଷ୍ଟ୍ର ପାକିସ୍ତାନ ପ୍ରତି ଏଭଳି ଅନୁକମ୍ପା ପ୍ରଦର୍ଶନ କରିନଥା'ନ୍ତେ। ଯୁଦ୍ଧ ବିରାମ ଘଟଣାକ୍ରମର ପୃଷ୍ଠଭାଗରେ ଟ୍ରମ୍ପଙ୍କ ପୁତ୍ର ଓ ଜାମାତାଙ୍କ ୬୦ ପ୍ରତିଶତ ଅଂଶଧନ ଥିବା ବିଟ୍‌କଏନ କମ୍ପାନୀ ସହ ପାକ୍ ସେନାଧ୍ୟକ୍ଷ ଜେନେରାଲ ଅସିମ ମୁନୀରଙ୍କ ସଂପର୍କ ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ହୋଇଛି।

ସମୟ ବଦଳିଛି। ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ଦିନକୁ ଦିନ କଠୋର ହେବାକୁ ଯାଉଛି। ଉରି ଓ ପୁଲୱାମା ଘଟଣା ପରେ ପହଲଗାମରେ ଆତଙ୍କବାଦୀଙ୍କ ବର୍ବରତା ବିରୋଧରେ 'ଅପରେସନ ସିନ୍ଦୂର' ଭଳି ନିର୍ଣ୍ଣାୟକ ଲଢ଼େଇ ଏହାର ପ୍ରମାଣ ଦେଇଛି। ଆଜାଦ କାଶ୍ମୀର ଓ ମୂଳ ପାକିସ୍ତାନର କେନ୍ଦ୍ରସ୍ଥଳରେ ଥିବା ସର୍ବମୋଟ ୯ଟି ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱସ୍ତ କରି ଭାରତ ବରଦାସ୍ତ କରିବାର ସୀମା ଅତିକ୍ରମ କରିଥିବା ସୂଚନା ଦେଇଛି। ଏଣିକି ଆତଙ୍କବାଦୀଙ୍କୁ ପାକିସ୍ତାନ ନିଜ ନିୟନ୍ତ୍ରଣରେ ନ ରଖିଲେ ଆଗକୁ ପରାଭବ କ'ଣ ହେବ ତାହାର ସୂଚନା ଦେଇଛି ସାମରିକ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ। ବହୁଦଳୀୟ ପ୍ରତିନିଧି ପ୍ରେରଣକୁ ନେଇ ଉପୁଜିଥିବା ବିବାଦୀୟ ପରିସ୍ଥିତିର ବହୁ ଊର୍ଦ୍ଧ୍ୱରେ ଏହି ନିଷ୍ପତ୍ତି। ଏକଥା ସତ୍ୟ ଯେ, ଆନ୍ତର୍ଜାତିକ ସ୍ତରରେ ଭାରତର ସମ୍ପର୍କ ଏବଂ କୂଟନୈତିକ ଓ ବାଣିଜ୍ୟିକ ନିବିଡ଼ତା ସତ୍ତ୍ୱେ ଏହି ବିବାଦୀୟ ପରିସ୍ଥିତିରେ ଆମେରିକାଠାରୁ ଭାରତ ପ୍ରତି ଯେଉଁ ସମର୍ଥନ ଓ ସହଯୋଗ ଆଶା କରାଯାଉଥିଲା ତାହା ମିଳିନାହିଁ। ଏହି ବିଫଳତା ପଛରେ ଯାହା ବି କାରଣ ଥାଉ ରାଷ୍ଟ୍ରୀୟ ପ୍ରସଙ୍ଗରେ ଆମେ ଯେ ଏକ ତାହାର ପ୍ରମାଣ ଦେବ ବହୁଦଳୀୟ ପ୍ରତିନିଧି ପ୍ରେରଣ ଓ କାର୍ଯ୍ୟକ୍ରମ।

ସରକାରଙ୍କ ଏହି ରଣକୌଶଳ କିଛି ନୂଆ କଥା ନୁହେଁ। ଯେଉଁମାନେ ଏହାକୁ ଏକ ଦୁର୍ବଳତା ବୋଲି ମନେ କରୁଛନ୍ତି ସେମାନେ ମନେ ରଖିବା ଉଚିତ ଯେ ୧୯୯୪ରେ ତତ୍କାଳୀନ ପିଭି ନରସିଂହ ରାଓ ସରକାର ବିରୋଧୀ ଦଳ ନେତା ଅଟଳବିହାରୀ ବାଜପେୟୀ ଓ ଫାରୁକ ଅବଦୁଲ୍ଲାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜେନିଭା ପଠାଇଥିଲା। ଜାତିସଂଘ ମାନବାଧିକାର କମିଶନରେ ପାକିସ୍ତାନ କାଶ୍ମୀର ପ୍ରସଙ୍ଗ ନେଇ ଉପସ୍ଥାପନ କରିଥିବା ପ୍ରସ୍ତାବର ଏହି ପ୍ରତିନିଧି ଦଳ ଉଚିତ ମୁକାବିଲା କରିଥିଲେ। ପାକିସ୍ତାନର ମିଥ୍ୟାର ଆବରଣକୁ ଏମାନେ ଖୋଲିଦେବାକୁ ସମର୍ଥ ହୋଇଥିଲେ। ସେହିଭଳି ମୁମ୍ବାଇରେ ୨୦୦୮ ନଭେମ୍ବର ୨୬ରେ ଘଟିଥିବା ଆତଙ୍କବାଦୀଙ୍କ ବୀଭତ୍ସକାଣ୍ଡ ବିରୋଧରେ ମନମୋହନ ସିଂହ ସରକାର ବହୁଦଳୀୟ ପ୍ରତିନିଧି ପଠାଇ ପାକିସ୍ତାନର ସଂପୃକ୍ତିକୁ ବିଶ୍ୱ ସମୁଦାୟ ନିକଟରେ ଉପସ୍ଥାପନ କରିଥିଲେ। ଏହାର ପ୍ରଭାବରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ ଉପରେ କଟକଣା ଏବଂ ପାକିସ୍ତାନକୁ ଆର୍ଥିକ ସହାୟତା ଉପରେ କଟକଣା ଲାଗିଥିଲା।

ଏକ ନିଷ୍ଠୁର ବାସ୍ତବତା ଯେ ବାସନ୍ଦ ଓ ପ୍ରତିବନ୍ଧକ ସତ୍ତ୍ୱେ ପାକିସ୍ତାନର ଆତଙ୍କବାଦୀ ସଂଗଠନଗୁଡ଼ିକ ନାମ ପରିବର୍ତ୍ତନ କରି ସେଠିକାର ସରକାରଙ୍କ ପ୍ରୋତ୍ସାହନରେ କାର୍ଯ୍ୟକଳାପ ଜାରି ରଖିଛନ୍ତି। ଏ ସମ୍ପର୍କରେ ଭାରତ ମିଳିତ ଜାତିସଂଘ କାର୍ଯ୍ୟାଳୟକୁ ପ୍ରାମାଣିକ ତଥ୍ୟ ସହ ଅବଗତ କରାଇବାକୁ ହେବ। ବିଶେଷକରି ଲସ୍କର-ଇ-ତୋଇବା ସଂଗଠନ ସହ ସଂଶ୍ଳିଷ୍ଟ ଟିଆରଏଫ ଗୋଷ୍ଠୀର ପହଲଗାମ ନରସଂହାରରେ ସଂପୃକ୍ତିର ପ୍ରମାଣ ମଧ୍ୟ ଉପସ୍ଥାପନ କରିବା ଉଚିତ। ଜେନେରାଲ ମୁନୀରଙ୍କ ବକ୍ତବ୍ୟର ଭିଡିଓରେ ଟିଆରଏଫ କଥା ଉଲ୍ଲେଖ ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ କି ପାକିସ୍ତାନର ବୈଦେଶିକ ମନ୍ତ୍ରୀ ବିଲୱାଲ ଭୁଟ୍ଟୋଙ୍କ ନେତୃତ୍ୱରେ ଅନୁରୂପ ଏକ ପ୍ରତିନିଧି ଦଳ ଭାରତ ବିରୋଧ ଆଭିମୁଖ୍ୟ ନେଇ ବିଦେଶ ଗସ୍ତରେ ଯାଉଥିବା ବେଳେ ଆମେ ଆଭ୍ୟନ୍ତରୀଣ ବିବାଦ ଓ ବିଦ୍ୱେଷରୁ ଊର୍ଦ୍ଧ୍ୱକୁ ଉଠି ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରକ୍ଷା କରିବା ଉଚିତ। ତେଣୁ ପ୍ରତିନିଧି ମନୋନୟନକୁ ନେଇ ଅଯଥା ରାଜନୀତି ହେବା ଉଚିତ ନୁହେଁ। ଆମ ପ୍ରସଙ୍ଗକୁ ଆନ୍ତର୍ଜାତିକ ସମୁଦାୟ ନିକଟରେ ଠିକଣାଭାବେ ଉପସ୍ଥାପନ କରିବାର ଦକ୍ଷତା ଥିବା ଯୋଗ୍ୟବ୍ୟକ୍ତି ପ୍ରତିନିଧି ମଣ୍ଡଳୀରେ ରହିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥରକ୍ଷା ଓ ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସଂପର୍କରେ ବିଶ୍ୱବାସୀଙ୍କୁ ଅବଗତ କରାଇବା ପାଇଁ ଏହି ଅଭିଯାନର ଯଥାର୍ଥତା ରହିଛି।

ଆମେ ଏଠାରେ କହି ରଖୁଛୁ ଯେ ମୋଦୀ ସରକାରଙ୍କ ସଫଳତା ଓ ବିଫଳତାର ଅଙ୍କ କଷିବା ସମୟ ଇଏ ନୁହେଁ। ଏକଥା ସତ ଯେ ମୋଦୀ ସରକାର ସବୁ ବିବାଦ ଓ ପ୍ରସଙ୍ଗରେ ବିରୋଧୀଦଳକୁ ଅନାଦର ଓ ହେୟ ମନେ କରି ଆସୁଥିବା ବେଳେ ଆଜି କାହିଁକି ଲୋଡୁଛନ୍ତି? ଏହାର ମଧ୍ୟ ଉତ୍ତର ଅଛି। ଆଗ ରାଷ୍ଟ୍ର, ତା' ପରେ ଯାଇ ରାଜନୀତି। ରାଷ୍ଟ୍ରର ବୃହତ୍ତର ସ୍ୱାର୍ଥ ସମ୍ମୁଖରେ ଉଭୟ ସରକାର ଓ ବିରୋଧୀଙ୍କୁ ଆମର ଅନୁରୋଧ ଯେ ସଂକୀର୍ଣ୍ଣ ରାଜନୀତି ଗଣ୍ଡିରୁ ବାହାରକୁ ଆସନ୍ତୁ। ଭାରତର ଆତଙ୍କବାଦ ନିରୋଧ କାର୍ଯ୍ୟକ୍ରମକୁ ବିଶ୍ୱ ଦରବାରରେ ପ୍ରଭାବୀ ଢଙ୍ଗରେ ଉପସ୍ଥାପନ କରନ୍ତୁ।

# ପ୍ରକୃତି, ପରିବେଶ ଓ ନ୍ୟାୟପାଳିକା

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଭାରତୀୟ ସମ୍ବିଧାନ ତିନୋଟି ଶାଖା ସହିତ ସଜ୍ଜିତ - ଆଇନ ତିଆରି କରିବା ପାଇଁ ବିଧିବ୍ୟବସ୍ଥା, ଆଇନ ପ୍ରବର୍ତ୍ତନ ପାଇଁ କାର୍ଯ୍ୟନିର୍ବାହୀ ବ୍ୟବସ୍ଥା ଏବଂ ଆଇନ ବ୍ୟାଖ୍ୟା କରିବା ପାଇଁ ନ୍ୟାୟପାଳିକା ବ୍ୟବସ୍ଥା। ଏହି ତିନୋଟି ଶାଖା, ନିଜ ନିଜ ଦାୟିତ୍ୱ ବିଷୟରେ ସଚେତନ ଏବଂ ଦେଶ ଓ ଦେଶବାସୀଙ୍କ ହିତ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଉଦ୍ଦିଷ୍ଟ। ଦୁର୍ଭାଗ୍ୟବଶତଃ, ଏପରି ଅନେକ ଉଦାହରଣ ଅଛି, ଭୁଲ ବ୍ୟାଖ୍ୟା କିମ୍ବା ଇଚ୍ଛାଶକ୍ତିର ଅଭାବ ହେତୁ ଆଇନକାନୁନର ନକାରାତ୍ମକ ପ୍ରଭାବ ପଡ଼ି ପ୍ରକୃତି ଓ ପରିବେଶକୁ ଅପୂରଣୀୟ କ୍ଷତି ପହଞ୍ଚିଥାଏ। ଖୁସିର କଥା, ନ୍ୟାୟପାଳିକା ଏଥିରେ ସୁଧାର ଆଣିବାକୁ ଜାଗ୍ରତପ୍ରହରୀ ଭୂମିକା ଗ୍ରହଣ କରେ। ଭାରତୀୟ ସମ୍ବିଧାନରେ ଏଦୃଷ୍ଟିରୁ ଯେଉଁ ସୁନ୍ଦର ବ୍ୟବସ୍ଥା ରହିଛି ତାହା ପ୍ରଶଂସନୀୟ।

ପ୍ରକୃତି ଓ ପରିବେଶର ଉପଯୁକ୍ତ ପରିଚାଳନା ପାଇଁ ଭାରତ ସରକାର ଜଳ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ -୧୯୭୪; ଜଙ୍ଗଲ (ସଂରକ୍ଷଣ) ଆଇନ -୧୯୮୦; ବାୟୁ (ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ) ଆଇନ -୧୯୮୧; ପରିବେଶ (ସୁରକ୍ଷା) ଆଇନ -୧୯୮୬; ଜୈବ ବିବିଧତା ଆଇନ -୨୦୦୨ ଇତ୍ୟାଦି ପ୍ରଣୟନ କରିସାରିଛନ୍ତି। ୧୬ ଏପ୍ରିଲ ୨୦୨୫ରେ ତେଲେଙ୍ଗାନା ସରକାର କାଞ୍ଚା ଗଛିବୋଉଲି ଅଞ୍ଚଳର ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ସୀମାରେ ୧୦୦ ଏକରରୁ ଅଧିକ ଜମିରୁ ଗଛ କାଟିବା ଏବଂ ସବୁଜ ଆବରଣ ହଟାଇବା ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଡ଼ା ଆପତ୍ତି ଉଠାଇଥିଲେ। ଏହି ଅଞ୍ଚଳଟି ଅସଂଖ୍ୟ ଉଦ୍ଭିଦ ଓ ପ୍ରାଣୀମାନଙ୍କର ଆବାସସ୍ଥଳ ଥିଲା ଏବଂ ସେମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି କିଛି ଅନୁସୂଚିତ ବର୍ଗର ବନ୍ୟଜୀବ। ସେହିପରି ଫେବୃଆରୀ ୨୦୨୪ ରେ ତେଲେଙ୍ଗାନାର ଅନ୍ୟ ଏକ ମାମଲାରେ ବିଚାରପତି ଏମ୍.ଏମ୍.ସୁନ୍ଦରେଶ ଓ ଏସ୍.ଭି.ଏନ୍.ଭଟ୍ଟିଙ୍କ ଏକ ଖଣ୍ଡପୀଠ ତେଲେଙ୍ଗାନାର ୱାରାଙ୍ଗଲ ଜିଲ୍ଲାର କମ୍ପାଲି ଗାଁରେ ୧୯୮୦ ଦଶକରୁ ଜଙ୍ଗଲ ଜମିକୁ ନିଜ ବ୍ୟକ୍ତିଗତ ବ୍ୟବହାର ପାଇଁ ଚେଷ୍ଟା କରୁଥିବା ଜଣେ ବ୍ୟକ୍ତିଙ୍କ ସହିତ ମିଶି କିଛି ସରକାରୀ ଅଧିକାରୀଙ୍କ ଅନୈତିକ ସହଯୋଗକୁ କଡ଼ା ସମାଲୋଚନା କରିଥିଲେ।

ସର୍ବୋଚ୍ଚ ନ୍ୟାୟାଳୟ ମେ' ୨୦୨୪ ରେ ଦିଲ୍ଲୀର ରିଜ୍ ଫରେଷ୍ଟ ଅଞ୍ଚଳରେ ଗଛ କାଟିବା ପାଇଁ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଅଦାଲତ ଅବମାନନା ମାମଲା ଆରମ୍ଭ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟିକୁ ଆସିଥିଲା ଯେ ଆରାବଳିର ଆଉଟକ୍ରପ୍-ଦକ୍ଷିଣ ଦିଲ୍ଲୀ ରିଜ୍ ସେକ୍ଟରରେ ୧୧ କିଲୋମିଟର ରାସ୍ତା ନିର୍ମାଣ ପାଇଁ ଗଛଗୁଡ଼ିକୁ ଅବାଧରେ କଟାଯାଇଛି। ଦିଲ୍ଲୀ ରିଜ୍ ହେଉଛି ଜାତୀୟ ରାଜଧାନୀ ଦିଲ୍ଲୀର ଉତ୍ତର ଆରାବଳି କଲରାପତରିଆ ବାଘ ବନ୍ୟପ୍ରାଣୀ କରିଡରରେ ଏକ ପର୍ବତ, ଯାହା ସହରର 'ସବୁଜ ଫୁସଫୁସ' ଭାବରେ କାର୍ଯ୍ୟ କରେ ଏବଂ ପଶ୍ଚିମରେ ରାଜସ୍ଥାନର ମରୁଭୂମିର ଗରମ ପବନରୁ ସହରକୁ ସୁରକ୍ଷା ଦିଏ। ଅନ୍ୟ ଏକ ମାମଲାରେ ୧୫ ମେ'୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟ ସରିସ୍କା ବ୍ୟାଘ୍ର ପ୍ରକଳ୍ପର ଏକ କିଲୋମିଟର ପରିଧି ମଧ୍ୟରେ ଥିବା ୧୧୦ ଖଣିରୁ ୬୮ଟିକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରିଥିବାରୁ ରାଜସ୍ଥାନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ।

ଅଗଷ୍ଟ ୨୦୨୩ରେ 'ୱାଇଲ୍ଡଲାଇଫ୍ ସୋସାଇଟି ଅଫ ଓଡ଼ିଶା' ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରି ପୂର୍ବାଞ୍ଚଳର ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଟାମ୍ପରା ହ୍ରଦ ଏବଂ ଏହାର ଆଖପାଖରେ 'ଅବୈଧ' ନିର୍ମାଣ ନକରିବାକୁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନ ଅନୁଯାୟୀ, ସୌନ୍ଦର୍ଯ୍ୟକରଣ ନାମରେ ଜଳରାଶି ଅଞ୍ଚଳ ଏବଂ ହ୍ରଦର ୫୦ ମିଟର ମଧ୍ୟରେ ସ୍ଥାୟୀ ନିର୍ମାଣରେ ରେଷ୍ଟୁରାଣ୍ଟ, ହୋଟେଲ, ରିସର୍ଟ ଓ କଟେଜ୍ ସହିତ ଅନେକ ସ୍ଥାୟୀ କଂକ୍ରିଟ୍ ନିର୍ମାଣ ଅନ୍ତର୍ଭୁକ୍ତ। ଗଞ୍ଜାମ ଜିଲ୍ଲାର ଟାମ୍ପରା ହ୍ରଦ ଦେଶର ସର୍ବବୃହତ ମନୋରମ ମଧୁର ଜଳ ହ୍ରଦ ମଧ୍ୟରୁ ଗୋଟିଏ। ୭୫୧ ଏକର ଜମିରେ ବିସ୍ତାରିତ ଏହି ହ୍ରଦ ଋଷିକୂଲ୍ୟା ନଦୀ ଅବବାହିକାରେ ଅବସ୍ଥିତ, ଯାହା ଅଲିଭ୍ ରିଡଲେ ସାମୁଦ୍ରିକ କଇଁଛଙ୍କ ପ୍ରମୁଖ ବସା ବାନ୍ଧିବା ଏବଂ ଅଣ୍ଡାଦାନ ଅଞ୍ଚଳ ମଧ୍ୟରୁ ଗୋଟିଏ। ଏହାକୁ କେନ୍ଦ୍ର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଆର୍ଦ୍ରଭୂମି ମାନଚିତ୍ର ବା ଆଟଲାସ୍‌ରେ ସ୍ଥାନିତ କରାଯାଇଛି ଏବଂ ୨୦୨୧ ମସିହାରୁ ଏହା ରାମସାର ଆର୍ଦ୍ର ଭୂମି ସ୍ଥଳର ମାନ୍ୟତା ପାଇଛି।

ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍‌ର ପୁଣେ ବେଞ୍ଚ ରାୟଗଡ଼ କଲେକ୍ଟରଙ୍କୁ ସିଡକୋ (ନଗର ଏବଂ ଶିଳ୍ପ ବିକାଶ ନିଗମ) କ୍ଷେତ୍ରାଧିକାର ମଧ୍ୟରେ ଥିବା ଗାଭନ କୋଲିୱାଡାରେ କେଗାଓଁ ବେଳାଭୂମିର ଇଣ୍ଟର ଟାଇଡାଲ୍ ଜୋନରେ ଅଭିଯୋଗ ଅନୁଯାୟୀ ହେନ୍ତାଳ ବୃକ୍ଷ କାଟିବା ଏବଂ ବର୍ଜ୍ୟବସ୍ତୁ ଜମା କରିବା ଉପରେ ଚାରି ସପ୍ତାହ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେଗାଓଁ ହେଉଛି ମହାରାଷ୍ଟ୍ରର ଉରାନ୍ ସହରର ଏକ ଅଞ୍ଚଳ, ଯାହା କୋଙ୍କଣ କ୍ଷେତ୍ରର ଅନ୍ତର୍ଭୁକ୍ତ। ୧ ଏପ୍ରିଲ ୨୦୨୫ ରେ ମହାରାଷ୍ଟ୍ର କ୍ଷୁଦ୍ର ପାରମ୍ପରିକ ମତ୍ସ୍ୟ ଶ୍ରମିକ ସଂଘ ଦ୍ୱାରା ଆନ୍ତଃ ଟାଇଡାଲ୍ ଜୋନର ବେଆଇନ ପୁନରୁଦ୍ଧାର, ହେନ୍ତାଳ ବନ ନଷ୍ଟ, ପୁନଃପ୍ରାପ୍ତ ଉଜତ-୧ ଜମିରେ ପାର୍କିଂ ସ୍ଥାନ ସୃଷ୍ଟି ଏବଂ ଅଣ-ଜୈବ ବିଘଟନଶୀଳ ଏବଂ ବିପଜ୍ଜନକ ଆବର୍ଜନା ଜମାର ପ୍ରମାଣ ଦାଖଲ କରାଯାଇଥିଲା, ଯାହାକୁ ଆଧାର କରି ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଥିଲେ।

ଉପକୂଳ ସୁରକ୍ଷା, ସମୁଦ୍ର ଜଳପତ୍ତନ ବୃଦ୍ଧି ପ୍ରତିହତ, ବିଶ୍ୱ ଉଷ୍ମତା ଏବଂ ଜଳବାୟୁ ପରିବର୍ତ୍ତନ ପ୍ରଭାବର ମୁକାବିଲା ପାଇଁ ଲୁଣା ଜଙ୍ଗଲ ବା ହେନ୍ତାଳ ବନ ଅଧିକ ଗୁରୁତ୍ୱପୂର୍ଣ୍ଣ। ୨୦୨୩ ମସିହାରେ ଆରମ୍ଭ ହୋଇଥିବା 'ମିଷ୍ଟି'(ମ୍ୟାଙ୍ଗ୍ରୋଭ୍ ଇନିଟିଏଟିଭ୍ ଫର ଶୋରଲାଇନ୍ ହାବିଟାଟ୍ ଆଣ୍ଡ ଟାଞ୍ଜିବଲ୍ ଇନ୍‌କମ୍‌ସ) ଯୋଜନା ଅଧୀନରେ, ହେନ୍ତାଳ ଜାତୀୟ ଲୁଣା ଜଙ୍ଗଲି ଚାରାରୋପଣକୁ ପ୍ରୋତ୍ସାହିତ କରାଯାଉଛି।

୨୦୨୪ ର ଗ୍ଲୋବାଲ୍ ଫରେଷ୍ଟ ୱାଚ୍ ରିପୋର୍ଟ ଅନୁଯାୟୀ, ୨୦୦୦ ମସିହାରୁ ଭାରତ ୨.୩୩ ନିୟୁତ ହେକ୍ଟର ବୃକ୍ଷ ଆବରଣ ହରାଇଛି। ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଏହାର ବିଚାର କରି ୨୦୦୦ ମସିହାରୁ ଭାରତରେ ଜଙ୍ଗଲ ପରିଧିର ସ୍ଥିତି ବିଷୟରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ 'ସର୍ଭେ ଅଫ ଇଣ୍ଡିଆ'କୁ ନିର୍ଦ୍ଦେଶ ଦେଇଥିଲା। ପରିବେଶ ସୁରକ୍ଷା ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ସହିତ ଜଡ଼ିତ ବିବାଦର ତ୍ୱରିତ ସମାଧାନ ପାଇଁ ଏକ ସାମ୍ବିଧାନିକ ସଂସ୍ଥା ଭାବରେ ୨୦୧୦ ମସିହାରେ ସମ୍ବିଧାନର ଧାରା ୨୧ ର ବ୍ୟବସ୍ଥା ଦ୍ୱାରା ନ୍ୟାଶନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା।

ପରିବେଶ, ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ସମ୍ବିଧାନର ଧାରା ୪୮ କ (୪୮ଇ) ନାଗରିକଙ୍କ ଜୀବନ ଅଧିକାର ସହିତ ସିଧାସଳଖ ଜଡ଼ିତ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଛନ୍ତି ଏବଂ ଦେଶ ଓ ବିଶ୍ୱକୁ ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ରକ୍ଷା କରିବା ପାଇଁ ଜଙ୍ଗଲକୁ ସୁରକ୍ଷା ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ସମ୍ବିଧାନର ଆଦର୍ଶବୋଧକୁ ସମ୍ମାନ ଜଣାଇ ଏହି ରାୟଗୁଡ଼ିକ ଦିଆଯାଇଛି। ବିବିଧ ଉଦ୍ଭିଦ ଏବଂ ପ୍ରାଣୀ ସମ୍ପଦକୁ ନେଇ ପ୍ରାକୃତିକ ପରିସଂସ୍ଥା ନିର୍ମାଣ ହୁଏ। ଧରିତ୍ରୀର ପରିସଂସ୍ଥୀୟ ସନ୍ତୁଳନ ଏକ ସ୍ଥିର ଏବଂ ନିରନ୍ତର ଭବିଷ୍ୟତ ନିର୍ମାଣ ପାଇଁ ଅପରିହାର୍ଯ୍ୟ। ମାନବ ଓ ସମାଜ କଲ୍ୟାଣ ପାଇଁ ପ୍ରକୃତି ଏବଂ ପରିବେଶକୁ ସୁରକ୍ଷା ଦେବା ହେଉଛି ରାଷ୍ଟ୍ର ଓ ନାଗରିକମାନଙ୍କର ନୈତିକ କର୍ତ୍ତବ୍ୟ। ଆମ ଗ୍ରହ, ଆମର ଦାୟିତ୍ୱ: ଏକ ସ୍ଥାୟୀ ଭବିଷ୍ୟତ ପାଇଁ ଏବେ କାର୍ଯ୍ୟ କରନ୍ତୁ।

(ସଭାପତି, ଓଡ଼ିଶା ପରିବେଶ ସମାଜ)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

# ଭୟମୁକ୍ତିର ବାଟ

**ଡ.ନିରଞ୍ଜନ ସାହୁ**

ଭୟ ମଣିଷ ଓ ଇତର ପ୍ରାଣୀ ସମସ୍ତଙ୍କଠାରେ ରହିଛି, ଯେଉଁଥିପାଇଁ ପ୍ରାଚୀନକାଳରୁ ଭାରତର ମୁନିଋଷିମାନେ କହି ଆସିଥିଲେ- 'ଆହାର, ନିଦ୍ରା, ଭୟ, ମୈଥୁନଞ୍ଚ ସାମାନ୍ୟମେତଦ୍ ପଶୁଭିଃ ନରାଣାଂ...।' ଅର୍ଥାତ୍ ଭୟ ମଣିଷ ସମେତ ପ୍ରାଣୀମାନଙ୍କର ଏକ ନିତ୍ୟ ପରିଦୃଷ୍ଟ ବିଭାବ। ଆଜିର ଆଲୋଚନା କେବଳ ମଣିଷକୈନ୍ଦ୍ରିକ।

ଶିଶୁବେଳେ ଅନ୍ଧାରକୁ ଭୟ, ପାଠପଢ଼ା ଆରମ୍ଭ ହେଉହେଉ ଦଣ୍ଡଭୟ (ଅବଶ୍ୟ ଏବେ ସରକାରୀ ସ୍କୁଲମାନଙ୍କର ସେ ଭୟ ଲୋପ ହୋଇଛି ଏବଂ ପାଠପଢ଼ା ହୁଗୁଳା ହେବାରୁ ପିଲାମାନଙ୍କର ବିପଥଗାମୀ ହେବାର ଭୟ ବୃଦ୍ଧି ଘଟିଛି), ଯୌବନରେ ସହପାଠୀମାନଙ୍କ ସହିତ ପ୍ରତିଯୋଗିତାରେ ସମକକ୍ଷ ହୋଇ ନ ପାରିବାର ଭୟ, ପ୍ରେମିକାଠାରୁ ପ୍ରତ୍ୟାଖ୍ୟାନର ଭୟ, କେବେ ପଶୁଭୟ ତ କେବେ ଚୋର ତସ୍କରର ଭୟ - ଏମିତି ଭୟର ବହୁବିଧ ଉପଦ୍ରବରେ ଉପଦ୍ରୁତ ଜୀବନ।

ଭୟ ଏକ ସାଧାରଣ ଅନୁଭବ, ଯାହା ପଛରେ ଥାଏ କିଛି ବିୟୋଗାନ୍ତକ ସମ୍ଭାବନା। ଅପରିସୀମ ତା'ର ବ୍ୟାପ୍ତି ଓ ବିସ୍ତୃତି। ରାତି ଦୁଇଟାରେ ଅଦୂରରେ ଥିବା ମୋବାଇଲରେ ଟିଂ ହେବ ଦୁଇତିନିଥର- ନିଦ ଭାଙ୍ଗିଯିବ। ଏତେ ରାତିରେ କିଏ କାହିଁକି ବା ଫୋନ୍ କଲା? କିଛି ଅସୁବିଧା ହୋଇନାହିଁ ତ କାହାରି? ଏମିତି ଦୁଶ୍ଚିନ୍ତାରେ ଯନ୍ତ୍ରଚାଳିତ ଭାବରେ ନିଜକୁ ଠେଲି ଦେଇ ଉଠିଯିବେ ମୋବାଇଲ ନିକଟକୁ। ହେଲେ ଦେଖିବେ କିଛି ଅଜ୍ଞାତ ନମ୍ବରରୁ ଆସୁଥିବା ଫୋନ୍।

ଭୟ କୁଆଡ଼େ ଆମକୁ ବିବ୍ରତ କରେ, ଆମକୁ ମାନସିକ ସ୍ତରରେ ଆଘାତ କରାଏ, ଦୁର୍ବଳ କରାଏ ଆଉ ଆମର ବ୍ୟକ୍ତିତ୍ୱ, ବିକାଶରେ ଅନ୍ତରାୟ ସୃଷ୍ଟି କରେ। ଯେକୌଣସି କାମ ମନକୁ ଆସିଲେ ଆମେ ତା'ର ଭଲ ମନ୍ଦ ଉଭୟ ବିବେଚନା କରନ୍ତି। ବହୁଦିନରୁ ଆମକୁ କୁହାଯାଇଛି - 'ଉପାୟ ଚିନ୍ତୟେତ, ପ୍ରାଜ୍ଞ ଅପାୟମ ଅପିଚିନ୍ତୟେତ'। ସେଇ କଥାକୁ ଆଧୁନିକ ପରିଚାଳନା ବିଜ୍ଞାନରେ କୁହାଯାଉଛି ସ୍ୱଟ୍(ଏସ୍‌ଡବ୍ଲୁଓଟି)ଆନାଲିସିସ୍ - ଅର୍ଥାତ୍ ଷ୍ଟ୍ରେଙ୍ଗଥ, ୱିକନେସ୍, ଅପରଚ୍ୟୁନିଟି ଓ ଥ୍ରେଟ୍। ଯେତେବେଳେ କୌଣସି କାମ କରିବା ପୂର୍ବରୁ ଆମର ପ୍ରସ୍ତୁତି ଆବଶ୍ୟକ, ସେତେବେଳେ ଆମେ ଅନୁଶୀଳନ କରନ୍ତି ଆମର ସାମର୍ଥ୍ୟ, ଦୁର୍ବଳତା, ସୁଯୋଗ ଏବଂ ସମ୍ଭାବ୍ୟ ନକାରାତ୍ମକ ପରିସ୍ଥିତି ବିଷୟରେ। ବାସ୍ତବରେ ଆମର ଭୟଭାବ ହିଁ ଆମକୁ ପ୍ରେରଣା ଦିଏ ପ୍ରସ୍ତୁତିରେ ଅଧିକ କେନ୍ଦ୍ରୀଭୂତ ହେବା ପାଇଁ। ଏଥିପାଇଁ ବୋଧହୁଏ ଆମର ଗୁରୁଜନମାନେ କହୁଥିଲେ ଭୟ ନାହିଁ ତ ଜୟ ନାହିଁ। ଯେତେବେଳେ ପ୍ରସ୍ତୁତିରେ ହେଳା ଥାଏ କିମ୍ବା ଢିଲାପଣ ସେତେବେଳେ ଭୟର ଛାୟା ହୋଇଥାଏ ପ୍ରଲମ୍ବିତ।

ଭୟ କେବଳ ସାଧାରଣ ଲୋକଙ୍କର ସହଚର ନୁହେଁ। ବହୁ କ୍ଷମତାଶାଳୀ କିମ୍ବା ଅର୍ଥଶାଳୀ ବି କମ୍ ଶିକାର ହୁଅନ୍ତି ନାହିଁ ଭୟରୁ। ସେଥିପାଇଁ କିଏ ମନ୍ତ୍ର ଯନ୍ତ୍ର ତନ୍ତ୍ରର ସାହାଯ୍ୟ ନିଅନ୍ତି ତ କିଏ ପୁଣି ପୂଜାପାର୍ବଣରେ ମାତନ୍ତି, ଦାନଧର୍ମର ସାହାଯ୍ୟ ନେଇ ନିଜର ଅତୁଟ ଐଶ୍ୱର୍ଯ୍ୟ ପାଇଁ ଓଷାବ୍ରତ କରନ୍ତି। ଅନେକ କଥା ଆମକୁ ଶିଖାଇ ଦିଆହୋଇଛି ପିଲାଦିନୁ। ଅମୁକ ସ୍ୱପ୍ନ ଦେଖିଲେ ଅଶୁଭ- ଘରୁ ବାହାରିଗଲା ବେଳେ ଅମୁକ ଅମୁକ ଦେଖିଲେ ଫଳ ଭଲ ହେବନାହିଁ। ପେଚା ରାତିରେ ରାବିଲେ କିଛି ଅଘଟଣ ଘଟିବାର ଆଶଙ୍କା ତ ବାମ ଆଖି ଦି ଚାରି ଥର ଫରଫର ହେଲେ ଲାଗିବ କିଛି କ୍ଷତି ସହିବାର ଅଛି ବା ଘଟିବାକୁ ଯାଉଛି କିଛି ଅମର୍ଯ୍ୟାଦାକର। ଅବଶ୍ୟ ଏଇ ତତ୍ତ୍ୱଗୁଡ଼ିକ ପଛରେ ସେମିତି ବୈଜ୍ଞାନିକ କାରଣ ନାହିଁ। ସେଗୁଡ଼ିକ ଆମର ପରମ୍ପରା ଭିତରେ ରହିଯାଇଥିବାରୁ ଆମର ମନକୁ ଦୁର୍ବଳ କରାନ୍ତି ଏବଂ ସ୍ୱାଭାବିକ ଭାବରେ ଆମର ଆତ୍ମବିଶ୍ୱାସ ହାନିର କାରଣ ପାଲଟନ୍ତି। ଭୟରୁ ବ୍ୟସ୍ତ ନ ହୋଇ ଭୟର କାରଣ କ'ଣ ହୋଇପାରେ ତାହା ଜାଣିବା ଏବଂ ସେଥିପାଇଁ ଆମର ପ୍ରସ୍ତୁତି ଅଧିକ ରହିଲେ ଆପେ ଆପେ ଆମର ଆତ୍ମବିଶ୍ୱାସ ବୃଦ୍ଧି ହୁଏ।

ଜାପାନରେ ଗୋଟିଏ କଥା ଅଛି, ଯାହାକୁ କୁହାଯାଏ ଟ୍ରାଇସ୍କାଇଡେକା ଫୋବିୟା। ଏହା ହେଉଛି 'ତେର'କୁ ନେଇ ପ୍ରଚଳିତ ବହୁ ଭୟଙ୍କର ଉପକଥା। 'ତେର'କୁ ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ଅଶୁଭ ବୋଲି ମାନ୍ୟତା ଦିଆଯାଏ। ତେଣୁ ବହୁତଳ ହର୍ମ୍ୟମାନଙ୍କରେ ତ୍ରୟୋଦଶ ମହଲା ରଖାଯାଏ ନାହିଁ। ସେଠାରେ ବାର ମହଲା ପରେ ଚଉଦ ମହଲା। କାରଣ ସେଠାରେ ରହିବାକୁ ଅତିଥିମାନେ ଚାହାନ୍ତି ନାହିଁ। ଅନେକ ହୋଟେଲରେ 'ତେର ନମ୍ବର' କୋଠରି ନଥାଏ ସେହି କାରଣରୁ।

ଅନେକ ବର୍ଷ ତଳେ ଭୁବନେଶ୍ୱରର ଏକ ଅଞ୍ଚଳରେ ବାସଗୃହ ଆବଣ୍ଟନ କରାଯାଉଥିଲା ଲଟେରୀ ମାଧ୍ୟମରେ। ଗୋଟିଏ ଏମିତି ଅଶୁଭ ନମ୍ବର ପ୍ଲଟଟିଏ ପଡ଼ିଲା ଜଣେ ଅତି ବିଶିଷ୍ଟ ବ୍ୟୁରୋକ୍ରାଟ୍‌ଙ୍କ ଭାଗ୍ୟରେ। ତହୁଁ ସେ ପରଦିନ ଡାଇରେକ୍ଟର ଇଷ୍ଟେଟଙ୍କୁ ଡକାଇ କହିଲେ, 'କିହୋ ତମେ ଏମିତି ଲଟେରୀ କରେଇଲ ଯେ ମୋ କପାଳରେ ପଡ଼ିଲା ଶହେତେର। ମୋର ପତ୍ନୀ ଖୁବ୍ ବିରକ୍ତ। ତମେ ତା'ର ସମାଧାନ କର। ତା'ପରେ ଦେଖାଗଲା ସେଇ ପ୍ଲଟର ନମ୍ବର ହୋଇଯାଇଛି ୧୧୨(ଏ)। କଥାରେ କହନ୍ତି ମଣିଷର ମନ ହେଉଛି ମାଙ୍କଡ଼ ସାଙ୍ଗରେ ସମାନ। ତା'କୁ ଠିକ୍ ବୁଝେଇ ଦେବା ଦରକାର। ସେଇ ଏକା ପ୍ଲଟ ୧୧୩ ହୋଇଥିଲେ ମଣିଷକୁ ଅଡୁଆ ଲାଗେ। ମାତ୍ର ୧୧୨ (ଏ) ହୋଇଗଲେ ରିଷ୍ଟ କଟିଯାଏ। ଭୟକୁ ବେଳେ ବେଳେ ଗୋଟିଏ ଅସ୍ତ୍ର ଭାବରେ ବି ବ୍ୟବହାର କରାଯିବା ଜରୁରୀ। ଗୋଟିଏ ଥାନାରେ ନୂଆକରି ଯୋଗ ଦେଉଥିବା ଅଧିକାରୀ ଜାଣିଥା'ନ୍ତି ଯେ ସେ ସବୁ ଅଞ୍ଚଳକୁ ନିଜର ପୁଲିସ ଫଉଜ ଦ୍ୱାରା ଶାସନ କରିପାରିବେ ନାହିଁ। ତେଣୁ ଭୟ ସୃଷ୍ଟି କରିବାକୁ ଚେଷ୍ଟା କରନ୍ତି। ଯଦି ସେଇଥିରେ ସଫଳ ହୋଇଯାଆନ୍ତି ତା'ହେଲେ ତାଙ୍କର ସମୟଟି ସୁରୁଖୁରୁରେ ଯାଏ।

ହଜାରେରୁ ଅଧିକ ବର୍ଷତଳେ କବି ଭର୍ତ୍ତୃହରି ଭୟ ବିଷୟରେ ଯାହା ତାଙ୍କର ବୈରାଗ୍ୟ ଶତକରେ ଲେଖିଥିଲେ ତାହା ଆଜିଯାଏ ବି ପର୍ଯ୍ୟାପ୍ତ ଅନୁଭୂତ ହୁଏ।

'ଭୋଗେ ରୋଗଭୟଂ କୁଳେ ଚ୍ୟୁତି ଭୟଂ ବିତ୍ତେଉନୃପାଳାଦ ଭୟଂ / ମାନେ ଦୈନ୍ୟଭୟଂ ବଳେ ରିପୁଭୟଂ ରୂପେ ଜରାୟାଭୟଂ / ଶାସ୍ତ୍ରେ ବାଦୀ ଭୟଂ ଗୁଣେ ଖଳ ଭୟଂ କାଳେ କୃତାନ୍ତଦ ଭୟଂ / ସର୍ବବସ୍ତୁ ଭୟାନ୍ୱିତଂ ଭୁବିନୃଣାଂ ବୈରାଗ୍ୟମେବାଭୟମ୍।'

ଦୁନିଆର ପ୍ରତ୍ୟେକ ବସ୍ତୁରେ ଭୟ ଲାଗି ରହିଛି। ଭୟ ଅନତିକ୍ରମଣୀୟ। ଆଉ ତା'ର ଉତ୍ପୀଡ଼ନ ଅବର୍ଣ୍ଣନୀୟ। କେବଳ ଆପଣ ଯଦି ବୈରାଗ୍ୟ ଆଶ୍ରୟୀ ହୁଅନ୍ତି ତେବେ ଆପଣଙ୍କୁ କେବେ ବି ଭୟ ଛୁଇଁ ପାରିବ ନାହିଁ। କେବଳ କର୍ମ କରିଚାଲିଥିବ। ଫଳାଶ୍ରୟୀ ନ ହେଲେ ଆପଣଙ୍କୁ ଭୟର ଉପଦ୍ରବ ଭୋଗିବାକୁ ପଡ଼ିବ ନାହିଁ।

(ପୂର୍ବତନ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ଭାରତୀୟ ଭାବଧାରାର ଦାର୍ଶନିକ: ବାଗ୍ମୀ ବିଶ୍ୱନାଥ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ଉତ୍କଳ ସାହିତ୍ୟ ପତ୍ରିକାର ସୁପ୍ରସିଦ୍ଧ ସମ୍ପାଦକ ଭାବରେ ବାଗ୍ମୀ ବିଶ୍ୱନାଥ କରଙ୍କ ମହନୀୟ ଅବଦାନ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇରହିଛି ଓଡ଼ିଆ ସାହିତ୍ୟର ଇତିହାସରେ ଏବଂ ପ୍ରତ୍ୟେକ ସଚେତନ ଓଡ଼ିଆ ପାଠକମାନଙ୍କ ହୃଦୟରେ। କେତେ ଯେ କବି ଲେଖକଙ୍କୁ ସେ ନିଜ ପତ୍ରିକା ସହିତ ସଂଯୁକ୍ତ କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧିଶାଳୀ କରିଛନ୍ତି ତାହାର ଆକଳନ କରିବା ଦୁରୂହ ବ୍ୟାପାର। ସେ ଯେ କେବଳ ବଳିଷ୍ଠ କଣ୍ଠସ୍ୱରରେ ଉଦ୍‌ବୋଧନ ଦେଇ ପାରୁଥିଲେ, ଶକ୍ତିଶାଳୀ ଲେଖନୀ ମୁନରେ ପତ୍ରିକା ସମ୍ପାଦନା କରି ପାରୁଥିଲେ, ସେତିକି ନୁହେଁ। ସେ ନିଜେ ମଧ୍ୟ ଥିଲେ ଜଣେ ଶ୍ରେଷ୍ଠ ଗଦ୍ୟଶିଳ୍ପୀ, ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ। ପତ୍ରିକା ସମ୍ପାଦନାରେ ନିଜକୁ ଉତ୍ସର୍ଗ କରି ଦେଇଥିବା ବିଶ୍ୱନାଥ କର ଅଧିକ ପୁସ୍ତକ ରଚନା କରିପାରି ନ ଥିଲେ। ତାଙ୍କର 'ବିବିଧ ପ୍ରବନ୍ଧ' ଏପରି ଏକ ଚେତନା ଉଦ୍ରେକକାରୀ ସଂକଳନ, ଯାହା ଯେକୌଣସି ଯୁଗରେ ଆହ୍ୱାନଧର୍ମୀ କୃତି ଭାବରେ ନବଚେତନା-ସୃଷ୍ଟି-କ୍ଷମ ବିବେଚିତ ହେବା ସୁନିଶ୍ଚିତ।

ବିଶ୍ୱନାଥ କର ଥିଲେ ସଂସ୍କାରଧର୍ମୀ ମନୋଭାବ-ସମ୍ପନ୍ନ। ତଦନୁଯାୟୀ ତାଙ୍କ ପ୍ରବନ୍ଧର ବିଷୟବସ୍ତୁ ପରକଳ୍ପିତ ଓ ଉପସ୍ଥାପିତ। କୁସଂସ୍କାରଗ୍ରସ୍ତ ସମାଜକୁ ପରିଶୀଳିତ, ପରିମାର୍ଜିତ କରିବା ପାଇଁ ବଙ୍ଗ ପ୍ରଦେଶରେ ଯେଉଁ ନୂତନ ଉଦ୍ଦୀପନା ସୃଷ୍ଟି ହୋଇଥିଲା ବିଶ୍ୱନାଥ ତା'ଦ୍ୱାରା ଅନୁପ୍ରାଣିତ ହୋଇଛନ୍ତି। ବିଧବା ବିବାହ, ମଦ୍ୟପାନ ନିବାରଣ, ନାରୀ ସ୍ୱାଧୀନତା ଆଦି ବିଭିନ୍ନ ବିଷୟରେ ଓଡ଼ିଶାରେ ମଧ୍ୟ ନବଜାଗରଣର ତରଙ୍ଗ ଶିକ୍ଷିତ ଗୋଷ୍ଠୀଙ୍କୁ ସ୍ପର୍ଶ କରୁ, ଏହା ହିଁ ଥିଲା ତାଙ୍କ ପ୍ରବନ୍ଧ ରଚନାର ଆଭିମୁଖ୍ୟ। କି ବ୍ୟାପକ ଥିଲା ତାଙ୍କ ଚିନ୍ତନ ଓ ମନନର ପରିସର! କି ବିପୁଳ ଇଚ୍ଛାଶକ୍ତିରେ ସେ ଥିଲେ ସୁଦୃଢ଼! ଏହା ବ୍ୟତିରେକେ ରଚନା ପ୍ରଭାବଶାଳୀ ହେବା କେବେହେଲେ ସମ୍ଭବ ନୁହେଁ।

ବିଶ୍ୱନାଥ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ। ଏହା ତାଙ୍କ ଈଶ୍ୱର ଉପାସନାର ଅଭିନ୍ନ ମାର୍ଗ ତ ଥିଲା ନିଶ୍ଚୟ। ମାତ୍ର ସେ ଏହାରି ମାଧ୍ୟମରେ ସାମାଜିକ ପରିବର୍ତ୍ତନ ପାଇଁ ସ୍ୱକୀୟ ପ୍ରତିଶ୍ରୁତିବଦ୍ଧତାର ପରିଚୟ ଦେଇଛନ୍ତି। ସେ ହୃଦୟଙ୍ଗମ କରି ପାରିଥିଲେ ଏକ ନିଗୂଢ଼ ସତ୍ୟ। ତାହା ହେଲା ମଣିଷର ବିଶେଷତ୍ୱ ହେଉଛି ସେ ଆତ୍ମିକ ସତ୍ତାର ଅଧିକାରୀ। ମଣିଷର ବିକାଶ ତେଣୁ ଅସରନ୍ତି। ଶ୍ରୀଅରବିନ୍ଦ ଦର୍ଶନରେ ଏହି ନିଗୂଢ଼ ସତ୍ୟ ମର୍ମରିତ। ଶ୍ରୀଅରବିନ୍ଦ ଉପଲବ୍ଧି କରିଥିଲେ ଯେ ମଣିଷ ନିକଟରେ ରହିଛି ଚୈତ୍ୟସତ୍ତା ଏବଂ ଏହାର ବିକାଶ ସର୍ବଦା ରହିଥାଏ ଅବ୍ୟାହତ, ଅପ୍ରତିହତ। ସେହି ଅନ୍ତଃସତ୍ୟ ଉପରେ ବିଶ୍ୱନାଥଙ୍କ ବିଶ୍ୱାସ ସୁପ୍ରତିଷ୍ଠିତ। ଅପରପକ୍ଷରେ ଏପରି ମନ୍ଦ ପୈଶାଚିକ ସତ୍ତା ରହିଛନ୍ତି ଯେଉଁମାନେ ମଣିଷକୁ ପଥଭ୍ରଷ୍ଟ କରି ଦିଅନ୍ତି। 'ରାକ୍ଷସୀ ଲୀଳା' ପରି ପ୍ରବନ୍ଧରେ ଏପରି ଅବତାରଣାର କାରଣ ହେଉଛି ତାହାକୁ ଅତିକ୍ରମ କରିଯିବାର ଅଲୌକିକ ଦ୍ୟୁତି ମାନବାତ୍ମାରେ ପ୍ରଚ୍ଛନ୍ନ। ମଣିଷକୁ ଯଥାର୍ଥ ମାର୍ଗରେ ଅଗ୍ରସର କରାଇନେବାରେ ଜାଗ୍ରତ ରହିଛନ୍ତି ସ୍ୱୟଂ ଭଗବାନ। ନିଜ ସମାଜ ଓ ଦେଶକୁ ଅସତ ଶକ୍ତି ପ୍ରଭାବରୁ ମୁକ୍ତ କରିବା ପାଇଁ ପ୍ରାବନ୍ଧିକ ସିଧାସଳଖ ଦେଇଛନ୍ତି ଆହ୍ୱାନ। 'ଅନନ୍ତ ପ୍ରେମ' ଶୀର୍ଷକ ପ୍ରବନ୍ଧରେ ସେ ବର୍ଣ୍ଣନା କରିଛନ୍ତି, ପ୍ରେମଶୂନ୍ୟ ହୃଦୟ ପ୍ରେତ ପିଶାଚର ଲୀଳାସ୍ଥଳୀ। ପ୍ରେମାନୁଭବ ହିଁ ମଣିଷର ଅନ୍ତରକୁ ବିକଶିତ କରିଦିଏ ସାର୍ଥକ ଭାବରେ। 'ସାଧନା ଓ ସିଦ୍ଧି' ଲେଖାଟିରେ ସେ ଦର୍ଶାଇ ଦେଇଛନ୍ତି, ଜୀବନ କେବେ ହେଲେ ଉଦ୍ଦେଶ୍ୟବିହୀନ ହୋଇ ନ ପାରେ। ବିଶ୍ୱ-ନିଧାନଙ୍କୁ ଉପଲବ୍ଧି କରିପାରିଲେ କର୍ତ୍ତବ୍ୟର ପଥ ସୁସ୍ପଷ୍ଟ ହୋଇଉଠେ।

ଜୀବନ ଯେପରି ସୀମାହୀନ, ବିଶ୍ୱନାଥଙ୍କ ଭାବନା ମଧ୍ୟ ସେପରି ଅନ୍ତଃହୀନ। ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଅନୁଭବ ପ୍ରଦାନ କରିପାରେ ତାହା ଗଭୀର ଭାବରେ। ସ୍ୱାଧୀନ ଚିନ୍ତା, ସ୍ତ୍ରୀ ଶିକ୍ଷା, ମହାସ୍ରୋତ, ଅନନ୍ତ ପ୍ରେମ, ସାହିତ୍ୟ ଓ ଜୀବନ ପରି ବହୁ ବିଷୟରେ ତାଙ୍କ ହୃଦୟ କିପରି ଆଲୋଡ଼ିତ ହେଉଥିଲା ନିରନ୍ତର ତାହା ଭାବିଲେ ବିସ୍ମିତ ହେବାକୁ ପଡ଼ିଥାଏ। ସେହିପରି ସ୍ୱଦେଶ ସମ୍ପର୍କିତ ତାଙ୍କ ଚିନ୍ତାଧାରା କେତେ ଉଦାର, ମହତ ଓ କଲ୍ୟାଣକର ତାହା ବାରମ୍ବାର ଚର୍ଚ୍ଚିତ ହେବା ଆବଶ୍ୟକ। ଯେତେବେଳେ ସମଗ୍ର ଭାରତବର୍ଷରେ ଏକତା ଓ ଅଖଣ୍ଡତା ପ୍ରତି ଆମର ଶ୍ରଦ୍ଧା ହୋଇଉଠେ ସବୁଠାରୁ ଶ୍ରେଷ୍ଠ, ସେତେବେଳେ ସମସ୍ତ ପ୍ରକାର ସଂକୀର୍ଣ୍ଣତାରୁ ଆମକୁ ଯେ ମୁକ୍ତ ହେବାକୁ ପଡ଼ିବ -ଏହି ସନ୍ଦେଶ ପ୍ରଦାନ କରିବାରେ ବିଶ୍ୱନାଥଙ୍କ ଆନ୍ତରିକତା ହୋଇ ଉଠିଛି ଆକାଶଚୁମ୍ବୀ। ପ୍ରତିଟି ଶ୍ରଦ୍ଧାଶୀଳ ପାଠକ ହୃଦୟରେ ଭାରତୀୟ ଭାବଧାରାର ସ୍ରୋତ ସୃଷ୍ଟି କରିବାରେ ତାଙ୍କ ଭୂମିକା ବାସ୍ତବିକ ଅନନ୍ୟ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଶିମିଳିପାଳରୁ ଧରାପଡିଲେ ପୁଣି ୨ ଶିକାରୀ; ବନ୍ଧୁକ ଜବତ



ବାରିପଦା, ୨୧।୫(ସମିସ): ଶିମିଳିପାଳ ଅଭୟାରଣ୍ୟରୁ ପୁଣି ବୁଧବାର ୨ ଜଣ ଶିକାରୀଙ୍କୁ ବନ ବିଭାଗ ଧରିବାରେ ସଫଳ ହୋଇଛି। ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ଅଭୟାରଣ୍ୟରେ ଲଗାଯାଇଥିବା ଏଆଇ କ୍ୟାମେରା ସହାୟତାରେ ପୁଣି ଶିକାରୀ ଧରା ପଡିଛନ୍ତି। ଶିମିଳିପାଳ ବନାଞ୍ଚଳକୁ ବୁଦ୍ଧିମତା ନେଟୱର୍କ (ଏସଡବ୍ଲୁଆଇଏନ) ପରି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଶିକାରୀଙ୍କୁ ଧରିବାକୁ ବନ ବିଭାଗ ପ୍ରୟାସ ସଫଳ ହୋଇଛି। ଗିରଫ ଶିକାରୀମାନେ ହେଲେ ଉଦଳା ଥାନା ଅନ୍ତର୍ଗତ ପାଟସାଣିପୁର ଅଞ୍ଚଳର ହାତୀକୋଟ ଗ୍ରାମର ଗୋପାଳ ସୋରେନ ଓ ମଙ୍ଗଳ ସିଂ। ବନ୍ୟଜନ୍ତୁ ଶିକାର କରିବା ଉଦ୍ଦେଶ୍ୟରେ ଦଳବଦ୍ଧ ହୋଇ ମାରାଖାସ୍ତ ଧରି ଶିମିଳିପାଳ ଅଭୟାରଣ୍ୟର କୋର ଅଞ୍ଚଳ ମଧ୍ୟକୁ ପ୍ରବେଶ କରିଥିଲେ। ଫଳରେ ସେମାନଙ୍କ ଫଟୋ ଏଆଇ କ୍ୟାମେରାରେ କଏଦ ହୋଇଥିଲା। ଯାହାକୁ ଆଧାର କରି ଯାଞ୍ଚ ପ୍ରକ୍ରିୟା କରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଡିଭିଜନ କର୍ମଚାରୀ ତଦ୍ରୁପ କରିଥିଲେ। ଶିକାରୀଙ୍କୁ ଗିରଫ କରି ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି।

### ବାରଣ୍ଡାରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ଘଟଣା

# ତାମିଲନାଡୁରୁ ହତ୍ୟାକାରୀ ପ୍ରେମିକ ଗିରଫ

ବାରିପଦା, ୨୧।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର ଏକ ଘର ବାରଣ୍ଡାରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ହତ୍ୟାକାରୀ ପ୍ରେମିକ ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର କାର୍ତ୍ତିକେଶ୍ୱର ସିଂ ଓରଫ କାଲୋକୁ ତାମିଲନାଡୁରୁ ପୁଲିସ ଗିରଫ କରିବାରେ ସଫଳ ହୋଇଛି। ଏ ନେଇ ବୁଧବାର ବାରିପଦା ସଦର ଥାନା ପରିସରରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦୀପକ କୁମାର ଗୋଛାୟତ ସୂଚନା ଦେଇଛନ୍ତି। ମୃତ ମହିଳା ଜଣକ ହେଲେ ବରଗୁଡ଼ପୁର ଅଞ୍ଚଳର ସମ୍ଭାରୀ ସିଂ। ସେ ପୂର୍ବରୁ ଦୁଇଟି ବିବାହ କରିଥିବା ବେଳେ ତାଙ୍କର ପୁଅ ଓ ଝିଅ ଅଛନ୍ତି। ତେବେ ହତ୍ୟାକାଣ୍ଡର କିଛି ଦିନ ପୂର୍ବରୁ ତାଙ୍କ ଭଉଣୀ ଚାନ୍ଦମଣି ମୁଣ୍ଡାଙ୍କ ପାଖରେ ଦାମୋଦରପୁର ସ୍ଥିତ ଭଡ଼ା ଘରେ ରହୁଥିଲେ। ଉଭୟ ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ।



ଏହି ସମୟରେ ସମ୍ଭାରୀଙ୍କ କାର୍ତ୍ତିକେଶ୍ୱର ସିଂ ସହିତ ପ୍ରେମସମ୍ପର୍କ ଗଢି ଉଠିଥିଲା। ତେବେ କୌଣସି କାରଣ ପାଇଁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା; ଯାହାକୁ ନେଇ ଗତ ମାର୍ଚ୍ଚ ୨୬ ତାରିଖରେ କାର୍ତ୍ତିକେଶ୍ୱର ଏକ ଇଟାରେ ସମ୍ଭାରି ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ଫଳରେ ପ୍ରବଳ ରକ୍ତସ୍ରାବ ହୋଇ ସମ୍ଭାରିଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଭଉଣୀ କିଳିମ୍ପିତ ରାତିରେ ଘରକୁ ଫେରିବା ବେଳକୁ ବାରଣ୍ଡାରେ ଭଉଣୀ ସମ୍ଭାରୀର ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ସକାଳେ ସେ ବାରିପଦା ସଦର ଥାନାରେ ଅଭିଯୋଗ କରିଥିଲେ। ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନେତୃତ୍ୱରେ ଏକ ସାଇଣ୍ଟିଫିକ ଟିମ ସହାୟତାରେ ବାରିପଦା ସଦର ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ପୂର୍ବକ ତଦନ୍ତ ସମୟରେ ହତ୍ୟାକାଣ୍ଡ ପଛରେ କାର୍ତ୍ତିକେଶ୍ୱର ସମ୍ପୃକ୍ତି ନେଇ ପୁଲିସ ଜାଣିବାକୁ ପାଇଥିଲା। ତେବେ କାର୍ତ୍ତିକେଶ୍ୱର ଫେରାର ଥିବାବେଳେ ବହୁ ଖୋଜାଖୋଜି କରି ତାମିଲନାଡୁରୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ମାଟ୍ରିକ ଫେଲ୍ ନିର୍ଦ୍ଦେଶକଙ୍କ ପତ୍ନୀ, ଝିଅ ଗିରଫ

**ଆକାଉଣ୍ଟକୁ ଯାଇଛି ୮.୫ ଲକ୍ଷ, ଠକେଇ ଟଙ୍କାରେ ବିଦେଶ ବୁଲା**

**୬ ରାଜ୍ୟରୁ ୧୨୩ କୋଟି ଠକେଇ**

**ଫୋରେକ୍ସ ଟ୍ରେଡିଂରେ ଲାଗିଛି ଟଙ୍କା, ବାଂଲାଦେଶରେ ଚେର**

ଭୁବନେଶ୍ୱର, ୨୧।୫ (ସମିସ): ୧୨୩ କୋଟି ଟଙ୍କା ଠକେଇ ମାମଲାରେ ଗିରଫ ହୋଇଥିବା ମାଟ୍ରିକ ଫେଲ୍ ନିର୍ଦ୍ଦେଶକ ତୁଷାର ଭଞ୍ଜୋଙ୍କ ପତ୍ନୀ ଓ ଝିଅକୁ ଗିରଫ କରିଛି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲୁ)। ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁର ହମିରପୁରର ଦୀପିକା ଭଞ୍ଜୋ ଓ ତନ୍ତ୍ରୀ ଭଞ୍ଜୋଙ୍କୁ ପଶ୍ଚିମବଙ୍ଗରୁ ଗିରଫ କରିବା ପରେ ଉଭୟଙ୍କୁ ୨୪ ପ୍ରଗଣା ବରସାତ୍ କୋର୍ଟରେ ହାଜର କରାଯାଇ ୩ ଦିନିଆ ଟ୍ରାଞ୍ଜିଟ ରିମାଣ୍ଡରେ ଅଣାଯାଇଛି। ଟଙ୍କାପାଣି ରୋଡର ମନମୋହନ ବୋରା ନାମକ ଜଣେ ବ୍ୟକ୍ତି ତୁଷାରଙ୍କ କମ୍ପାନୀରେ ୪ ହଜାର ଟଙ୍କା ଦେଇ ସଦସ୍ୟତା ଗ୍ରହଣ ସହ ୨.୧୭ ଲକ୍ଷ ଟଙ୍କା ନିବେଶ କରିଥିଲେ। ସେତେବେଳେ ତୁଷାର ୧୧% ହିସାବରେ ମାସିକ ରିଟର୍ଣ୍ଣ ଦିଆଯିବ ବୋଲି କହିଥିଲେ। ପ୍ରଥମ ମାସରେ ମନମୋହନଙ୍କୁ ୧୧ ପ୍ରତିଶତ ରିଟର୍ଣ୍ଣ ମିଳିଥିଲେ ମଧ୍ୟ ପରେ ଟଙ୍କାଟିଏ ମିଳିନଥିଲା। ଅଫିସକୁ ଯାଇ ପଚାରିବାରୁ ଟଙ୍କା ମିଳିଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ହେଲେ ବାହାର ରାଜ୍ୟରେ ରହୁଥିବା ମନମୋହନଙ୍କ ସାଙ୍ଗ ଏହି କମ୍ପାନୀ ଦ୍ୱାରା ଠକାମୀର ଶିକାର ହୋଇଥିବା ଲୋକମାନଙ୍କର ଏକ ଭିଡ଼ିଓ ଲିଙ୍କ ପଠାଇଥିଲେ। ଠକେଇର ଶିକାର ହୋଇଥିବା ମନମୋହନ ଅଭିଯୋଗ କରିବା ପରେ ଇଓଡବ୍ଲୁ ତଦନ୍ତ ଆରମ୍ଭ କରିଥିଲା। ଗତବର୍ଷ ଜୁନ୍ ମାସରେ କମ୍ପାନୀ ନିର୍ଦ୍ଦେଶକ ତଥା ମାଟ୍ରିକ ଫେଲ୍ ତୁଷାରକୁ ଗିରଫ କରିବା ପରେ ପୁରା ଘଟଣା ପଦାକୁ ଆସିଥିଲା। ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର ଓ ରାଉରକେଲାରେ ଅଫିସ ଖୋଲି ବିପୁଳ ଅର୍ଥ ହେରଫେର କରିଥିବା ଇଓଡବ୍ଲ୍ୟୁ ସୂଚନା ପାଇଥିଲା। ଏହା ସହ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ସମେତ ବାଂଲାଦେଶରୁ ୧୨୩ କୋଟିରୁ ଅଧିକ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଜମାକାରୀଙ୍କ ଟଙ୍କାକୁ ସେମାନଙ୍କ ଅଜ୍ଞାତରେ ଫୋରେକ୍ସ ଟ୍ରେଡିଂରେ ବିନିଯୋଗ କରାଯାଉଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଅବଶିଷ୍ଟାଂଶ...

### ରାଜ୍ୟରେ ପ୍ରାକ୍ ମୌସୁମୀ...

ଦିନ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଉପକୂଳ ଛୁଇଁବା ନେଇ ପୂର୍ବାନୁମାନ କରାଯାଉଛି। ଫଳରେ ଏଥର ଶୀଘ୍ର ମୌସୁମୀ ଆସିବା ନେଇ ଆଇଏମ୍‌ଡି କରିଥିବା ଆକଳନ ସଠିକ୍ ହେବାକୁ ଯାଉଛି। କେରଳ ଛୁଇଁବା ପରେ ମୌସୁମୀ ସକ୍ରିୟ ରହିଲେ ଓଡ଼ିଶା ଆଗମନ ନେଇ ବାଟ ଫିଟିବ। ସାଧାରଣତଃ ଜୁନ ଦ୍ୱିତୀୟ ସପ୍ତାହରେ ମୌସୁମୀ ଓଡ଼ିଶା ଛୁଇଁଥାଏ। ହେଲେ ଏଥର ମୌସୁମୀ କେରଳ ସଅଳ ଆସୁଥିବାରୁ ଓଡ଼ିଶାରେ ବି ଶୀଘ୍ର ମୌସୁମୀ ବର୍ଷା ଆରମ୍ଭ ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ସମୟରେ ଉପକୂଳ ଓଡ଼ିଶାରେ ପୂର୍ବାହ୍ଣ ପର୍ଯ୍ୟନ୍ତ ଗୁଳୁଗୁଳି ଓ ଅପରାହ୍ଣ ପରେ କାଳବୈଶାଖୀ ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗୁରୁବାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ ଝାରସୁଗୁଡା, ବରଗଡ଼, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଏହି ୧୦ ଜିଲ୍ଲାରେ ବିଜୁଳି ଘଡଘଡି ସହ ୩୦ ରୁ ୪୦ କିମି ଝଡି ପବନ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ୨୭ ତାରିଖ ଯାଏ ରାଜ୍ୟରେ କାଳବୈଶାଖୀ ବର୍ଷାର ପ୍ରଭାବ ରହିବା ସହ ବାଲେଶ୍ୱର ଭଦ୍ରକ ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଉଷ୍ମ ଓ ଆର୍ଦ୍ର ସ୍ଥିତି ପାଇଁ ୨ ଦିନ ଯାଏଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ୮୨.୭୭% ପାସ୍...

ଥିବାବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୬୮.୧୩% ରହିଛି। ବିଜ୍ଞାନରେ ମୋଟ୍ ୧ଲକ୍ଷ ୧୪ହଜାର ୯୮୦ ଜଣ ଫର୍ମ ପୂରଣ କରିଥିବାବେଳେ ୧ଲକ୍ଷ ୧୩ ହଜାର ୯୬୮ ଜଣ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୯୯ହଜାର ୭୨୪ଜଣ ପାସ୍ କରିଛନ୍ତି। ଛାତ୍ରଙ୍କ ପାସ୍ ହାର ୮୬.୪୯% ଥିବାବେଳେ ୮୮.୫୭% ଛାତ୍ରୀ ପାସ୍ କରି ଆଗରେ ରହିଛନ୍ତି। ୧୯୦୬ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୫୪,୯୪୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୨୬,୪୨୪ ଓ ତୃତୀୟ ଶ୍ରେଣୀରେ ୧୪,୯୫୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଚଳିତ ବର୍ଷ ପାସ ହାରରେ ନୟାଗଡ଼ ଜିଲ୍ଲା ଶୀର୍ଷରେ ରହିଛି। ଏହି ଜିଲ୍ଲାରେ ୯୭.୫୮% ଥିବାବେଳେ ବୌଦ୍ଧ ଜିଲ୍ଲାର ପାସ୍‌ହାର ସର୍ବନିମ୍ନ ୭୧.୮୫% ରେକର୍ଡ ହୋଇଛି।

ବାଣିଜ୍ୟରେ ୨୫ହଜାର ୫୨୬ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ତନ୍ମଧ୍ୟରୁ ୨୫ ହଜାର ୧୦୮ ଜଣ ପରୀକ୍ଷା ଦେଇଥିଲେ ଓ୨୦ହଜାର ୮୯୨ଜଣ ପାସ୍ କରିଛନ୍ତି। ଛାତ୍ରଛାତ୍ରୀଙ୍କ ମୋଟ୍ ପାସ୍ ହାର ୮୩.୨୦% ରହିଛି। ଛାତ୍ରଙ୍କ ପାସ୍‌ହାର ୮୧.୭୧% ଠାରୁ ଛାତ୍ରୀଙ୍କ ପାସ୍‌ହାର ୮୫.୭୭% ସହ ଆଗରେ ଅଛନ୍ତି। ୨୦୪ ଜଣ ପିଲା ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୬୯୩୦ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱିତୀୟ ଶ୍ରେଣୀରେ ୪୫୨୫ ଓ ତୃତୀୟ ଶ୍ରେଣୀରେ ୯୨୧୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ନୟାଗଡ଼ ଜିଲ୍ଲାରେ ସର୍ବାଧିକ ପାସ୍ ହାର ୯୩.୭୧% ଥିବାବେଳେ ବଲାଙ୍ଗିର ଜିଲ୍ଲାରେ ସର୍ବନିମ୍ନ ୬୯.୧୯% ରହିଛି। ଧନ୍ଦାମୂଳକ ଶିକ୍ଷାରେ ପରୀକ୍ଷା ଦେଇଥିବା ୫,୫୭୨ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩,୩୭୫ ଜଣ ପାସ୍ କରିଛନ୍ତି। ୨୦୨୪ରେ ପାସ୍ ହାର ୬୮.୦୨% ଥିବାବେଳେ ଚଳିତବର୍ଷ ୬୦.୫୭% ସହ ପାସ୍‌ହାର କମିଛି। ମାତ୍ର ଜଣେ ପରୀକ୍ଷାର୍ଥୀ ୯୦%ରୁ ଅଧିକ ନମ୍ବର ରଖିଥିବାବେଳେ ୬୭୮ ଜଣ ପ୍ରଥମ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲାର ପାସ୍ ହାର ସର୍ବାଧିକ ୮୩.୮୩% ଥିବାବେଳେ ମାଲକାନଗିରିରୁ କେହି ପାସ୍ କରିପାରି ନାହାନ୍ତି।

### ଓବିସି ପାଇଁ...

ଅରୁଣ କୁମାର ସାହୁ, ଏସ୍‌ଟି ସେଲ୍‌ର ଆବାହକ ମଙ୍ଗଳା କିସାନ ଓ ଏସସି ସେଲର ଆବାହକ ମହେଶ ସାହୁଙ୍କ ପୌରୋହିତ୍ୟରେ ଦଳୀୟ ନେତାମାନେ ଯୋଗ ଦେଇ ସଂଖ୍ୟାନୁପାତିକ ସଂରକ୍ଷଣ ଦାବି କରିଛନ୍ତି। ଦଳର ବରିଷ୍ଠ ନେତାମାନେ ନିଜ ବକ୍ତବ୍ୟରେ କହିଛନ୍ତି ଯେ ରାଜ୍ୟର ଏସ୍‌ସି,ଏସ୍‌ଟି,ଓବିସି ବର୍ଗର ଲୋକଙ୍କ ସ୍ୱାର୍ଥ ରକ୍ଷା ପ୍ରଦାନ ପାଇଁ ଦଳ ବିଭିନ୍ନ ପଦକ୍ଷେପ ନେବା ସହିତ ପ୍ରତିଶ୍ରୁତିବଦ୍ଧ। ରାଜ୍ୟର ଓବିସି ବର୍ଗର ଲୋକମାନଙ୍କୁ ନ୍ୟାଯ୍ୟ ଅଧିକାର ପ୍ରଦାନ ପାଇଁ ୨୦୨୦ ମସିହାରେ ଜଷ୍ଟିସ ରଘୁନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏକ କମିସନ ଗଠନ କରାଯାଇଥିଲା। ରାଜ୍ୟର ଓବିସି, ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କୁ ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂଖ୍ୟା ଅନୁପାତରେ ଉପଯୁକ୍ତ ସଂରକ୍ଷଣ ପ୍ରଦାନ ପାଇଁ, ସର୍ବାଧିକ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ପ୍ରତିବନ୍ଧକ ସାଜୁ ଥିବାରୁ ଏହାକୁ ହଟାଇବା ପାଇଁ ନବୀନ ସରକାର ସର୍ବୋଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଓବିସିମାନଙ୍କୁ ସଂଖ୍ୟା ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ରାଜ୍ୟରେ ଓବିସି ବର୍ଗର ଜନସଂଖ୍ୟା ସର୍ଭେ ନବୀନ ସରକାରଙ୍କ ଦ୍ୱାରା ୨୦୨୩ ମସିହାରେ କରାଯାଇଥିଲା। ପୂର୍ବରୁ ଓବିସି ତାଲିକାରେ ନଥିବା ୨୦ଟି ବର୍ଗର ଲୋକଙ୍କୁ ୨୦୨୩ ମସିହାରେ ନବୀନ ସରକାର ଓବିସି ବର୍ଗରେ ସାମିଲ କରି ଐତିହାସିକ ପଦକ୍ଷେପ ଗ୍ରହଣ କରିଥିଲା। ୨୦୨୧ ମସିହାରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି ପକ୍ଷରୁ ୪୦ ପ୍ରତିଶତରୁ ଅଧିକ ଆସନରେ ଓବିସି ବର୍ଗର ଲୋକଙ୍କୁ ପ୍ରାର୍ଥୀ କରାଯାଇଥିଲା। ଅପରପକ୍ଷରେ ବିଜେପି ଓବିସି ମାନଙ୍କୁ ସଂରକ୍ଷଣ ପ୍ରଦାନ ପ୍ରସଙ୍ଗକୁ ଆରମ୍ଭରୁ ବିରୋଧ କରି ଆସୁଥିଲା ବୋଲି ନେତାମାନେ ତାଙ୍କ ବକ୍ତବ୍ୟରେ କହିଛନ୍ତି। କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ପ୍ରଫୁଲ୍ଲ ସାମଲ, ବଦ୍ରି ନାରାୟଣ ପାତ୍ର, ସଞ୍ଜୟ ଦାସବର୍ମା, ପ୍ରମିଳା ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅତନୁ ସବ୍ୟସାଚୀ ନାୟକ, ପ୍ରଣବ ପ୍ରକାଶ ଦାସ,ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ପ୍ରତାପ ଜେନା,ସ୍ନେହାଙ୍ଗିନୀ ଛୁରିଆ, କଳିକେଶ ନାରାୟଣ ସିଂହଦେଓ, ବ୍ୟୋମକେଶ ରାୟ, ସୁଭାଶିଷ ଖୁଣ୍ଟିଆ, ଦେବୀ ରଞ୍ଜନ ତ୍ରିପାଠୀ, ଅଶୋକ ଚନ୍ଦ୍ର ପଣ୍ଡା, ଉମାକାନ୍ତ ସାମନ୍ତରାୟ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଗଣେଶ୍ୱର ବେହେରା, ଧ୍ରୁବ ଚରଣ ସାହୁ, ଭୃଗୁ ବକ୍ସିପାତ୍ର, ସୁନିଲ ମହାନ୍ତି, ପ୍ରୀତିରଞ୍ଜନ ଘଡ଼େଇ, ଅରବିନ୍ଦ ମହାପାତ୍ର, ସାରଦା ପ୍ରସନ୍ନ ଜେନା, ସାରଦା ନାୟକ, ରୋହିତ ଯୋଶେଫ ତିର୍କୀ, ରାଜେନ୍ଦ୍ର ସାହୁ, ପ୍ରଦୀପ ମାଝୀ, ମନ୍ମଥ ରାଉତରାୟ, ସୌଭିକ ବିଶ୍ୱାଳ, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ସୁଲୋଚନା ଦାସ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା ସେଠୀ, ଲୋପାମୁଦ୍ରା ବକ୍ସିପାତ୍ର, ପ୍ରଶାନ୍ତ ମୁଦୁଲି, ଶ୍ରୀକାନ୍ତ ସାହୁ, ରମେଶ ବେହେରା, ସୁଧୀର ସାମଲ, ପ୍ରମୋଦ ମଲ୍ଲିକ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୂପେଶ କୁମାର ପାଣିଗ୍ରାହୀ, ପ୍ରଦୀପ ଅମାତ, ମୁକେଶ କୁମାର ପାଲ, ଯୋଗେଶ କୁମାର ସିଂ, ପ୍ରଶାନ୍ତ ବେହେରା, ପ୍ରଦୀପ କୁମାର ସାହୁ, ଶଶି ଭୂଷଣ ବେହେରା, ଚକ୍ରମଣି କହଁର, ନବକିଶୋର ମଲ୍ଲିକ, ବିକ୍ରମ ପଣ୍ଡା, ସୁବାସ ବେହେରା, ରୁଦ୍ର ପ୍ରତାପ ମହାରଥୀ, ମାନସ ମାଡ଼କାମୀ, ମିଡିଆ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

### ୩୦ ମାଓବାଦୀ...

ଶେଷରେ ଛତିଶଗଡ଼ ଡିଆରଜି ବାହିନୀର ଗୁଳିରେ ପ୍ରାଣ ହରାଇଛନ୍ତି କେଶବ ରାଓ। ଘଟଣା ସ୍ଥଳରୁ ବହୁ ପରିମାଣର ବନ୍ଧୁକ ସହ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିବା ଛତିଶଗଡ ଗୃହମନ୍ତ୍ରୀ ବିଜୟ ଶର୍ମା କହିଛନ୍ତି। ଅବୁଜମାଡ଼ ଜଙ୍ଗଲରେ ସର୍ଚ୍ଚ ଅପରେସନ ଜାରି ରହିଛି। ଅପରେସନରେ ଡିଆରଜି ଜବାନଙ୍କ ସହ ସିଆରପିଏଫ ବାହିନୀ ମଧ୍ୟ ସାମିଲ୍ ଅଛନ୍ତି। ମାଓବାଦୀଙ୍କ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। କାରଣ ଅନେକ ମାଓବାଦୀ ଏଥିରେ ଗୁରୁତର ଆହତ ହୋଇଛନ୍ତି। ଅଞ୍ଚଳରେ ତଲାସି ଅଭିଯାନ ଜାରି ରହିଛି। ମାଓବାଦୀଙ୍କ ଗୁଳିରେ ଜଣେ ସୁରକ୍ଷା କର୍ମୀ ଗୁରୁତର ଭାବେ ଆହତ ହୋଇଥିବା ବେଳେ ପୁଲିସର ଜଣେ ସହଯୋଗୀ ସହିଦ ହୋଇଛନ୍ତି।

### ନାବାଳିକାକୁ ଗଣଦୁଷ୍କର୍ମ...

ନ ଦେଇ ଘର ଭିତରେ ପଶି ନାବାଳିକାକୁ ରଶିରୁ ଖୋଲି ଦେଇଥିଲେ। ପରେ ପଡ଼ିଶା ଲୋକେ ସେହି ରାତିରେ ମୃତଦେହକୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ଅନ୍ୟପକ୍ଷରେ ବୁଧବାର ନାବାଳିକାଙ୍କ ପରିବାର ଲୋକେ ପହଞ୍ଚିଥିଲେ। ନାବାଳିକାଙ୍କ ଭାଇ ଭୋଗରାଇ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଭଉଣୀ ଆତ୍ମହତ୍ୟା କରିନାହିଁ ତାକୁ ବସନ୍ତ ମାଝୀ (ବାଣ୍ଟୁ) ନାମକ ଜଣେ ଯୁବକ ଓ ତା'ର ଅନ୍ୟ କେତେଜଣ ସହଯୋଗୀ ଦୁଷ୍କର୍ମ କରିବା ପରେ ଜୀବନରୁ ମାରିଦେଇ ଏହାକୁ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରି ଘର ଭିତରେ ବେକରେ ରଶି ଲଗାଇ ଝୁଲାଇ ଦେଇଛନ୍ତି। ଅଭିଯୋଗ ଆଧାରରେ ଭୋଗରାଇ ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ଡାକ୍ତରଖାନାରେ ପହଞ୍ଚି ଶବକୁ ଜବତ କରିବା ସହିତ ୧୭୪/୨୫ନଂ ମୂଳେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ବସନ୍ତ ମାଝୀକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି। ନାବାଳିକାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ପାକ୍ ଗୁଇନ୍ଦା ଏଜେଣ୍ଟଙ୍କ...

ତଥ୍ୟ ମିଳିଛି। ସେ କେଉଁ କେଉଁ ସୂତ୍ରରୁ ଅର୍ଥ ପାଉଥିଲେ, ତାହାର ଯାଞ୍ଚ କରାଯାଉଛି। ସେ ପାକିସ୍ତାନ ଓ ଚୀନ ସମେତ ୮ଟି ରାଜ୍ୟକୁ ଗସ୍ତ କରିଛନ୍ତି। ସେଠାରେ ସେ ତାରକା ହୋଟେଲରେ ରହୁଥିବା ବେଳେ ବିଳାସପୂର୍ଣ୍ଣ କାରରେ ଯାତ୍ରା କରୁଥିଲେ। ଏବାବଦ ଖର୍ଚ୍ଚ କିଏ ବହନ କରୁଥିଲା, ତାହାର ଖୋଳତାଡ଼ କରଯାଉଛି। କାରଣ ଜ୍ୟୋତିଙ୍କର ଆୟ ଯାହା, ସେ ତୁଳନାରେ ତାଙ୍କର ଖର୍ଚ୍ଚ ଢେର ଅଧିକ ଥିଲା। ଇତିମଧ୍ୟରେ ମିଳିଥିବା ଖବର ଅନୁଯାୟୀ ପାକିସ୍ତାନୀ ଏଜେଣ୍ଟମାନଙ୍କ ସହିତ ତାଙ୍କର ସଂପର୍କ ରହିଥିବା ନେଇ ସ୍ୱୀକାର କରିଛନ୍ତି ଜ୍ୟୋତି। ପୁଲିସକୁ ଜେରା ବେଳେ ସେ କହିଛନ୍ତି ଯେ ନୂଆଦିଲ୍ଲୀ ସ୍ଥିତ ପାକିସ୍ତାନ ହାଇକମିସନ ଅଫିସରେ ଦାନିସ ନାମକ ଜଣେ ଅଧିକାରୀ ସହ ତାଙ୍କର ସଂପର୍କ ଥିଲା। ପାକିସ୍ତାନ ଯିବା ଲାଗି ଭିସା ପାଇଁ ୨୦୨୩ରେ ସେ ପାକ୍ ହାଇକମିସନ ଅଫିସ ଯାଇଥିବା ବେଳେ ଦାନିସ ସହିତ ତାଙ୍କର ପରିଚୟ ହୋଇଥିଲା। (ସୂଚନାଯୋଗ୍ୟ ଯେ ପହଲଗାମ ଆକ୍ରମଣ ପରେ ଦାନିସକୁ ଭାରତ ସରକାର ଅବାଞ୍ଛିତ ବ୍ୟକ୍ତି ଘୋଷଣା କରିବା ସହିତ ଭାରତରୁ ବହିଷ୍କାର କରିଥିଲେ।) ପାକିସ୍ତାନ ଗସ୍ତରେ ଯାଇଥିବା ବେଳେ ସେଠାରେ ଦାନିସର ବନ୍ଧୁ ଅଲ୍ଲୀ ହାସନ ସହିତ ଜ୍ୟୋତିଙ୍କର ଦେଖା ହୋଇଥିଲା। ପାକିସ୍ତାନରେ ରହିବା ଓ ବୁଲିବା ଲାଗି ସବୁ ବ୍ୟବସ୍ଥା କରିଥିଲା ହାସନ। ଏହି ଅବସରରେ ହାସନ ଜ୍ୟୋତିଙ୍କୁ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାର ଦୁଇ ଜଣ ଏଜେଣ୍ଟ ସାକିର ଓ ରାଣାଙ୍କ ସହିତ ପରିଚୟ କରାଇଥିଲା। ସେ ତାଙ୍କ ମୋବାଇଲରେ ସାକିର ନାମ ଜାଟ ରନ୍ଧାୱା ନାମରେ ସେଭ୍ କରିଥିଲେ। ଭାରତ ଫେରିଲା ପରେ ହ୍ୱାଟସ ଆପ୍, ସ୍ନାପଚାଟ୍ ଏବଂ ଟେଲିଗ୍ରାମ ଜରିଆରେ ପାକିସ୍ତାନୀ ଏଜେଣ୍ଟମାନଙ୍କ ସହିତ ସଂପର୍କ ରକ୍ଷା କରିଥିଲେ ଜ୍ୟୋତି।

### ଜନମତକୁ 'ଡର'...

ବାହାନା କରି ନିର୍ବାଚନକୁ ରୋକା ଯାଇଛି ବୋଲି ରାଜନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ବର୍ଷାଧିକ କାଳଧରି ଖାଲି ପଡ଼ିଥିବା ପଞ୍ଚାୟତ ପ୍ରତିନିଧିଙ୍କ ସ୍ଥାନ ପୂରଣ ନ ହେବା ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ବ୍ୟାହତ ହେଉଛି। ମାତ୍ର ଜାଣିଶୁଣି ଏହି ପଞ୍ଚାୟତ ବା ୱାର୍ଡଗୁଡ଼ିକରେ ଉପ ନିର୍ବାଚନ କରାଗଲା ନାହିଁ; ଆଉ ଯେବେ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିବାର ୨୪ ଘଣ୍ଟା ମଧ୍ୟରେ ଏହାକୁ ରଦ୍ଦ କରାଯିବା ସ୍ୱାଭାବିକ ନିଷ୍ପତ୍ତି ବୋଲି କୁହାଯାଇ ପାରୁନାହିଁ। ଆଗାମୀ ୧୨ ତାରିଖରେ ରାଜ୍ୟ ସରକାରଙ୍କୁ ବର୍ଷେ ପୂରୁଛି, ଏଥିପାଇଁ ସରକାର ଯାବତୀୟ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ସରକାରଙ୍କ କାର୍ଯ୍ୟ ଓ ଶାସକ ଦଳର ନେତାମାନଙ୍କ ଆଭିମୁଖ୍ୟକୁ ନେଇ ରାଜ୍ୟରେ ଅସନ୍ତୋଷ ବଢ଼ି ଚାଲିଛି। ତେଣୁ ଏହି ଅସନ୍ତୋଷକୁ ଡ଼ରି ଉପନିର୍ବାଚନ ନିମନ୍ତେ ସରକାର ଓ ଶାସକ ଦଳ ପଛଘୁଞ୍ଚା ଦେଇଥାଇ ପାରନ୍ତି ବୋଲି ମଧ୍ୟ ଆଲୋଚନା ଚାଲିଛି।


**AFFIDAVIT**

I, Md Azaad, S/o. Md Qurban, resident of Baunsagali, P.O.- Buxibazar, P.S.- Darghabazar, Town/ Dist- Cuttack, Pin: 753001, Odisha decl- are by this affidavit No. 4170, Dtd: 09.05.2025 that now onwards I shall be known **MD AZAD** for all future purposes.

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
**GADHWAL GROUP**
**M.: 9437015112**

**NOTICE**

By virtue of an affidavit sworn before the Executive Magistrate, Bhubaneswar dated 20.05.2025 vide CF No. 87 dated 20.5.2025 I, Prakash Kumar Samantaray, S/o- Pratap Kumar Mukhi, permanent resident of Vill.- Bahadalpur, PO- Sarakantara, PS- Khandagiri, Bhubaneswar, Dist.- Khordha, Pin- 751019 declare that I have changed my son's name from PRIYANSHU MUKHI to **PRIYANSHU KUMAR SAMANTARAY** (new name). Henceforth, he shall be known as **PRIYANSHU KUMAR SAMANTARAY** for all purposes.

**NOTICE**

By virtue of an affidavit sworn before the Executive Magistrate, Udala, Mayurbhanj, dated 21.05.2025 I, Chandan Kumar Behera, Address Village-Surukuna, PO/PS-Khunta, Dist-Mayurbhanj, Odisha, Pin-757019 declare that I have changed my Son's name from Pradunya Beher to Pradyumna Behera. Henceforth, he shall be known as Pradyumna Behera for all purposes.
**Chandan Kumar Behera**

**NOTICE**

By virtue of an affidavit No. 394, dated 20.05.2025 sworn before Sub Divisional Magistrate / Assistant Collector / Sub-Collector, Nabarangpur, I have changed my name from MUNIMA BHATRA to MANIMA BHATRA. Henceforth today onwards I shall be known as MANIMA BHATRA for all purposes.

**NOTICE**

By virtue of an affidavit sworn before the Executive Magistrate, Badasahi, Mayurbhanj, dated 21-05-2025 I, Ajit Kumar Barik, Address Village/Po- Manatri, PS-Baisinga, Dist- Mayurbhanj, Odisha, Pin- 757017 declare that I have changed my Son's name from Bishaprakash Barik to Biswaprakash Barik. Henceforth, he shall be known as Biswaprakash Barik for all purposes.
**Ajit Kumar Barik**

**NOTICE**

By virtue of an affidavit sworn before the Notary Public, Cuttack, dated 19.05.2025 I, Basanta Kumar Khatua, S/o. Niranjan Khatua, resident of At/PO- Pokhariapada, PS- Erasama, Dist- Jagatsinghpur, Odisha, Pin- 754138 have changed my daughter's name from Saina Smile Khatun to Saina Smile Khatua. Henceforth, she shall be known as Saina Smile Khatua for all purposes.
**Basanta Kumar Khatua**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, CF No: 28 dated 20/05/2025, I **BINOD BIHARI NAYAK**, S/o Nabaghana Nayak resident of Village At - Dutial, Po- Purusottampur, Ps- Kendrapara Sadar, Dist- Kendrapara, Odisha Pin- 754211 declare that I have changed my name from **Prafula Kumar Nayak to Binod Bihari Nayak**. Henceforth, she shall be known as **BINOD BIHARI NAYAK** for all purposes.
**Sd- Binod Bihari Nayak**

**AFFIDAVIT**

By virtue of an affidavit sworn before Executive Magistrate, Jharsuguda, dated 20.05.2025, I, Radharani Gupta, W/O - Sanjay Gupta, Address- Munga pada, P.o/P.s/District- Jharsuguda, Odisha, Pin- 768201 declare that I have changed my name from Sabnam Jahan to Radharani Gupta. Henceforth, I shall be known as Radharani Gupta for all purposes.
**Radharani Gupta**

**AFFIDAVIT**

I, Bhagyalaxmi Dash, aged about 50 years, W/o- Raja Kishor Dash, resident of At- Nabinabag, Pallahat, Ps- Khurda, Dist- Khordha, Odisha, Pin- 752055, do hereby declare by this affidavit No. 1031, dtd.16/05/2025, that now onwards I shall be known as **BHAGYALAXMI NANDA** for all future purposes.

**TPWODL**
ଟିପି ୱେଷ୍ଟର୍ଣ୍ଣ ଓଡିଶା

**ବିଦ୍ୟୁତ୍ ନିରାପତ୍ତା ସମ୍ପର୍କିତ ସତର୍କ ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସମ୍ବଲପୁର ସହରକୁ ଉନ୍ନତ ମାନର ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଜେଲ୍ ପି.ଏସ୍.ଏସ୍. ଠାରୁ ଆରମ୍ଭ ହୋଇ ଜେଲ୍ ଛକ, ଆହାର କେନ୍ଦ୍ର, ଖାଓ ଗଳି, ଏଚ୍.ଏଲ.ଓ କଲୋନୀ, ନାରୀସେବାସଦନ, ପୀର ବାବା ଛକ, ଭିମାର୍ଟ ପର୍ଯ୍ୟନ୍ତ ତଥା ଅନ୍ୟ ଏକ ଭୂତଳ କେବୁଲ ଜେଲ୍ ସମ୍ମୁଖ ଦେଇ ଭୂତାପଡ଼ା ପର୍ଯ୍ୟନ୍ତ ନୂତନ ୧୧ କେ.ଭି. ଭୂତଳ କେବୁଲ (UGXLPE Cable) ବିଛାଯାଇ ଅଛି। ଏହି ନୂତନ ଭାବେ ନିର୍ମିତ ଭୂତଳ କେବୁଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି ଏବଂ ଏହା ଆସନ୍ତା ତା. ୨୩.୦୫.୨୦୨୫ ରିଖ ଦିନ ଯେକୌଣସି ମୁହୂର୍ତ୍ତରେ ଉକ୍ତ ତାରରେ ବିଦ୍ୟୁତ୍ ଶକ୍ତି ପ୍ରବାହିତ କରାଯିବ।

ସେହିପରି ୩୩ କେ.ଭି. ପୁଟିବନ୍ଧ ପି.ଏସ୍.ଏସ୍. ଠାରୁ ଜେଲ୍ ପି.ଏସ୍.ଏସ୍. ପର୍ଯ୍ୟନ୍ତ ଯାହା ଏନ୍.ଏସ୍.ସି ବି କଲେଜ ବାଡ ଦେଇ, କୁଲୁତ୍ କାନି ସଂଲଗ୍ନ ରାସ୍ତା, ଚାରଭାଟି, ଦାରି ପେଟ୍ରୋଲ ପମ୍ପ ଦେଇ ଜେଲ୍ ଛକ ପର୍ଯ୍ୟନ୍ତ ତଥା ଅନ୍ୟ ଏକ ଭୂତଳ କେବୁଲର ଅଇଁଠାପାଲି ପି.ଏସ୍.ଏସ୍. ଠାରୁ ଜ୍ୟୋତି ମାର୍କେଟ, ଶାନ୍ତିନଗର, ମାତୃବିହାର, ଦେହୁରୀପାଲି, ଫାଟକ ପର୍ଯ୍ୟନ୍ତ ନୂତନ ୧୧ କେ.ଭି. ଭୂତଳ କେବୁଲ (UGXLPE Cable) ବିଛାଯାଇ କାର୍ଯ୍ୟକ୍ଷମ କାରାଯାଇଛି।

ଏଣୁ ସର୍ବସାଧାରଙ୍କୁ ଅନୁରୋଧ ଯେ, ପ୍ରଚଳିତ କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ (ସୁରକ୍ଷା ତଥା ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ପଦକ୍ଷେପ) ବିନିୟମ, ୨୦୨୩ ଅନୁଯାଇ ଏହି ଲାଇନ୍ ଉପରେ କୌଣସି ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବିନା ଅନୁମତିରେ ଖୋଦନ/ ଖନନ/ ନିର୍ମାଣ କାର୍ଯ୍ୟ ଇତ୍ୟାଦି ସମ୍ପୂର୍ଣ୍ଣ ନିଷେଧ ଅଟେ। ଏହାଦ୍ୱାରା ଧନ ଜୀବନ ହାନୀର ଯଥେଷ୍ଟ ଆଶଙ୍କା ରହିଛି। ଏହି ସତର୍କ ସୂଚନା ସତ୍ତ୍ୱେ, କୌଣସି ଦୁର୍ଘଟଣା ଘଟିଲେ ସେଥିପାଇଁ ଟି.ପି.ଡବ୍ଲୁ.ଓ.ଡ଼ି.ଏଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା/- ନିର୍ବାହୀ ଯନ୍ତ୍ରୀ
ସମ୍ବଲପୁର ପୂର୍ବ ବିଦ୍ୟୁତ୍ ମଣ୍ଡଳ, ଟି.ପି.ଡବ୍ଲୁ.ଓ.ଡ଼ି.ଏଲ୍

**OFFICE OF THE PANCHAYAT SAMITI, BORIGUMMA**
**DISTRICT- KORAPUT**
i-107
**NOTICE INVITNING TENDER (NIT)**
**E-PROCUREMENT NOTICE NO-04/2025**

Sealed tenders are invited from Registered Contractors from State PWD/ M.I/ Irrigation/ Rural works for execution of Building etc. The details information of which are made available in the (www.tendersorissa.gov.in) website and also in Koraput Dist. Website i.e. http//www.koraput.nic.in.

The date and time of apply & receive of tender paper is from 24.05.2025 at 10.00Hrs to 05.06.2025 up to 17.30 Hrs through www.tendersorissa.gov.in website only.

Tender will be opened on 06.06.2025 at 11:00 Hrs onwards in the office of the Panchayat Samiti, Borigumma, Dist- Koraput.

OIPR-19033/11/0002/2526 -Sd- Block Development Officer, Borigumma

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ: ଢେଙ୍କାନାଳ, ସା/ପୋ/ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ଋଣଗ୍ରହୀତା, ସେମାନଙ୍କର ଉତ୍ତରାଧିକାରୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ଜଣାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାନ୍ତି। ଯଦି ସେମାନେ ନିମ୍ନରେ ବର୍ଣ୍ଣିତ ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ ସୁଦ୍ଧା ସେମାନଙ୍କର ବକେୟା ଋଣ ପରିଶୋଧ ନକରନ୍ତି, ତାହା ହେଲେ ନିମ୍ନବର୍ଣ୍ଣିତ ତାରିଖମାନଙ୍କରେ ଆମ ବ୍ୟାଙ୍କ ଶାଖା ପରିସର / ଆଞ୍ଚଳିକ କାର୍ଯ୍ୟାଳୟରେ ସେମାନଙ୍କର ବନ୍ଧକ ଥିବା ସୁନା ଅଳଙ୍କାରକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟ କ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟ କ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେଇ ବକେୟା ଋଣ ଆଦାୟ କରିବ।

| କ୍ର. ନଂ. | ଋଣ ଆକାଉଣ୍ଟ ନଂ. | ସୁନା ଋଣଗ୍ରହୀତାଙ୍କ ନାମ ଓ ଠିକଣା | ମୋଟଓଜନ (ଗ୍ରାମ୍‌ରେ) |
|---|---|---|---|
| ପିଙ୍ଗୁଆ ଶାଖା, ଜିଲ୍ଲା: ଢେଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ପିଙ୍ଗୁଆ ଶାଖା, ଜିଲ୍ଲା: ଢେଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫ | | | |
| ୧. | ୦୫୦୩୧୩୦୪୧୦୦୦୬୫୩ | **ଅଜୟ ପଲେଇ**, ପିତା: ସୁରେନ୍ଦ୍ର, ସା: ଦଶମାଣପାଟଣା, ପୋ: ପିଙ୍ଗୁଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୬ | ୩୧.୩୫୦ |
| ୨. | ୦୫୦୩୧୩୦୪୧୦୦୦୮୮୫ | **ଇନ୍ଦୁମତୀ ମେହେନା**, ସ୍ୱାମୀ: ଉପେନ୍ଦ୍ର ମେହେନା, ସା: ମଣ୍ଡରୀପଡ଼ା, ପୋ: ପିଙ୍ଗୁଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୬ | ୧୩.୫୮୦ |
| ୩. | ୦୫୦୩୧୩୦୪୧୦୦୦୮୮୬ | **ଅରୁଣ ପ୍ରଧାନ**, ପିତା: ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ସା: କରନ୍ଧା, ପୋ: ପିଙ୍ଗୁଆ, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୬ | ୯.୭୦୦ |
| ଓଡ଼ାପଡ଼ା ଶାଖା, ଜିଲ୍ଲା: ଢେଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ଓଡ଼ାପଡ଼ା ଶାଖା, ଜିଲ୍ଲା: ଢେଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫ | | | |
| ୧. | ୦୫୬୨୧୩୦୪୧୦୦୧୦୩୦ | **ବିମଳା ନାୟକ**, ସ୍ୱାମୀ: ମଦନ ମୋହନ ନାୟକ, ସା: ନୂଆବାଙ୍ଗରସିଂହ, ପୋ: ହିନ୍ଦୋଳ ରୋଡ, ଜିଲ୍ଲା: ଢେଙ୍କାନାଳ | ୪୦.୫୦୦ |
| ମୃଦାପଶି ଶାଖା, ଜିଲ୍ଲା: ଢେଙ୍କାନାଳ (ନିଲାମ ତାରିଖ: ୨୯.୦୫.୨୦୨୫, ସମୟ: ପୂର୍ବାହ୍ନ ୧୧.୦୦ ଘଟିକା, ନିଲାମ ସ୍ଥାନ: ମୃଦାପଶି ଶାଖା, ଜିଲ୍ଲା: ଢେଙ୍କାନାଳ), ବକେୟା ଋଣ ପରିଶୋଧର ଅନ୍ତିମ ତାରିଖ: ୨୮.୦୫.୨୦୨୫ | | | |
| ୧. | ୦୫୨୬୧୩୦୪୧୦୦୨୮୧୯ | **ବୈକୁଣ୍ଠ ସାହୁ**, ପିତା: ସତ୍ୟବାଦୀ ସାହୁ, ସା/ପୋ: ଜୟପୁରାକାଟେଣୀ, ଢେଙ୍କାନାଳ, ପିନ୍-୭୫୯୦୧୮ | ୩.୮୦୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ମାନି ନିଲାମରେ ଅଂଶଗ୍ରହଣ କରିପାରନ୍ତି।**

୧. ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର **୧ ଘଣ୍ଟା** ପୂର୍ବରୁ ନିଜର ପାନ୍ କାର୍ଡ ଏବଂ ଆଧାର କାର୍ଡର ଜେରକ୍ସ କପି ସହିତ **ଟ.୧୦,୦୦୦/- (ଦଶ ହଜାର ଟଙ୍କା ମାତ୍ର)** ଅମାନତ ଆକାରରେ ଜମା ଦେବାକୁ ହେବ।
୨. ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାର ଗୁଡ଼ିକୁ ନିଲାମ ସମୟର **୧ ଘଣ୍ଟା** ପୂର୍ବରୁ ନିଲାମ ଧରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩. ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ **ଆବଶ୍ୟକ ଜିଏସ୍‌ଟି ସହିତ** ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪. ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫. ସର୍ବୋଚ୍ଚ ନିଲାମ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ବୈଧ ଘୋଷଣା ହେଲାପରେ ହିଁ ନିଲାମ ଡାକ ସିଦ୍ଧ ହେବ।
୬. ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୭. ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ବୃତାନ୍ତ ହେବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଅବଶିଷ୍ଟ ଶତକଡା ୭୫ ଭାଗ ଟଙ୍କା **ଆବଶ୍ୟକ ଜିଏସ୍‌ଟି ସହିତ** ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା କରିଥିବା ଅମାନତ ଟ.୧୦,୦୦୦/- ଏବଂ ଶତକଡା ୨୫ ଭାଗ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୮. ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ / ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୯. ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡ଼ିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୧୦. ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

ସ୍ଥାନ: ଢେଙ୍କାନାଳ, ତାରିଖ: ୨୧.୦୫.୨୦୨୫ — ଆଞ୍ଚଳିକ ପ୍ରବନ୍ଧକ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ

# ବାଲେଶ୍ୱର ଜିଲ୍ଲାରେ ପାସ୍‌ହାର ୮୭.୯୫ ପ୍ରତିଶତ

## କଳାରେ ୮୩.୨୫, ବାଣିଜ୍ୟରେ ୮୪.୧୫, ବିଜ୍ଞାନରେ ୯୫.୫୮ ପ୍ରତିଶତ

ବାଲେଶ୍ୱର,୨୧।୫(ସମିସ)

ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲାରେ ଚଳିତ ବର୍ଷ ୮୭.୯୫ ପ୍ରତିଶତ ପାସ୍ ହାର ହୋଇଛି। ଜିଲ୍ଲାରେ କଳା, ବାଣିଜ୍ୟ ଏବଂ ବିଜ୍ଞାନ ବିଭାଗରେ ମୋଟ ୧୯ହଜାର୧୮୬ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ସେଥିମଧ୍ୟରୁ ୯୪୫୦ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜିଲ୍ଲାରେ କଳାରେ ୮୩.୨୫ପ୍ରତିଶତ ପାସହାର ହୋଇଥିବା ବେଳେ ବାଣିଜ୍ୟରେ ୮୪.୧୫ପ୍ରତିଶତ ଏବଂ ବିଜ୍ଞାନରେ ୯୫.୫୮ପ୍ରତିଶତ ପାସହାର ହୋଇଛି। ସେହିପରି ଧନ୍ଦାମୂଳକ ପରୀକ୍ଷାରେ ମୋଟ ୮୩.୮୩ପ୍ରତିଶତ ପାସହାର ହୋଇଥିବା ନେଇ ଉତ୍ତର ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ରାଜେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷା ପାଇଁ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ମୋଟ ୨୨ହଜାର ୬୨ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିଲେ। ସେଥିରୁ୨୧ହଜାର୮୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୯ହଜାର ୪୫୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଦ୍ୱିତୀୟ ଶ୍ରେଣୀରେ ୪ ହଜାର୧୫୦, ତୃତୀୟ ଶ୍ରେଣୀରେ ୫ହଜାର୫ଶହ ଏବଂ କମ୍ପାର୍ଟମେଂଟରେ ୮୬ଜଣ ପାସ କରିଛନ୍ତି।ତେବେ ମୋଟ ଉପରେ୧୯ହଜାର୧୮୬ଜଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ବେଳେ ଜଣେ ଛାତ୍ର ମାଲପ୍ରାକ୍ଟିସରେ ବୁକ୍ ହୋଇଛନ୍ତି ବୋଲି ସୂଚନା ଦେଇଛନ୍ତି।

କଳା ବିଭାଗରେ ମୋଟ୧୨ହଜାର୭୭୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧୨ହଜାର ୫୬୪ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ ୩୨୧୮, ଦ୍ୱିତୀୟ ଶ୍ରେଣୀରେ ୨୩୪୬,ତୃତୀୟ ଶ୍ରେଣୀର ୪୮୮୯ ଏବଂ କମ୍ପାର୍ଟମେଂଟରେ ୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ଉପରେ କଳା ବିଭାଗରେ୧୦ହଜାର ୪୬୦ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପାସହାର ୮୩.୨୫ପ୍ରତିଶତ ହୋଇଛି। ସେହିପରି ବାଣିଜ୍ୟ ବିଭାଗରେ ଜିଲ୍ଲାରେ ମୋଟ ୧ହଜାର୨୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୧ହଜାର୧୦ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ୨୭୭, ଦ୍ୱିତୀୟ ଶ୍ରେଣୀରେ ୨୦୮, ତୃତୀୟ ଶ୍ରେଣୀର ୩୫୦ ଏବଂ କମ୍ପାର୍ଟମେଂଟରେ ୧୫ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ଉପରେ ବାଣିଜ୍ୟ ବିଭାଗରେ ୮୫୦ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପାସହାର ୮୪.୧୫ପ୍ରତିଶତ ହୋଇଛି। ସେହିପରି ବିଜ୍ଞାନ ବିଭାଗରେ ଜିଲ୍ଲାରେ ମୋଟ ୮ହଜାର୨୬୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୮ହଜାର ୨୪୦ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ ୫୯୫୫, ଦ୍ୱିତୀୟ ଶ୍ରେଣୀରେ ୧୫୯୬,ତୃତୀୟ ଶ୍ରେଣୀର୨୬୧ ଏବଂ କମ୍ପାର୍ଟମେଂଟରେ ୬୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନ ବିଭାଗରେ ୭ ହଜାର ୮୭୬ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପାସହାର ୯୫.୫୮ପ୍ରତିଶତ ହୋଇଛି। ଏଥିରେ ଜଣେ ମାଲ ପ୍ରାକ୍ଟିସରେ ବୁକ୍ ହୋଇଛନ୍ତି। ସେହିପରି ଧନ୍ଦାମୂଳକ ପରୀକ୍ଷାରେ ଜିଲ୍ଲାରେ ମୋଟ ୨୭୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ସେଥିମଧ୍ୟରୁ ୨୬୬ଜଣ ପରୀକ୍ଷା ଦେଇଥିଲେ। ଏଥିରୁ ପ୍ରଥମ ଶ୍ରେଣୀରେ୧୦୦, ଦ୍ୱିତୀୟ ଶ୍ରେଣୀରେ ୯୮, ତୃତୀୟ ଶ୍ରେଣୀର ୨୪ଏବଂ କମ୍ପାର୍ଟମେଂଟରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨୨୩ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ପାସହାର ୮୩.୮୩ ପ୍ରତିଶତ ହୋଇଛି।

### ବିଜ୍ଞାନରେ ଧୀରଜ ସ୍ୱାଇଁ ଜିଲ୍ଲା ଟପ୍ପର



ବାଲେଶ୍ୱର,୨୧।୫(ସମିସ): ଆଜି ଯୁକ୍ତ ଦୁଇ କଳା, ବାଣିଜ୍ୟ, ବିଜ୍ଞାନ ଏବଂ ଧନ୍ଦାମୂଳକ ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏଥିରେ ଜିଲ୍ଲାରେ ସର୍ବମୋଟ ୮୭.୯୫ପ୍ରତିଶତ ପାସହାର ହୋଇଛି। ସେଥିରୁ ବିଜ୍ଞାନ ବିଭାଗରେ ୯୫.୫୮ପ୍ରତିଶତ ପାସହାର ହୋଇଛି। ବିଜ୍ଞାନରେ ଜିଲ୍ଲା ଟପ୍ପର ଭାବେ ବସ୍ତା ବ୍ଲକର ବାଉଁଶମୁଖା ଗ୍ରାମର ସୂର୍ଯ୍ୟନାରାୟଣ ସ୍ୱାଇଁଙ୍କ ପୁଅ ଧୀରଜ ସ୍ୱାଇଁ ମୋଟ ୫୮୧(୯୬.୬୬) ପ୍ରତିଶତ ନମ୍ବର ରଖି ଜିଲ୍ଲା ଟପ୍ପର ହୋଇଛନ୍ତି। ସେ ଫକୀରମୋହନ କନିଷ୍ଠ ବିଦ୍ୟାଳୟରେ ପଢୁଥିଲେ। ଏପରିକି ସେ ରାଜ୍ୟରେ ୫ନମ୍ବର ସ୍ଥାନ ମଧ୍ୟ ଅଧିକାର କରିଛନ୍ତି। ସେହିପରି କଳାରେ ମଧ୍ୟ ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ଦିବ୍ୟା ଦେବଲିନା ମଲ୍ଲିକ ଜିଲ୍ଲା ଟପ୍ପର ହୋଇଛନ୍ତି।ସେ ୯୩.୫୦ପ୍ରତିଶତ ହାରରେ ମୋଟ ୫୬୨ନମ୍ବର ରଖିଛନ୍ତି।

## କାର୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ବାଲେଶ୍ୱର,୨୧।୫(ସମିସ): କାର୍ ବାଇକ୍ ଦୁର୍ଘଟଣାରେ ଜଣେ ମୃତ ଜଣେ ଗୁରୁତର ଆହତ। ଗତ ମଙ୍ଗଳବାର ସନ୍ଧ୍ୟାରେ ଉଦଳାରୁ କାମ ସାରି ପୁଲବଜାର ଘରକୁ ଏକ ବାଇକ୍‌ରେ ଆସୁଥିବା ଶେଖ ସାହାବାଜ୍ କାଦ୍ରୀ(୨୬) ଓ ପାରୁଡିଆ ଗ୍ରାମର ଜିତୁନ ବେହେରା ଝରଣା ଘାଟି ରାସ୍ତାରେ ବାଲେଶ୍ୱର ପଟୁ ଯାଉଥିବା ଏକ କାର ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ଉଭୟଙ୍କୁ ରାଜ ବରହମପୁର ନିକଟସ୍ଥ ଉଦଳା ସରକାରୀ ହସ୍ପିଟାଲ, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନଶ୍ୱରର ଏକ ଘରୋଇ ହସ୍ପିଟାଲରେ ସାହାବାଜ୍‌ଙ୍କୁ ଓ ଜିତୁନ୍‌କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ଭୋରରେ ସାହାବାଜ୍‌ଙ୍କ ମୃତ୍ୟୁ ଘଟିଥିବା ବେଳେ ଜିତୁନଙ୍କ ଅବସ୍ଥା ଗୁରୁତର ରହିଛି। ବରହମପୁର ଥାନା ପୁଲିସ କାର ଓ ବାଇକ୍‌କୁ ଜବତ କରିଥିବା ବେଳେ କାର ଡ୍ରାଇଭରକୁ ଅଟକ ରଖିଛି।

## ସୁଲଗ୍ନା କଲେଜର ଅଭୂତପୂର୍ବ ସଫଳତା

ବାଲେଶ୍ୱର,୨୧।୫(ସମିସ): ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ମଠସାହି ସରୀତାନଗରସ୍ଥିତ ସୁଲଗ୍ନା ଯୁକ୍ତ ଦୁଇ ବିଜ୍ଞାନ କଲେଜର ଛାତ୍ର ଅଭିଷେକ ଭଞ୍ଜ ସର୍ବମୋଟ ୬୦୦ ନମ୍ବରରୁ ସର୍ବାଧିକ ୫୭୬ ନମ୍ବର (ଶତକଡ଼ା୯୬) ରଖି ସୁଲଗ୍ନା କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସବ୍ୟସାଚୀ ବେହେରା (୫୫୫), ଅରୋଶିଷ ସାମଲ (୫୫୦), ଅଭିଜିତ ଦାସ (୫୪୯), ଯସ୍ମିନ୍ ଦେ(୫୪୭), ଚନ୍ଦନ ଗୋଚ୍ଛାୟତ (୫୪୬), ବିଦ୍ୟମ ସାହୁ (୫୪୬), ସୁନିଲ ପରିଡ଼ା (୫୪୫) , ଅର୍ପିତ ନାୟକ (୫୪୩) , ଜ୍ୟୋତିପ୍ରକାଶ ଭୋଇ (୫୪୨) , ରଶ୍ମିରେଖା ପାଣିଗ୍ରାହୀ (୫୪୨) ଏବଂ ପ୍ରଦୀପ ବିଶ୍ୱାଳ (୫୪୧) ନମ୍ବର ଅର୍ଥାତ ୯୦ ଶତକଡ଼ାରୁ ଅଧିକ ନମ୍ବର ରଖି କଲେଜ




ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସୁଲଗ୍ନା ଯୁକ୍ତ ଦୁଇ ବିଜ୍ଞାନ କଲେଜରୁ ଏବର୍ଷ ମୋଟ ୨୫୯ ଜଣ ପରୀକ୍ଷାର୍ଥୀ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷା ଦେଇଥିବା ବେଳେ ୪୪ ଜଣ ଛାତ୍ର ୫୦୦ରୁ ଅଧିକ ନମ୍ବର ଏବଂ ସର୍ବମୋଟ ୨୩୨ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୁଲଗ୍ନା ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍‌ର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ୍ ଡ. ଘନଶ୍ୟାମ ବିଶ୍ୱାଳ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ।

## ଜଳେଶ୍ୱରରେ ତ୍ରିରଙ୍ଗା ଯାତ୍ରା




ଜଳେଶ୍ୱର ବ୍ଲକ, ୨୧।୫ (ସମିସ): ଅପରେସନ ସିନ୍ଦୂରର ସଫଳତା ପରେ ଦେଶର ବୀର ଯବାନଙ୍କ ମନୋବଳକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଚାଲିଛି। ଏହି ଅବସରରେ ଜଳେଶ୍ୱରରେ ବୁଧବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ସହର ଡାକ ବଙ୍ଗଳା ପାଖରୁ ବିରାଟ ପଟୁଆରରେ ଦଳ ବର୍ଣ୍ଣ ନିର୍ବିଶେଷରେ ସମାଜସେବୀ, ସାଧାରଣ ଲୋକ, କୃଷକ ମାନେ ହାତରେ ତ୍ରିରଙ୍ଗା ପତାକା ଜଳେଶ୍ୱର ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ଭାଜପା ନେତା ବ୍ରଜମୋହନ ପ୍ରଧାନ ନେତୃତ୍ୱରେ ଅନୁଷ୍ଠିତ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇ ଥିଲେ। ଭାଜପାର ନେତା କାଳୀଚରଣ ଦାସ, ସତ୍ୟଶୋଭନ ମିଶ୍ର, ଚନ୍ଦନ କର, ସୁମତି ଦେ, ଦେବଜାନୀ ଅଣ୍ଡିଆ, ମଣ୍ଡଳ ସଭାପତି ସଞ୍ଜୀବ ଜେନା, ନବୀନ ସାମଲ, ବିଜେପି ସାଂସଦ ନଗର ପ୍ରତିନିଧି ଫାଲଗୁନି ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ମହିଳା ବିଦ୍ୟୁତ୍ କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ନୀଳଗିରି,୨୧।୫ (ସମିସ): ପଞ୍ଚଲିଙ୍ଗେଶ୍ୱର ଅଞ୍ଚଳର ରାଧାମାଧବ ଜେନା ବିଦ୍ୟୁତ୍ ସମସ୍ୟା ନେଇ ନୀଳଗିରି ବିଦ୍ୟୁତ ବିଭାଗର କଷ୍ଟମର କେୟାରକୁ ଫୋନ କରିଥିଲେ। ସେହି ସମୟରେ କଷ୍ଟମର କେୟାର ଦାୟିତ୍ୱରେ ଥିବା ବିଶ୍ୱରୂପା ମହାନ୍ତି ଫୋନ ରିସିଭ କରିଥିଲେ ହେଲେ ରାଧାମାଧବ କାହିଁକି ଲାଇନ କାଟିଛ ବୋଲି କହିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଘଟଣା ନେଇ ବିଶ୍ୱରୂପା ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ସହ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ।

## ୧୧୩ ଗୋରୁ ଉଦ୍ଧାର, ୧୧ ମୃତ

ତିନିଟି ଟ୍ରକ ସହ ୬ ବାଇକ୍ ଜବତ, ୩ ଗିରଫ





ବାଲେଶ୍ୱର,୨୧।୫(ସମିସ): **ବାଲେଶ୍ୱର ଜିଲ୍ଲା ଜଙ୍ଘରୀରୁ ପଶ୍ଚିମବଙ୍ଗ ଅଭିମୁଖେ ଗୋରୁ ଚୋରା ଚାଲାଣ ହେଉଥିବା ବେଳେ ସଦର ପୁଲିସ** ତିନୋଟି ଗୋରୁ ବୋଝେଇ ଟ୍ରକକୁ ଜବତ କରିବା ସହ ୧୧୩ଟି ଗୋରୁକୁ ଉଦ୍ଧାର କରିଛି। ଏହାସହ ୬ଟି ମୋଟର ସାଇକେଲ ସମେତ ଏଥିରେ ସମ୍ପୃକ୍ତ ଥିବା ୩ ଗୋରୁ ବେପାରୀକୁ ପୁଲିସ ଗିରଫ କରିଥିବା ନେଇ ସଦର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି। ଗିରଫ ଗୋରୁ ବେପାରୀମାନେ ହେଲେ ବସ୍ତା ବଡଖୁଆଡି ଅଞ୍ଚଳର ପ୍ରିୟଦର୍ଶନ ମହାନ୍ତି(୩୪), ଗୁଣ୍ଡରିସାହି ଅଞ୍ଚଳର ସେକ ବାତୁଲ(୨୬) ଏବଂ ବାହାର୍ଦ୍ଦା ଅଞ୍ଚଳର ସେକ କାଫିରୁଦ୍ଦିନ (୩୨)। ଗତ୧୬ତାରିଖ ମଧ୍ୟରାତିରେ ସଦର ଥାନାର ପାଟ୍ରୋଲିଂ ଦଳ ଜଙ୍ଘରୀ ଗ୍ରାମରୁ ୬୦ନମ୍ବର ଜାତୀୟ ରାଜପଥ ଦେଇ ପଶ୍ଚିମବଙ୍ଗର କଂସେଇଖାନାକୁ ଗୋରୁ ଚୋରା ଚାଲାଣ ହେଉଥିବାର ଖବର ପାଇଥିଲେ। ସଦର ଥାନା ପୁଲିସ ଦୁଇଜଣ ସୂଚନା ପ୍ରଦାନକାରୀ ବ୍ୟକ୍ତି ଓ ପୁଲିସ କର୍ମଚାରୀଙ୍କ ସହିତ ଫୁଲାଡି ଅଭିମୁଖେ ଯାଇଥିଲେ। ରାତି ପ୍ରାୟ ୨ଟା୨୦ରେ ପୁଲିସ ଜଳେଶ୍ୱର ହୋଇ ପଶ୍ଚିମବଙ୍ଗ ଅଭିମୁଖେ ଯିବା ପାଇଁ ୪ଟି ଗୋରୁ ବୋଝେଇ ଟ୍ରକ ଫୁଲାଡି ପୋଲ ଆଡକୁ ଯାଉଥିବା ଦେଖଇବାକୁ ପାଇଥିଲେ। ଗୋରୁ ବୋଝେଇ ଟ୍ରକ ସମ୍ମୁଖରେ କିଛି ବୋଲେରୋ, କାର ଏବଂ କିଛି ମୋଟରସାଇକେଲ ମଧ୍ୟ ଯାଉଥିଲା। ପୁଲିସ ଯେତେବେଳେ ସେମାନେ ଗାଡିକୁ ଅଟକାଇବାକୁ ଚେଷ୍ଟା କରିଥିଲା ସେତେବେଳେ ଗୋରୁ ବୋଝେଇ ଟ୍ରକ ସମ୍ମୁଖରେ ଥିବା ଅନ୍ୟ ଏକ ଟ୍ରକର ଡ୍ରାଇଭର ହଠାତ ଗାଡ଼ିର ବେଗ ବଢ଼ାଇ ପୁଲିସ ଗାଡିକୁ ଧକ୍କା ଦେଇଥିଲା। ଯାହାଫଳରେ ପୁଲିସ ଗାଡ଼ି କ୍ଷତିଗ୍ରସ୍ତ ହେବା ସହ ଡ୍ରାଇଭରର ହାତ ଏବଂ ଛାତିରେ ମାଡ ମଧ୍ୟ ହୋଇଥିଲା। ଦୁର୍ଘଟଣା ଘଟାଇ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ପୁଲିସ ଘଟଣା ସ୍ଥଳରୁ ତିନୋଟି ଗୋରୁ ବୋଝେଇ ଟ୍ରକ ସହ ୬ଟି ମୋଟର ସାଇକେଲ ଜବତ କରିବାକୁ ସକ୍ଷମ ହୋଇଥିଲେ। ଟ୍ରକ୍ ଗୁଡ଼ିକରେ ଥିବା ୧୧୩ ଗୋରୁ ମଧ୍ୟରୁ ୧୧ଟିର ମୃତ୍ୟୁ ହୋଇଯାଇଥିଲା। ଜୀବିତ ୧୦୨ଟି ଗୋରୁକୁ ବାମପଦା ସ୍ଥିତ ମା' ଭାରତୀ ଗୋସେବା କେନ୍ଦ୍ରକୁ ହସ୍ତାନ୍ତର କରାଯାଇଥିବା ନେଇ ଏସ୍‌ପି ରାଜ ପ୍ରସାଦ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ, ସଦର ଥାନା ଅଧିକାରୀ ସାଲଖାନ ମୁର୍ମୁ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ସପ୍ତମ ଶ୍ରେଣୀ ଛାତ୍ର ମୃତ

ସୋର,୨୧।୫(ସମିସ): ସୋର ଥାନା କୋଚିଆକୋଇଲି ଗ୍ରାମରେ ପୋଖରୀରେ ଗାଧୋଉଥିବା ବେଳେ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଗ୍ରାମର ପ୍ରଶାନ୍ତ ଶିଅଳଙ୍କ ପୁଅ ତୁଷାରକାନ୍ତ ଆଜି ମଧ୍ୟାହ୍ନରେ ଗାଧୋଇବା ପାଇଁ ଘର ନିକଟରେ ଥିବା ପୋଖରୀକୁ ଯାଇଥିବା ବେଳେ ସେଠାରେ ସେ ବୁଡିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତୁଷାରକୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଁଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

● ନୂଆ ପଦୋନ୍ନତି ନିୟମର ପ୍ରତିବାଦ

## ଆନ୍ଦୋଳନକୁ ଓହ୍ଲାଇବେ ଖଇରା ବ୍ଲକ୍‌ର ୩୦୦ ଶିକ୍ଷକ

ଖଇରା,୨୧।୫ (ସମିସ): ସରକାରଙ୍କ ନୂଆ ତୃଟିପୂର୍ଣ୍ଣ ପଦୋନ୍ନତି ଯୋଗୁଁ ବାଲେଶ୍ୱର ଜିଲା ଖଇରା ବ୍ଲକର ପାଖାପାଖି ୩ଶହ ଶିକ୍ଷକଙ୍କ ପଦୋନ୍ନତି ଅଟକି ରହିଛନ୍ତି। ଏହା ପ୍ରତିବାଦରେ ଉପରୋକ୍ତ ଶିକ୍ଷକ ମାନେ ସରକାରଙ୍କୁ ଘେରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ଖଇରା ବ୍ଲକ ଶିକ୍ଷକ ଭବନରେ ଆୟୋଜିତ ପ୍ରତିବାଦ ସଭା ଏବଂ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ଶିକ୍ଷକ ସଂଘର ନେତୃବୃନ୍ଦ ସରକାରଙ୍କୁ ଘେରିବାକୁ ଚେତାବନୀ ଦେଇଛନ୍ତି। ଶିକ୍ଷକ ନେତା ସୁଶାନ୍ତ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ଜିଲ୍ଲାସ୍ତରୀୟ ନେତା ମହେଶ୍ୱର ଚୌଧୁରୀ ଓ ବିଦ୍ୟାଧର ଶିଅଳ, ବ୍ଲକ ନେତା କୈଳାସ ଚନ୍ଦ୍ର ବେହେରା, ବିଜୟ କୁମାର ଦ୍ୱିବେଦୀ, ଜଗନ୍ନାଥ ମହାପାତ୍ର, ନାରାୟଣ ମହାପାତ୍ର, ଲକ୍ଷ୍ମଣ କୁମାର ସେନ, ସୁବାସ ଚନ୍ଦ୍ର ସାହୁ, ଭରତ ଚନ୍ଦ୍ର ଶିଅଳ, ପ୍ରଦୀପ କୁମାର ମହାନ୍ତି, ଲମ୍ବୋଦର ଦାସ, ହଳଧର ସାହୁ ଏବଂ ବୁଦ୍ଧଦେବ ନାୟକ ପ୍ରମୁଖ ଯୋଗ ଦେଇ ଥିଲେ। ପୂର୍ବରୁ ବିଭିନ୍ନ ବିଜ୍ଞପ୍ତି ମାଧ୍ୟମରେ ୨୦୧୧ ମସିହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ ମାନେ ସରକାରଙ୍କ ସମସ୍ତ ନିୟମ ଆଧାରରେ ଚାକିରି ପାଇଥିବାରୁ ସେମାନଙ୍କ ପାଇଁ ଓଡିଶା ଶିକ୍ଷକ ପ୍ରବେଶିକା ପରୀକ୍ଷା(ଓଟିଇଟି) ଆବଶ୍ୟକ ନଥିବା ଉଲ୍ଲେଖ କରିବା ପରେ ଏବେ ମେ ୩ତାରିଖ ଅତିରିକ୍ତ ଶିକ୍ଷା ସଚୀବଙ୍କ ଚିଠିରେ ଓଟିଇଟି ନାହିଁ ତ ପଦୋନ୍ନତି ନାହିଁ ବୋଲି ଉଲ୍ଲେଖ ହେବା ଏହି ବର୍ଗର ଶିକ୍ଷକଙ୍କୁ ନିରାଶ କରିଛି।

## ତେଲଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚୋରି

ଖଇରା,୨୧।୫ (ସମିସ): ଖଇରା ଥାନା ମହତୀପୁର ଗ୍ରାମ ପଞ୍ଚାୟତ ଅଧୀନ ତେଲଦିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ମଙ୍ଗଳବାର ରାତିରେ ଚୋରି ହୋଇ ଯାଇଥିବା ନେଇ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁମଣୀ ପ୍ରଧାନ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଅଫିସ, ରୋଷେଇ ଏବଂ ଶ୍ରେଣୀ ଗୃହର ତାଲା ଭାଙ୍ଗି ୩ ବସ୍ତା ଚାଉଳ(୧୫୦କିଗ୍ରା), କିଛି ଖେଳନା ଓ ଅନ୍ୟକିଛି ରେକର୍ଡ ପତ୍ର ନେଇ ଯାଇଛନ୍ତି। କମିଟି ସଭାପତିଙ୍କ ଫୋନ ପରେ ସେ ବୁଧବାର ସକାଳେ ବିଦ୍ୟାଳୟକୁ ଯାଇ ଘଟଣା ଦେଖିବା ପରେ ଥାନାକୁ ଅବଗତ କରାଇଥିଲେ। ଖଇରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

## କର୍ଣ୍ଣାଟକରେ ସୋର ଯୁବକଙ୍କୁ ହତ୍ୟା ଅଭିଯୋଗ

ସୋର, ୨୧।୫ (ସମିସ): ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଜଡ଼ାସାହି ଗ୍ରାମର ଜଣେ ଯୁବକଙ୍କ କର୍ଣ୍ଣାଟକରେ ମୃତ୍ୟୁ ହୋଇଯାଇଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ସୋର ବ୍ଲକ ଟେଣ୍ଟେଇ ପଞ୍ଚାୟତ ଜଡ଼ାସାହି ଗ୍ରାମର ଭରତ ମଳିକ କର୍ଣ୍ଣାଟକର ମାଲପେ ଅଞ୍ଚଳରେ ରହି କାମ କରନ୍ତି। ମାତ୍ର ଗତ ଦୁଇଦିନ ତଳେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଆଜି ସକାଳେ ତାଙ୍କ ଶବକୁ ସୋର ଅଣାଯାଇଥିଲା। କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି ତାହା ଜଣାପଡିନଥିବା ବେଳେ ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି।

## ଜମିଜମା ବିବାଦରୁ ଗଣ୍ଡଗୋଳ, ୪ ଗୁରୁତର

ସୋର,୨୧।୫ (ସମିସ): ସୋର ବ୍ଲକ କେଦାରପୁର ପଞ୍ଚାୟତ କେଦାରପୁର ଗ୍ରାମରେ ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ ହେବା ଫଳରେ ଚାରି ଜଣ ଗୁରୁତର ଆହତ ହୋଇ ପ୍ରଥମେ ସୋର ଏବଂ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଅଭିଯୋଗ ଅନୁସାରେ ଏହି ଗ୍ରାମର ପ୍ରହ୍ଲାଦ ମୁଦୁଲି ଏବଂ ମଧୁସୂଦନ ମୁଦୁଲିଙ୍କ ପରିବାର ମଧ୍ୟରେ ଜମିଜମାକୁ ନେଇ ବିବାଦ ଲାଗିରହିଛି। ଆଜି ସକାଳେ ମଧୁସୂଦନଙ୍କ ପରିବାର ପକ୍ଷରୁ ଏକ ଗଛରୁ ଡାଳ ହାଣୁଥିବା ବେଳେ ପ୍ରହ୍ଲାଦଙ୍କ ପରିବାର ଲୋକେ ତାଙ୍କ ସାଇଡରେ ଥିବା ଡାଳ କାଟିବାକୁ କହିଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ଫଳରେ ମଧୁସୂଦନଙ୍କ ପରିବାର ଲୋକେ କଟୁରୀ ସମେତ ବିଭିନ୍ନ ମାରଣାସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ପ୍ରହ୍ଲାଦଙ୍କ ସ୍ତ୍ରୀ ମାଳତୀ, ପୁଅ ନିରଞ୍ଜନ ଏବଂ ମନୋରଞ୍ଜନଙ୍କ ମୁଣ୍ଡ, ବେକ, ହାତ, ଦେହରେ ଗଭୀର କ୍ଷତ ସୃଷ୍ଟି ହେବା ସହିତ ସମସ୍ତେ ଗୁରୁତର ଆହତ ହୋଇଥିଲେ ଏବଂ ପ୍ରହ୍ଲାଦଙ୍କ ଗର୍ଭବତୀ ବୋହୂଙ୍କ ତଳି ପେଟକୁ ଗୋଇଠା ମାରିବା ସହିତ ତାଙ୍କୁ ଆକ୍ରମଣ କରିବାରୁ ସେ ମଧ୍ୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିବା ବେଳେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସମସ୍ତଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଏ ବାବଦରେ ପ୍ରହଲ୍ଲାଦଙ୍କ ସ୍ତ୍ରୀ ମାଳତୀ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ମଧୁସୂଦନଙ୍କ ପରିବାର ପକ୍ଷରୁ ଥାନାରେ ପାଲଟା ଅଭିଯୋଗ କରିଥିବା ଜଣାପଡିଛି।

## ବିଷପିଇ ଆତ୍ମହତ୍ୟା

ସୋର, ୨୧।୫(ସମିସ): ସୋର ଥାନା ସରଶଙ୍ଖ ପଞ୍ଚାୟତ ବାସୁଦେଇପୁର ଗ୍ରାମରେ ଜଣେ ବ୍ୟକ୍ତି ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ଏହି ଗ୍ରାମର ନିରଞ୍ଜନ ସାସମଲ (୫୫) ରୋଗଗ୍ରସ୍ତ ହୋଇ ଚିକିତ୍ସିତ ହେଉଥିଲେ। କିନ୍ତୁ ଗତକାଲି ରାତିରେ ସେ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଦେଇ ଶୋଇ ପଡିଥିଲେ। ଆଜି ସକାଳେ ପରିବାର ଲୋକେ ତାଙ୍କୁ ଡାକିବାରୁ ସେ ଶୁଣି ନ ଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସୋର ମେଡିକାଲକୁ ଆଣିଥିଲେ। ଏ ବାବଦରେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

# ପ୍ରାକ୍ ପ୍ରସ୍ତୁତି, ଉଦ୍ଧାର ଏବଂ ଥଇଥାନକୁ ଗୁରୁତ୍ୱ

ବାଲେଶ୍ୱର,୨୧।୫ (ସମିସ)




ସମ୍ଭାବ୍ୟ ବାତ୍ୟା ଓ ବନ୍ୟାକୁ କିପରି ଭାବେ ମୁକାବିଲା କରାଯିବ ସେ ନେଇ ଆଜି ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନିର୍ଦ୍ଦେଶାବଳୀ ଅନୁସାରେ ଜିଲ୍ଲାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି କାର୍ଯ୍ୟ ଖସଡ଼ା ଉପରେ ଆଲୋଚନା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାକ୍ ପ୍ରସ୍ତୁତି, ଉଦ୍ଧାର ଏବଂ ଥଇଥାନ ଆଦି ମୁଖ୍ୟ ତିନୋଟି ପଦକ୍ଷେପ ପ୍ରତି ଧ୍ୟାନ ଦେଇ ଯୋଜନା ପ୍ରସ୍ତୁତ ପରିଚାଳନା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଥିଲେ। ଆଗକୁ ଆସୁଛି ବର୍ଷାଋତୁ। ଏହି ସମୟରେ ସମ୍ଭାବ୍ୟ ବନ୍ୟା, ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା, ଉଦ୍ଧାର ଓ ରିଲିଫ କାର୍ଯ୍ୟକୁ କିପରି ଭାବେ ସୁପରିଚାଳନା କରାଯିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ରିଲିଫ କାର୍ଡ ଓ ବିପର୍ଯ୍ୟୟ ପରିଚାଳନା ଯୋଜନା କାର୍ଯ୍ୟକ୍ରମ ଅନୁଯାୟୀ ମୁଖ୍ୟତଃ ବନ୍ୟା ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରାଯିବା, ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯିବା, ପାଣିପାଗ ସତର୍କ ସୂଚନା ପାଇଁ ଭିଏଚଏଫସେଟ, ରେନଗେଜ ଷ୍ଟେସନ କାର୍ଯ୍ୟକ୍ଷମ କରାଯିବା, ବନ୍ୟା ବାତ୍ୟା ପ୍ରଭାବିତ ଲୋକଙ୍କୁ ନିରାପଦ ସ୍ଥାନକୁ ନିଆଯିବା, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରଖାଯିବା ଆଦି ବିଭିନ୍ନ ଦିଗ ଉପରେ ଗୁରୁତ୍ୱରୋପ କରାଯାଇଥିଲା। ଜିଲ୍ଲାର ସମସ୍ତ ତହସିଲଦାର, ବିଡ଼ିଓଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏଥିପ୍ରତି ସଜାଗ ହୋଇ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ପଞ୍ଚାୟତ, ପୌରପାଳିକା ଏବଂ ଏନଏସିରେ ପର୍ଯ୍ୟାପ୍ତ ପରିମାଣର ଚୁଡ଼ା, ଚାଉଳ, ଗୁଡ଼, କିରାସିନି, ପଲିଥିନ ଆଦି ଗଚ୍ଛିତ କରି ରଖିବା ଏବଂ ପ୍ରଚୁର ପରିମାଣର ଗୋଖାଦ୍ୟ ମହଜୁଦ କରି ରଖିବା ପାଇଁ ଏହି ବୈଠକରେ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧ଲକ୍ଷ ୯୨ହଜାର କୁଇଣ୍ଟାଲ ଚାଉଳ ମହଜୁଦ ରହିଥିବା ବେଳେ କିରାସିନ ସହ ବିଭିନ୍ନ ସାମଗ୍ରୀ ମହଜୁଦ ରହିଛି ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ସମେତ ଦୁର୍ବଳ ବନ୍ଧ, ଜଳସେଚନ ପ୍ରକଳ୍ପର କେନାଲ ମରାମତି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା, ଜଳସେଚନ ଓ ରାସ୍ତା, ପୋଲ ଆଦି ନିର୍ମାଣ ଓ ମରାମତି କାର୍ଯ୍ୟ ଏବଂ ବନ୍ୟା ଜଳରେ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରିବା ସହ ନଳକୂପ ଗୁଡ଼ିକୁ ବିଶୋଧନ କରିବାକୁ କୁହାଯାଇଛି।


ଜିଲ୍ଲାରେ ଥିବା ସମସ୍ତ ୧୨୯ଟି ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକର ମରାମତି ପାଇଁ ୬ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ଏହି ସମସ୍ତ କାର୍ଯ୍ୟ ଆସନ୍ତା ଏକ ସପ୍ତାହ ମଧ୍ୟରେ ଶେଷ କରାଯିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାବ୍ୟତୀତ ଯେଉଁ ଆଶ୍ରୟସ୍ଥଳୀ ଗୁଡିକୁ ଯିବା ଆସିବା ପାଇଁ ରାସ୍ତାଘାଟ ସଠିକ ନାହିଁ ତାକୁ ତୁରନ୍ତ ମରାମତି କରାଯିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଏହାଛଡ଼ା ବନ୍ୟା ପରେ ତୁରନ୍ତ କ୍ଷତିଗ୍ରସ୍ତ ଚାଷଜମିର ଆକଳନ କରିବା ପାଇଁ ଏବେ ଠାରୁ ପ୍ରସ୍ତୁତ ହେବା ପାଇଁ କୃଷି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର, ଉପକେନ୍ଦ୍ରରେ ଯଥେଷ୍ଟ ଔଷଧ ମହଜୁଦ ରଖିବା, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ପ୍ରତି ଧ୍ୟାନଦେବା, ଗୃହପାଳିତ ପଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଔଷଧ ଓ ଗୋଖାଦ୍ୟ ମହଜୁଦ ରଖିବା ପାଇଁ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ସମ୍ଭାବ୍ୟ ବନ୍ୟା, ବାତ୍ୟା ପ୍ରଭାବିତ ଅଞ୍ଚଳରେ କ୍ଷୟକ୍ଷତିର ଭରଣା ପାଇଁ ଆବଶ୍ୟକୀୟ ସାର, ବିହନ ଆଦି ଯୋଗାଇଦେବା, ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା, ସହରାଂଚଳରେ ପାନୀୟ ଜଳ ପ୍ରତି ଧ୍ୟାନଦେବା, ଦୁର୍ଗମ ଗ୍ରାମାଂଚଳରେ ପିଡିଏସ ହିତାଧିକାରୀଙ୍କୁ ଚାଉଳ ଏକ ସଙ୍ଗରେ ପ୍ରଦାନ କରାଯିବା, କ୍ଷତିଗ୍ରସ୍ତ ଲୋକମାନଙ୍କୁ ରିଲିଫ ଓ ଥଇଥାନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବସ୍ତା ବିଧାୟିକା ସୁବାସିନୀ ଜେନା, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ ପ୍ରମୁଖଙ୍କ ସହ ଅନ୍ୟ ସାଂସଦ ଓ ବିଧାୟକଙ୍କ ପ୍ରତିନିଧି, ସମସ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଅଧ୍ୟକ୍ଷା, ଏନ୍‌ଏସି ଅଧ୍ୟକ୍ଷ, ଅଧ୍ୟକ୍ଷା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀତାଂଶୁ ଶେଖର ଦାସଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଉପସ୍ଥିତ ଥିଲେ।

## ରେଳମନ୍ତ୍ରୀଙ୍କ ନିର୍ବାଚନ ଭେଟିକୁ ପୂରିଲା ବର୍ଷେ

# ଘୋଷଣାରେ ଅଟକିଛି ବସ୍ତା ରେଳ ଓଭରବ୍ରିଜ୍ ନିର୍ମାଣ

ବସ୍ତା ବ୍ଲକ, ୨୧।୫ (ସମିସ)





ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀ ଦୁଇଟି ବ୍ଲକ ଯଥା ବସ୍ତା ଓ ବାଲିଆପାଳକୁ ନେଇ ଗଠିତ। ଏହି ନିର୍ବାଚନ ମଣ୍ଡଳୀରେ ପ୍ରମୁଖ ରେଳ ଷ୍ଟେସନ ହେଉଛି ବସ୍ତା। ବସ୍ତା ରେଳ ଷ୍ଟେସନ ଉପରେ ବସ୍ତା, ଜଳେଶ୍ୱର, ସଦର ଓ ମୟୂରଭଞ୍ଜ ଜିଲ୍ଲାର ମୋରଡ଼ା ନିର୍ବାଚନ ମଣ୍ଡଳୀର ଲୋକେ ନିର୍ଭରଶୀଳ । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବସ୍ତା ଷ୍ଟେସନ ଠାରୁ ଏକ କିଲୋମିଟର ଭିତରେ ଆସୁଛି ମୟୂରଭଞ୍ଜ ଜିଲ୍ଲା। ଦୈନନ୍ଦିନ ହଜାର ହଜାର ଲୋକେ ବସ୍ତା ଦେଇ ରାଜ୍ୟର କୋଣ ଅନୁକୋଣକୁ ଯାଇଥାନ୍ତି। ଏଠାରେ ଯାତାୟାତର ମୁଖ୍ୟ ପ୍ରତିବନ୍ଧକ ସାଜିଛି ବସ୍ତା ଦକ୍ଷିଣ କ୍ୟାବିନ ରେଳ ଫାଟକ। ଉକ୍ତ ଫାଟକ ପରେ ବସ୍ତା ବ୍ଲକ କାର୍ଯ୍ୟାଳୟ, ସ୍କୁଲ, କଲେଜ, ପ୍ରାଣୀଧନ ଚିକିତ୍ସାଳୟ, ବନ ବିଭାଗ କାର୍ଯ୍ୟାଳୟ, ଆରଡି କାର୍ଯ୍ୟାଳୟ, ବ୍ୟାଙ୍କ, ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ସହ ସରକାରୀ ବେସରକାରୀ ପ୍ରତିଷ୍ଠାନ, ମାର୍କେଟ, ପଞ୍ଚାୟତ କାର୍ଯ୍ୟାଳୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ସ୍ଥାୟୀ ବାସିନ୍ଦା ଅଛନ୍ତି। ବସ୍ତାକୁ ଦୁଇ ଭାଗ କରୁଥିବା ଏହି ଫାଟକ ବର୍ଷ ବର୍ଷ ଧରି ଲୋକଙ୍କ ପାଇଁ ଅଭିଶାପ ସଦୃଶ ହୋଇଛି। ଫାଟକ ପଡୁଥିବାରୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଜରୁରୀକାଳୀନ କ୍ଷେତ୍ରରେ ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଫାଟକ ପଡ଼ି ରହୁଥିବାରୁ ଗାଡ଼ି ମୋଟର ଜାମ ଲୋକଙ୍କୁ ଅଣନିଶ୍ୱାସୀ କରିଦେଉଛି। ଏଠାରେ ଏକ ରେଳ ଓଭର ବ୍ରିଜ ନିର୍ମାଣ ପାଇଁ ୨୦ ବର୍ଷ ଧରି ଦାବି ହୋଇ ଆସୁଛି।

ଗତ ୨୦୨୪ ନିର୍ବାଚନୀ ପ୍ରଚାରରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ସହ ଲଙ୍ଗଳେଶ୍ୱର ଆସି ଖୋଦ୍ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବହୁ ଦାବି ହେଉଥିବା ଦକ୍ଷିଣ କେବିନ୍ ଠାରେ ଏଲସି ଗେଟ ନମ୍ବର-୬୧ ଓ ମୟୂରଭଞ୍ଜକୁ ସଂଯୋଗ କରୁଥିବା ଏଲ ସି ଗେଟ ନମ୍ବର ୬୦ ଉପରେ ଦୁଇଟି ଓଭର ବ୍ରିଜ ହେବା ନେଇ ଘୋଷଣା କରିଥିଲେ। ଏହି ଘୋଷଣାକୁ ନେଇ ବସ୍ତା ବାସୀଙ୍କ ମନରେ ଆନନ୍ଦ ଖେଳି ଯାଇଥିଲା। ଦୀର୍ଘ ଦିନର ସ୍ୱପ୍ନ ପୂରଣ ହେବ ଲୋକେ ଅପେକ୍ଷା ଯନ୍ତ୍ରଣାରୁ ମୁକ୍ତି ପାଇବେ ନେଇ ଆଶା ବାନ୍ଧିଥିଲେ। ଏବେ ଏହି ଘୋଷଣାକୁ ବର୍ଷେ ପୂରିଛି। ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଘୋଷଣାରେ ଅଟକି ଗଲାକି ରେଳ ଓଭର ବ୍ରିଜ। ସେମିତି ଆଖିଦୃଶିଆ କାର୍ଯ୍ୟ ହୋଇ ନାହିଁ ଯାହା ଲୋକେ ଭରସାକୁ ନେଇ ପାରିବେ। ଏ ନେଇ ବାଲେଶ୍ୱର ପିଡବ୍ଲୁଡି ବିଭାଗର ଏସି ପିନାକୀ ସ୍ୱାଇଁ କହିଛନ୍ତି ଏହି ଦୁଇଟି ବ୍ରିଜ୍ ପାଇଁ ଏଲାଇନମେଣ୍ଟ ଅନୁମୋଦନ ସରିଛି ଓ ଡ୍ରଇଂ ପାଇଁ ରେଳ ବିଭାଗକୁ ପଠା ଯାଇଛି। ରେଳବାଇରୁ ପ୍ରପୋଜାଲ ଆସିଲେ ତୁରନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହେବ। ତଥାପି ୨୦୨୫ - ୨୬ ଆର୍ଥିକ ବର୍ଷ ରେ ଏହି ଦୁଇଟି ବ୍ରିଜ ପାଇଁ ପ୍ରପୋଜାଲ ଦିଆଯାଇଛି। କେବଳ ରେଳବାଇ ସ୍ୱୀକୃତିକୁ ଅପେକ୍ଷା କରାଯାଇଥିବା ସେ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟାକୁ ବିଚାରକୁ ନେଲେ ଯଦି ବସ୍ତାର ନିର୍ବାଚିତ ଜନପ୍ରତିନିଧି, ବିଧାୟକ, ସାଂସଦ ଯଦି ଏହି ବ୍ରିଜ ନିର୍ମାଣ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ରେଳବାଇ ଉପରେ ଦୃଷ୍ଟି ଦିଅନ୍ତେ ଓ କିପରି ରେଳବାଇ ସ୍ୱୀକୃତି ତୁରନ୍ତ ମିଳିପାରିବ ସେ ନେଇ ଚେଷ୍ଟା କରନ୍ତେ ତାହେଲେ ବସ୍ତା ବାସୀଙ୍କୁ ଏକ ବଡ଼ ସଫଳତା ମିଳି ପାରନ୍ତା ବୋଲି ଆଲୋଚନା ହେଉଛି। ଏବେ ଡବଲ ଇଞ୍ଜିନ ସରକାର ଥିବା ବେଳେ ଉନ୍ନତିମୂଳକ କାର୍ଯ୍ୟ ଅଟକି ରହିବା ନେଇ ସବୁ ମହଲରୁ ଅସନ୍ତୋଷ ପ୍ରକାଶ ପାଉଛି।

# କ୍ରୀଷ୍ଣା ଦେ କଲେଜ ଟପ୍ପର



**କମର୍ଦ୍ଦା, ୨୧।୫ (ସମିସ):** ଚଳିତ ବର୍ଷ ଯୁକ୍ତ ଦୁଇ କଳା ବାର୍ଷିକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଭୋଗରାଇ ବ୍ଲକ ଦହମୁଣ୍ଡା ଆନନ୍ଦମୟୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ କ୍ରୀଷ୍ଣା ଦେ ମୋଟ୍ ୪୮୦ ମାର୍କ ରଖି କଲେଜ ଟପ୍ପର ହେଇଛନ୍ତି। କ୍ରୀଷ୍ଣା ନାଚିନ୍ଦା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖରିଦଚକ ଗ୍ରାମର ପିତା ସପନ ଦେ ଓ ମାତା ଶାନ୍ତିଲତା ଦେଙ୍କ ଝିଅ ଅଟନ୍ତି। ଜଣେ କୃଷକର ଝିଅ କ୍ରୀଷ୍ଣା ଦହମୁଣ୍ଡାସ୍ଥିତ ଯୁକ୍ତ ଦୁଇ କଳା 'ଜିଜ୍ଞାସା ଶିକ୍ଷାକେନ୍ଦ୍ର'ରେ କୋଚିଂ ନେଉଥିଲେ। ସେ ନିଜ ସଫଳତାର ଶ୍ରେୟ ପିତା ମାତା, ଜେଜେବାପା ନୀଳକଣ୍ଠ ଦେ ଏବଂ ଆନନ୍ଦମୟୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଅଳକା ଦାସ ଓ ଅଧ୍ୟକ୍ଷ ସର୍ବେଶ୍ୱର ସିଟ୍, ଅଧ୍ୟାପକ ମନୋରଞ୍ଜନ ସୁର, ଅଧ୍ୟାପିକା ବସୁମତି ପତି ଏବଂ ଜିଜ୍ଞାସା ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଶିବନାରାୟଣ ପାତ୍ର , ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବବ୍ରତ ଦେ, ଅଧ୍ୟାପକ ସରୋଜ କୁମାର ଦାସ, ପଣ୍ଡିତ ଗଜାନନ ମହାପାତ୍ର, ଜୟଦେବ ଦାସ ଓ ଅଞ୍ଜନ ଦେ ପ୍ରମୁଖଙ୍କୁ ଦେଇଛନ୍ତି। କ୍ରୀଷ୍ଣା ଭବିଷ୍ୟତରେ ଜଣେ ଓଡ଼ିଆ ଅଧ୍ୟାପିକା ହେବାର ଲକ୍ଷ୍ୟ ରଖିଥିବା କହିଛନ୍ତି। କ୍ରୀଷ୍ଣାଙ୍କ ସଫଳତା ପାଇଁ ନାଚିନ୍ଦା ସରପଞ୍ଚ ଶିଶିର କୁମାର ରଣା, ଖରିଦପିପଳ ସରପଞ୍ଚ ମଞ୍ଜୁରାଣୀ ବେହେରା, ଆଇନଜୀବୀ ରାଜକିଶୋର ଜେନା, ମୁରଲୀ ମୋହନ ପଟ୍ଟନାୟକ, ଶିକ୍ଷକ ସତ୍ୟବ୍ରତ ଦାସ ଅଧିକାରୀ, ଶିକ୍ଷକ ସଞ୍ଜୟ ମୁଦୁଲି ଶୁଭେଚ୍ଛା ଜଣାଇଛନ୍ତି।

# ଭାଲୁକାଶୁଣି ମାଟିଆଳି ରାସ୍ତା ଉନ୍ନତୀକରଣ କାର୍ଯ୍ୟ ନିମ୍ନମାନର

● ଗ୍ରାମବାସୀଙ୍କ ବିରୋଧ ପରେ ରାସ୍ତାକାର୍ଯ୍ୟ ବନ୍ଦ

**ନୀଳଗିରି, ୨୧।୫ (ସମିସ):** ଭାଲୁକାଶୁଣିରୁ ମାଟିଆଳୀ ଭାୟା ନରଣପୁର ରାସ୍ତାର ଉନ୍ନତିକରଣ ଏବଂ ପ୍ରଶସ୍ତିକରଣ ପାଇଁ ୧୮ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ ହୋଇ ରାସ୍ତାକାର୍ଯ୍ୟ ଚାଲୁରହିଥିବା ବେଳେ ଉକ୍ତ ରାସ୍ତାକାମ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଆସୁଥିଲା। ବୁଧବାର ମାଟିଆଳୀ ପଞ୍ଚାୟତ ଆଡିଆଖୁଣ୍ଟା ନିକଟରେ କଂକ୍ରିଟ ଢ଼ଳେଇ ଚାଲିଥିବା ବେଳେ ରାସ୍ତାକାମ ବନ୍ଦ କରିଛନ୍ତି ଗ୍ରାମବାସୀ। ନିମ୍ନମାନର ଚିପ୍ସ, ବାଲି, ସିମେଣ୍ଟରେ କାର୍ଯ୍ୟ ହେଉଥିବା କାରଣରୁ ଏଭଳି ବିରୋଧ କରାଯାଇଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ମୁଖ୍ୟତଃ ଢ଼ଳେଇ ରାସ୍ତାରେ ପାଣି କିଓରିଂ ବା ପାଣି ସିଞ୍ଚନ କରାଯାଉନଥିବାରୁ ଗୋଟିଏ ଦିନ ମଧ୍ୟରେ ରାସ୍ତା ଫାଟି ଆଁ କରିଥିବାରୁ ଏହାକୁ ବିରୋଧ କରି ବୁଧବାର ଉକ୍ତ ଗ୍ରାମର ପୁରୁଷ ଓ ମହିଳାମାନେ ଏକତ୍ରିତ ହୋଇ କାମ ବନ୍ଦ କରିଥିଲେ। ପୂର୍ବରୁ ବାରମ୍ବାର ଗ୍ରାମବାସୀ ସୂଚନା ଦେଇଥିଲେ ମଧ ଠିକାଦାର ଏଥିପ୍ରତି ଦୃଷ୍ଟି ଦେଇନଥିବାରୁ ବାଧହୋଇ ରାସ୍ତାକାମ ବନ୍ଦକରିଥିବା ଆଡିଆଖୁଣ୍ଟା ଏବଂ ମାଟିଆଳୀ ଅଞ୍ଚଳର ବହୁ ଜନସାଧାରଣ ଅଭିଯୋଗ କରିଛନ୍ତି।

# କାଳଶିମିଳି ଗାଁରେ ପହଞ୍ଚିଲେ ଡାକ୍ତରୀ ଟିମ୍

● ଜଣ୍ଡିସ ପୀଡ଼ିତ ଶିଶୁଙ୍କ ରକ୍ତ ନମୁନା ସଂଗ୍ରହ

**କାଳିପଦା, ୨୧।୫ (ସମିସ):** ବାଲିଆପାଳ ବ୍ଲକ ପଞ୍ଚୁପାଲି ପଞ୍ଚାୟତ କାଳଶିମିଳି କାମଳ (ଜଣ୍ଡିସ) ପୀଡ଼ିତ ଗାଁରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଡାକ୍ତରୀ ଟିମ୍ ଆସି ପହଞ୍ଚିଛନ୍ତି। ଏହି ଟିମ୍ ତିନି ପ୍ରକାର ପାନୀୟ ଜଳ ନମୁନା, ୯ ଜଣଙ୍କର ରକ୍ତ ନମୁନା ପରୀକ୍ଷା ପାଇଁ ସଂଗ୍ରହ କରିଛନ୍ତି। ତାହା ଛଡା ପୀଡ଼ିତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ଅନ୍ୟାନ୍ୟ ପରୀକ୍ଷା ସବୁ କରିଥିଲେ। ପୀଡ଼ିତ ମାନଙ୍କୁ ମଧ ଔଷଧ ପ୍ରଦାନ କରିଥିଲେ। ଏହି ଟିମ୍‌ରେ ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ଅରୂପ ଅଭିଷେକ, ମାକ୍ରୋ ବାୟୋଲୋଜିଷ୍ଟ ଦେବସ୍ମିତା ରାୟ ମହାପାତ୍ର, ଲାବ ଟେକ୍ନିସିଆନ ରାଜୀବ କୁମାର ଭୂୟାଁ, ସିଏଚଓ ଅଲିଭାମୟୀ ପଟ୍ଟାୟତ, ଏଚ ଡ଼ବ୍ଲୁ (ଏଫ) ରଞ୍ଜିତା ବେହେରା ପ୍ରମୁଖ ସାମିଲ ହୋଇ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଅଶୁଦ୍ଧ ପାନୀୟଜଳ ଓ ରାସ୍ତା କଡ଼ ଖୋଲା ଖାଦ୍ୟ ସାମଗ୍ରୀ ବ୍ୟବହାର ଓ ଆହରଣ ଯୋଗୁଁ ରୋଗ ବ୍ୟାପିଥିବା ଆକଳନରୁ ଜଣା ପଡିଛି। ଏଥିପାଇଁ ସମସ୍ତ ଗ୍ରାମବାସୀଙ୍କୁ ଫୁଟା ପାଣି ପିଇବାକୁ ଟିମ୍ ପରାମର୍ଶ ଦେଇଛି। ତେବେ ପୀଡ଼ିତ ଶିଶୁ ମାନେ ସୁସ୍ଥ ରହିଥିବା ବେଳେ ଡରିବାର କୌଣସି କାରଣ ନାହିଁ ବୋଲି ଟିମ୍ କହିଛି। ଅନ୍ୟ ପକ୍ଷରେ ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ଧର୍ମପଦ ଗିରି, ଆନନ୍ଦ କୁମାର ଗିରି ପ୍ରମୁଖ ଘଟଣା ସ୍ଥଳରେ ଉପସ୍ଥିତ ରହି ପାଣି ଟାଙ୍କି ସଫା କରାଇବା, ଡ୍ରେନ ସଫା କରାଇବା ସହିତ ବାସି ଖାଦ୍ୟ ବିକ୍ରି ବନ୍ଦ ପାଇଁ ଉଦ୍ୟମ କରୁଛନ୍ତି।



# ନିର୍ମାଣ ହେଉନି ଆଳଦା-କଇଥଗଡିଆ ରାସ୍ତା

## ୩ ପଞ୍ଚାୟତ ଅଧିବାସୀଙ୍କ ଆନ୍ଦୋଳନ ଚେତାବନୀ



**ଖଇରା,୨୧।୫ (ସମିସ):** ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାକୁ ସଂଯୋଗ କରୁଥିବା ଆଳଦା-କଇଥଗଡିଆ ରାସ୍ତା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ବାରମ୍ବାର ଦାବି ପରେ ରାସ୍ତାର ମରାମତି କି ପୁନଃନିର୍ମାଣ ହେଉନାହିଁ। ପ୍ରତିବାଦରେ ଆଗାମୀ ଶୁକ୍ରବାର ଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ନୟାଖଣ୍ଡି, କଇଥଗଡିଆ ଓ ଗଡପୋଖରୀ ପଞ୍ଚାୟତର ଶତାଧିକ ଜନସାଧାରଣ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି। ଏହି ରାସ୍ତାରେ ଦୈନନ୍ଦିନ ଶହ ଶହ ସଂଖ୍ୟାର ଛାତ୍ରୀଛାତ୍ର, କର୍ମଜୀବୀ, ବ୍ୟବସାୟୀ ସାଇକେଲ ଓ ମୋଟସାଇକେଲରେ ଗୋଟିଏ ପଟେ ଖଇରା ବ୍ଲକ ଓ ଅନ୍ୟପଟେ କପ୍ତିପଦା ବ୍ଲକକୁ ଯିବାଆସିବା କରୁଛନ୍ତି। ଗତ ୫ବର୍ଷ ମଧ୍ୟରେ ଆବଶ୍ୟକ ରାସ୍ତା ମରାମତି ଅଭାବରୁ ଏହି ୧୦କିମି ରାସ୍ତା ଜରାଜୀର୍ଣ୍ଣ ହୋଇ ପଡିଛି। ଏହି ରାସ୍ତା ଅତିକ୍ରମ କରିବାକୁ ଅତିକମରେ ଘଣ୍ଟାଏରୁ ଅଧିକ ସମୟ ଲାଗୁଛି। ରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଖାଲ ପାଇଁ ଆମ୍ବୁଲାନ୍ସ କି ଦମକଳ ଗାଡି ଯିବାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବାରମ୍ବାର ଅବଗତ କରାଯାଉଥିଲେ ହେଁ ସେମାନେ ଏଥିପ୍ରତି କର୍ଣ୍ଣପାତ କରୁନଥିବା ନେଇ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଏବଂ ପୂର୍ବତନ ଲୋକପ୍ରତିନିଧି ଅନିତା ପାଇକରାୟ, ନରୋତ୍ତମ ମହିମା ଜେନା, ମମତାମୟୀ ବେହେରା, ସୋନାଲୀ ଶତପଥୀ, ମାନସ କୁମାର ମହାପାତ୍ର, ଗୋବର୍ଦ୍ଧନ ପାଇକରାୟଙ୍କ ସମେତ ବିଶିଷ୍ଟ ହୋମିଓପାଥି ଚିକିତ୍ସକ ଡା. ହରେକୃଷ୍ଣ ରାଉତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ମନୋଜ କୁମାର ସେଣ୍ଠଙ୍କୁ ଯୋଗାଯୋଗ କରିବାରେ ରାସ୍ତା ପାଇଁ ୨ଥର ଟେଣ୍ଡର ସରିଲାଣି। ହେଲେ ରାସ୍ତା ଉପରେ ମକଦ୍ଦମା ଚାଲିବା ରାସ୍ତା ନିର୍ମାଣରେ ପ୍ରତିବନ୍ଧକ ସାଜିଥିବା କହିଛନ୍ତି।

# ଜଳେଶ୍ୱର ସହରରେ ନିର୍ମାଣ ହେବ ସନ୍ତରଣାଗାର



**ଜଳେଶ୍ୱର ବ୍ଲକ, ୨୧।୫(ସମିସ):** ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ଏସି, ଡିସି ବୈଠକରେ ନଗରପାଳ ପ୍ରତୀପ କୁମାର ପ୍ରଧାନ ଜଳେଶ୍ୱର ସହରରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ମଧ୍ୟରେ ଏକ ସନ୍ତରଣାଗାର (ସୁଇମିଂ ପୁଲ୍) ନିର୍ମାଣର ଆବଶ୍ୟକତା ବାବଦରେ ଏକ ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବକୁ ବିଧାୟକ ଶ୍ରୀ ପାତ୍ର ଗୁରୁତ୍ୱ ଦେଇ ବୈଠକରେ ଉପସ୍ଥିତ ଥିବା ଉପ ଜିଲାପାଳ ବାଲେଶ୍ୱରଙ୍କୁ ଏ ବାବଦରେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜଳେଶ୍ୱର ପୌରପାଳିକାର ୨୫ତମ ସାଧାରଣ ବୈଠକ ଗତ ୦୮/୦୫/୨୦୨୫ ରିଖରେ ସନ୍ତରଣାଗାର (ସୁଇମିଂ ପୁଲ୍) ନିର୍ମାଣର ଆବଶ୍ୟକତାକୁ ଉପଲବ୍‌ଧି କରି ପରିଷଦ ସର୍ବ ସମ୍ମତି କ୍ରମେ ସିଦ୍ଧାନ୍ତ ନିଆଯାଇଥିଲା। ତଦନୁଯାୟୀ କାର୍ଯ୍ୟନିର୍ବାହୀ ଅଧିକାରୀ ଆଜି ଜିଲ୍ଲାପାଳଙ୍କୁ ପତ୍ର ଲେଖିଛନ୍ତି। ପ୍ରକାଶ ଥାଉ କି ଉକ୍ତ ସନ୍ତରଣାଗାର ନିର୍ମାଣ ପାଇଁ ବିଧାୟକ ଶ୍ରୀ ପାତ୍ରଙ୍କ ପରାମର୍ଶ ଏବଂ ନଗରପାଳ ଶ୍ରୀ ପ୍ରଧାନଙ୍କ ଅନୁରୋଧ କ୍ରମେ ଆଜି ଉପ ଜିଲ୍ଲାପାଳ ଆଜି ଜଳେଶ୍ୱର ଗସ୍ତରେ ଆସି ଇଣ୍ଡୋର ଷ୍ଟାଡିୟମ୍ ମଧ୍ୟରେ ଥିବା ସ୍ଥାନ ପରିଦର୍ଶନ କରିଥିଲେ। ଏହା ସହ ବିଧାୟକ ଶ୍ରୀ ପାତ୍ର ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କୁ ଭେଟି ଏହି ସନ୍ତରଣାଗାର ନିର୍ମାଣ ପାଇଁ ପ୍ରସ୍ତାବ ରଖିବା ସହ ବିଧାୟକ ପାଣ୍ଠିରୁ ଆବଶ୍ୟକ ଅର୍ଥ ପ୍ରଦାନ କରିବେ ବୋଲି ଲିଖିତ ସ୍ୱୀକୃତି ଦେଇଛନ୍ତି।

# ବସ୍ତାରେ ତ୍ରିରଙ୍ଗା ଯାତ୍ରା




**ବସ୍ତା ବ୍ଲକ, ୨୧।୫ (ସମିସ):** ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ତାର ପରାକ୍ରମ ସାରା ବିଶ୍ୱରେ ଦେଖାଇ ଥିଲା। ସୈନିକଙ୍କ ମନୋବଳ ବୃଦ୍ଧି ପାଇଁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ତ୍ରିରଙ୍ଗା ଯାତ୍ରା ଦେଶ ବ୍ୟାପୀ ପାଳିତ ହେଉଥିବା ବେଳେ ବୁଧବାର ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ପାଳିତ ହୋଇଛି। ବସ୍ତା ପ୍ରେସ କ୍ଲବ ଛକରୁ ଏକ ଶୋଭାଯାତ୍ରା ବାହାରି ବସ୍ତା ବଜାର ପରିକ୍ରମା କରି ଗାନ୍ଧୀଛକ ପର୍ଯ୍ୟନ୍ତ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶହ ଶହ ବିଜେପି କର୍ମୀ, ଅବସର ପ୍ରାପ୍ତ ସେନା କର୍ମଚାରୀ ଓ ଜନତା ଯୋଗ ଦେବା ସହ ଏକ ବିଶାଳ ତ୍ରିରଙ୍ଗା ଧରି ବଜାର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି (ଉତ୍ତର) ପ୍ରଦୀପ କୁମାର ପଣ୍ଡା, ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ଅଣ୍ଡିଆ, ବିଜେପି ନେତା ଶ୍ୟାମ ପ୍ରସାଦ ବେହେରା, ରବୀନ୍ଦ୍ର କୁମାର ଜୈନ, କୃଷ୍ଣ ଚନ୍ଦ୍ର ଦତ୍ତ, ଫର୍ଣାଲ୍ ବିଶ୍ୱାଳ, ଧିରେନ୍ ସେଠୀ, ରଞ୍ଜନ ମହାନ୍ତି, ଦେବାଶିଷ ମହାପାତ୍ର, ମନୋଜ ବେହେରା, ସୂର୍ଯ୍ୟ ନାରାୟଣ ସାହୁ, ବିନୟ କେତନ ଜେନା, ସଞ୍ଜୀବ କୁମାର ଦାସ, ବୀଣାପାଣି ଦାସ ଅଧିକାରୀ, ଅବସର ପ୍ରାପ୍ତ ସେନା ସୁବେଦାର ମେଜର କାଳୀ ଚରଣ ମହାନ୍ତିଙ୍କ ସମେତ ବହୁ ଲୋକ ସାମିଲ ହୋଇ ଥିଲେ। ଏହି ଶୋଭାଯାତ୍ରା ଗାନ୍ଧୀ ଛକରେ ପହଞ୍ଚିବା ପରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

# ବାଲି ଖାଦାନ ଉପରେ ଉପଜିଲ୍ଲାପାଳଙ୍କ ଚଢ଼ଉ, ୬ ହାଇୱା ଜବତ

**ରାଜଘାଟ/ଜଳେଶ୍ୱର ବ୍ଲକ, ୨୧।୫ (ସମିସ) :** ସୁବର୍ଣ୍ଣରେଖା ନଦୀର ବସ୍ତା ବ୍ଲକ ଅର୍ନ୍ତଗତ ଧିତିପୁରା ସରକାରୀ ବାଲି ସୈରାତ ଉପରେ ବାଲେଶ୍ୱର ଉପଜିଲ୍ଲାପାଳ ଚଢ଼ଉ କରି ୫ଟି ବାଲି ବୋଝେଇ ହାଇୱା ଏବଂ ଗୋଟିଏ ଖାଲି ହାଇୱା ଅଟକ ରଖି ତଦନ୍ତ କରିବା ସହିତ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ବିନା ସିଇଓରେ ବାଲି ଚାଲାଣ ନେଇ ହୋଇଥିଲା ଅଭିଯୋଗ ।ସୁବର୍ଣ୍ଣରେଖା ନଦୀରେ ରହିଥିବା ଅନେକ ସରକାରୀ ବାଲି ସୈରାତରେ ବିନା ସିଇଓ ରେ ବାଲି ପରିବହନ ହେଉଥିବା ଅଭିଯୋଗ ହୋଇ ଆସୁଛି। ଆଜି ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ରାଜ ସିକ୍ରେ ଦିନ ଗୋଟିଏ ବେଳେ ଅଚାନକ ଧିତିପୁରା ସରକାରୀ ବାଲି ସୈରାତ ଉପରେ ଚଢ଼ଉ କରିଥିଲେ। ପରିବହନ କରିବା ପାଇଁ ବାଲି ବୋଝେଇ ହୋଇଥିବା ୫ଟି ହାଇୱା ଏବଂ ବାଲି ବୋଝେଇ ପାଇଁ ଅପେକ୍ଷାରେ ଥିବା ଗୋଟିଏ ହାଇୱାକୁ ଅଟକ ରଖି କାଗଜପତ୍ର ଯାଞ୍ଚ କରୁଛନ୍ତି। ଯଦି ସଠିକ ସିଇଓ ନ ଥିବ ତାହାହେଲେ ଜବତ କରାଯିବ ବୋଲି ସୂଚନା ଦେଇଛନ୍ତି। ଏହା ସହିତ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛନ୍ତି। ଏହି ଚଢ଼ଉ ସମୟରେ ଉପଜିଲ୍ଲାପାଳଙ୍କ ସହିତ ଜଳେଶ୍ୱର ଓ ବସ୍ତାର ଦୁଇ ଜୁନିୟର ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଓ ସତ୍ୟ ଚିନ୍ମୟ ଜେନା ସହିତ ଜଳେଶ୍ୱର ପୁଲିସ ଉପସ୍ଥିତ ରହିଥିଲେ।

# ବେଆଇନ ବାଲିଖାଦାନ ରାସ୍ତାକୁ ତାଡ଼ିଦେଲେ ଖଣି ଅଧିକାରୀ

**ରାଜଘାଟ/ଜଳେଶ୍ୱର ବ୍ଲକ, ୨୧।୫ (ସମିସ):** ବେଆଇନ ବାଲି ଖାଦାନ ରାସ୍ତାକୁ ଜେସିବି ସାହାଯ୍ୟରେ ଖୋଳି ଦେଲେ ବସ୍ତା ଓ ଜଳେଶ୍ୱର ଜୁନିୟର ଖଣି ଅଧିକାରୀ। ସୁବର୍ଣ୍ଣରେଖା ନଦୀର ଚାଳନ୍ତି ନିକଟରେ ଦୀର୍ଘ ଦିନରୁ ବେଆଇନ ଭାବରେ ହେଉଥିଲା ବାଲି ଉତ୍ତୋଳନ। ଦିନ ରାତି ବେଧଡକ ଭାବରେ ଜେସିବି, ଡମ୍ପର ହାଇୱା ଲଗାଇ ବାଲି ଲୁଟି ଚାଲିଥିଲେ ମାଫିଆ। ଗତ ଦୁଇଦିନ ତଳେ ବାଲି ଉତ୍ତୋଳନ କରୁଥିବା ବେଳେ ଖବର ପାଇ ଜଳେଶ୍ୱର ଜୁନିୟର ଖଣି ଅଧିକାରୀ ଚଢ଼ାଉ କରିଥିଲେ, ମାତ୍ର ଜେସିବି ଏବଂ ୩ ଟି ହାଇୱା ଚମ୍ପଟ ମାରିଥିବା ବେଳେ ଗୋଟିଏ ହାଇୱା ଜବତ କରିଥିଲା ଖଣି ବିଭାଗ। ଆଜି ବାଲେଶ୍ୱର ଖଣି ବିଭାଗ ଅଧିକାରୀଣୀଙ୍କ ନିର୍ଦ୍ଦେଶ କ୍ରମେ ଜୁନିୟର ଖଣି ଅଧିକାରୀ ଜିତେନ୍ଦ୍ର ଦାସ, ସତ୍ୟ ଚିନ୍ମୟ ଜେନା ଓ ଜଳେଶ୍ୱର ପୋଲିସ୍ ସହାୟତା ରେ ଏହି ବେଆଇନ ଖଣିର ମୁଖ୍ୟ ରାସ୍ତାକୁ ଖୋଳି ଦେଇଛନ୍ତି। ଏହି ଖଣିରୁ ୧୫୦ କୋଟିରୁ ଅଧିକ ଟଙ୍କାର ମାଫିଆ ମାନେ ବାଲି ଲୁଟି ନେଇଥିବା ଜଣା ପଡିଛି। ଏଭଳି ଚଢ଼ାଉ ଆହୁରି ଜୋରଦାର କରାଯିବ ବୋଲି ଜୁନିଅର ଖଣି ଅଧିକାରୀ ଜିତେନ୍ଦ୍ର ଦାସ ସୂଚନା ଦେଇଛନ୍ତି।



## ମିଳୁନି ପ୍ରୋତ୍ସାହନ

# ବାଲିଆପାଳରୁ ଲୋପ ପାଇବ ନଳିତା ଚାଷ

କାଳିପଦା, ୨୧।୫ (ସମିସ)





ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ନ ଥିବାରୁ ବାଲିଆପାଳରୁ ନଳିତା ଚାଷ ଲୋପ ପାଇବ। ଏ ନେଇ କୃଷି ବିଭାଗ ଅଥବା ସରକାର କୌଣସି ପଦକ୍ଷେପ ନ ନେବା ବିଡମ୍ବନାର ବିଷୟ ବୋଲି ଚାଷୀମାନେ କହିଛନ୍ତି। ଅନେକ ଚାଷୀ ନଳିତା ଚାଷ ଛାଡି ଧାନ ଚାଷ କରୁଛନ୍ତି। ସରକାର ଓ ରାଜନେତାଙ୍କ ଉଦାସୀନତା ଯୋଗୁଁ କେନ୍ଦ୍ର ସରକାରଙ୍କ ଅଧିନ ଝୋଟ କ୍ରୟ କେନ୍ଦ୍ର ମଧ ବାଲିଆପାଳରୁ ଉଠିଗଲା। ସୁବର୍ଣ୍ଣ ରେଖା ନଦୀ ଉପକୂଳ ଦୋରସା ପଟୁ ମାଟିରେ ପୂର୍ବରୁ ପ୍ରଚୁର ପରିମାଣରେ ନଳିତା ଚାଷ ହେଉଥିଲା। ସେତେବେଳେ ସରକାର ଚାଷୀମାନଙ୍କୁ ରିହାତି ମୂଲ୍ୟରେ ବିହନ, ସାର ଓ କୀଟ ନାଶକ ଯୋଗାଇ ଦେଉଥିଲେ। ହେଲିକପ୍ଟର ଯୋଗେ ମଧ କ୍ଷେତରେ ସରକାରଙ୍କ ତରଫରୁ ମାଗଣାରେ ସାର ଔଷଧ ସିଞ୍ଚନ କରାଯାଉଥିଲା।

ଅଶି ଦଶକରେ ବାଲିଆପାଳରୁ ରେକର୍ଡ ପରିମାଣରେ ଝୋଟ ଉତ୍ପାଦିତ ହେଉଥିଲା। କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ମଧୁପୁରା, ଜାମକୁଣ୍ଡା, ଡଗରା ଆଦି ସୁବର୍ଣ୍ଣରେଖା ନଦୀ କୁଳିଆ ପଞ୍ଚାୟତର ଚାଷୀମାନେ ସେମାନଙ୍କ ସତୁରି ପ୍ରତିଶତ ଜମିରେ ନଳିତା ଚାଷ କରୁଥିଲେ। ପୂର୍ବତନ ବିଧାୟକ ସ୍ୱର୍ଗତ ଗଦାଧର ଗିରିଙ୍କ ଉଦ୍ୟମ କ୍ରମେ ବାଲିଆପାଳରେ ଝୋଟ ନିଗମ, କୃଷି ବିଜ୍ଞାନ କେନ୍ଦ୍ର ଆଦି ପ୍ରତିଷ୍ଠିତ ହୋଇଥିଲା। ନଳିତା ଚାଷ ଏକ ଅର୍ଥକାରୀ ଫସଲ ହୋଇ ଥିବାରୁ ଚାଷୀ ଏହାକୁ ଚାଷ କରି ଖୁବ୍ ଲାଭବାନ ହେଉଥିଲେ। ପିତା ଓ ମିଠା ନଳିତା ଏ ଅଞ୍ଚଳରେ ପ୍ରଚୁର ପରିମାଣରେ ଚାଷ ହେଉଥିଲା। ଝୋଟ କ୍ରୟ କେନ୍ଦ୍ର ଉଭୟ କିସମ ଝୋଟକୁ ଧାର୍ଯ୍ୟ ମୂଲ୍ୟ ତାଲିକା ଅନୁସାରେ କିଣି ନେଉଥିଲେ। ଜଣେ ଅଣ ଓଡ଼ିଆ ଅଫିସରଙ୍କ ଚକ୍ରାନ୍ତ ଯୋଗୁଁ କେନ୍ଦ୍ର ସରକାର ଅଧିନ ଝୋଟ କ୍ରୟ କେନ୍ଦ୍ର ଅନ୍ୟତ୍ର ଉଠିଗଲା। ଲୋକ ପ୍ରତିନିଧିମାନେ କିଛି କରି ପାରିଲେ ନାହିଁ। ଚାଷୀମାନେ ଉତ୍ପାଦିତ ଝୋଟ ବିକ୍ରି କରି ନ ପାରି କ୍ଷତିରେ ପଡିଲେ। ଏହାର ସୁଯୋଗରେ ଦଲାଲ ମାନେ ଚାଷୀଙ୍କୁ ଶୋଷଣ କଲେ। ବହୁ ଚାଷୀ ମଧ ଅଭାବୀ ବିକ୍ରିର ଶିକାର ହେଲେ। ବହୁ ଦାବି ପରେ ଗତ ବର୍ଷ ଭାରତୀୟ ଝୋଟ ନିଗମ ଚାଷୀଙ୍କଠୁ ଅଳ୍ପ କିଛି ଝୋଟ କିଣି ଚୁପ ରହିଲେ। ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଦେଲେ ଝୋଟ ଚାଷ ପ୍ରତି ଚାଷୀ ଆଗେଇ ଆସନ୍ତେ ବୋଲି ଅଗ୍ରଣୀ ଚାଷୀ ଶରତ ଚନ୍ଦ୍ର ପ୍ରଧାନ, ଅନନ୍ତ କୁମାର ରାଉତ, ମଦନ ମୋହନ ଜେନା, ଗଣପତି ବାରିକ, ସୁଦର୍ଶନ ଜେନା, ଭାରତ ମିଶ୍ର, ଗଗନ ବାରିକ ପ୍ରମୁଖ କହିଛନ୍ତି। ଏବେ ବଜାରରେ ଅନେକ ଘର ସାମଗ୍ରୀ ପାଇଁ ଝୋଟର ଆବଶ୍ୟକତା ପଡୁ ଥିବାରୁ ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଦିଅନ୍ତୁ ବୋଲି ଦାବି କରାଯାଇଛି।

## ଜଜଙ୍କ ନାମରେ ଏଫଆଇଆର୍ ଅନୁମତି ଦେବାକୁ ମନାକଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ବିରୋଧରେ ଏତଲା ଦାଏର କରିବା ନେଇ ସୁପ୍ରିମକୋର୍ଟରେ ଆଗତ ଏକ ଆବେଦନକୁ ଖାରଜ କରି ଦିଆଯାଇଛି। ଏହି ଆବେଦନ ଉପରେ ଜଷ୍ଟିସ୍ ଏ ଏସ ଓକାଙ୍କ ନେତୃତ୍ୱ ଖଣ୍ଡପୀଠ ଶୁଣାଣି କରି ଏହାକୁ ଅଗ୍ରାହ୍ୟ କରିଦେବା ସହିତ ଏତଲା ଦାଏର କରାଯାଇପାରିବନି ବୋଲି କହିଛନ୍ତି। ବିଚାରପତିଙ୍କ ଘରୁ ଟଙ୍କା ମିଳିବା ଘଟଣାକୁ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଆଭ୍ୟନ୍ତରୀଣ କମିଟି ଦ୍ୱାରା ଯାଞ୍ଚ କରାଯାଇଥିଲା ବେଳେ ଏହାର ରିପୋର୍ଟ ଏବଂ ଜଷ୍ଟିସ୍ ବର୍ମାଙ୍କ ମତାମତ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ତେଣୁ ପୁଣି ଏତଲା ଦାଏର କରାଯିବାର ଆବଶ୍ୟକତା ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

# ପାକିସ୍ତାନରେ ଜଳସଙ୍କଟ ଉତ୍କଟ; ମନ୍ତ୍ରୀଙ୍କ ଘର ଜାଳିଦେଲେ

■ ସିନ୍ଧ ପ୍ରଦେଶରେ ରାଜରାସ୍ତାକୁ ଓହ୍ଲାଇଲେ ହଜାର ହଜାର ଲୋକ

■ ଜାତୀୟ ରାଜପଥ ବନ୍ଦ, ବିକ୍ଷୋଭ ବେଳେ ଦୁଇ ମୃତ



କରାଚି,୨୧।୫(ଏଜେନ୍ସି): ଭାରତ ପାକିସ୍ତାନକୁ ସିନ୍ଧୁ ନଦୀ ଜଳ ବନ୍ଦ କରିଦେବା ପରେ ଏବେ ପାକିସ୍ତାନର ବିଭିନ୍ନ ପ୍ରଦେଶରେ ଜଳ ସଙ୍କଟ ଉତ୍କଟ ହେବାରେ ଲାଗିଛି। ସିନ୍ଧୁ ନଦୀ ମୁଖ୍ୟତଃ ପଞ୍ଜାବ ଏବଂ ସିନ୍ଧ ପ୍ରଦେଶରେ ପ୍ରବାହିତ ହୋଇ ଆରବ ସାଗରେ ପଡ଼ିଛି। ପାକିସ୍ତାନର ୭୦ ପ୍ରତିଶତ ଜିଡିପି କୃଷି ଉତ୍ପାଦନ କ୍ଷେତ୍ରରୁ ମିଳିଥିଲା ବେଳେ ଏଥିପାଇଁ ସିନ୍ଧୁ ନଦୀ ଜଳ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। କିନ୍ତୁ ଭାରତ ପାଣି ବନ୍ଦ କରିବା ପରେ ଏବେ ବିଭିନ୍ନ ଇଲାକାରେ ସ୍ଥିତି ବିପନ୍ନ ହେବାକୁ ଯାଉଛି। ଏହି କାରଣରୁ ବର୍ତ୍ତମାନ ସିନ୍ଧ ଏବଂ ପଞ୍ଜାବ ମଧ୍ୟରେ ବିବାଦ ତେଜିବାରେ ଲାଗିଛି। ସିନ୍ଧୁ ପ୍ରଦେଶବାସୀ ସରକାରଙ୍କ ଉପରେ ଦୋଷ ଲଦି ରାଜରାସ୍ତାକୁ ଓହ୍ଲାଇଛନ୍ତି। ବୁଧବାର ହଜାର ହଜାର ଲୋକ ପଞ୍ଜାବ ଏବଂ ପାକିସ୍ତାନ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ସିନ୍ଧ ଗୃହମନ୍ତ୍ରୀ ଜିଆଉଲ ହାସନ ଲଞ୍ଜରଙ୍କ ଘର ଉପରେ ଆକ୍ରମଣ କରି ଜାଳି ଦେଇଛନ୍ତି। ବିକ୍ଷୋଭକାରୀମାନେ ବନ୍ଧୁକ ଧରି ଆସିଥିଲା ବେଳେ ନୌସାହରୋ ଫିରୋଜ ଜିଲ୍ଲାର ମୋରୋ ତାଲୁକାରେ ପୁଲିସ ଏବଂ ବିକ୍ଷୋଭକରୀଙ୍କ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଛି। ଏଥିରେ ଦୁଇ ଜଣ ବିକ୍ଷୋଭାକାରୀଙ୍କ ମୃତ୍ୟୁ ହେବା ସହିତ ୧୨ ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ସିନ୍ଧୁ ନଦୀ ଜଳ ଉପଯୋଗକୁ ନେଇ ପଞ୍ଜାବ ଏବଂ ସିନ୍ଧ ମଧ୍ୟରେ ବିବାଦ ଲାଗି ରହିଛି। ପାକିସ୍ତାନ ସରକାର ଏହି ପାଣିକୁ ଅନ୍ୟତ୍ର ଉପଯୋଗ କରିବାକୁ ୬ଟି କେନାଲ ଓ କର୍ପୋରେଟ୍ ଫାର୍ମି ପ୍ରକଳ୍ପକୁ ଯୋଗାଇବାକୁ ଯୋଜନା କରିଥିବାରୁ ଏହାକୁ ସିନ୍ଧବାସୀ ଜୋରଦାର ବିରୋଧ କରିଆସୁଛନ୍ତି। ଏଭଳି ସ୍ଥିତିରେ ଭାରତ ପାଣି ବନ୍ଦ କରି ଦେଇଥିବାରୁ ସ୍ଥିତି ଆହୁରି ଉତ୍କଟ ହେବା ସହିତ ଉତ୍ତେଜନା ବଢାଇଛି।

## ଅଲ୍ଲୀ ଖାନ ମହମୁଦବାଦଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ ,୨୧।୫(ଏଜେନ୍ସି): 'ଅପରେସନ ସିନ୍ଦୂର'କୁ ନେଇ ବିବାଦୀୟ ବୟାନ ଦେଇ ଗିରଫ ହୋଇଥିବା ଅଶୋକା ବିଶ୍ୱବିଦ୍ୟାଳୟର ପ୍ରଫେସର ଅଲ୍ଲୀ ଖାନ ମହମୁଦବାଦଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ଜାମିନ ଦେଇଛନ୍ତି। ଏହାସହିତ ଅଲ୍ଲୀ ଖାନଙ୍କ ବିରୋଧରେ ଦାଏର ହୋଇଥିବା ମାମଲାର ଯାଞ୍ଚ ସ୍ୱତନ୍ତ୍ର ଟିମ୍ (ଏସଆଇଟି) ଦ୍ୱାରା କରିବାକୁ ସୁପ୍ରିମକୋର୍ଟ ହରିୟାଣା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ମହିଳା ଆଇପିଏସ୍‌ଙ୍କ ସମେତ ହରିୟାଣାରେ ରହୁ ନଥିବା ୩ ବରିଷ୍ଠ ଅଧିକାରୀଙ୍କୁ ନେଇ ଏସଆଇଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଏହି ଟିମ୍ ୨୪ ଘଣ୍ଟା ମଧ୍ୟରେ ଯାଞ୍ଚ କରି ରିପୋର୍ଟ ଦେବାକୁ କୁହାଯାଇଛି। ସୁପ୍ରିମକୋର୍ଟ ଜାମିନ ବଣ୍ଡ ଜରିଆରେ ଅଲ୍ଲୀ ଖାନଙ୍କୁ ଅନ୍ତରୀଣ ଜାମିନ ଦେଇଥିଲା ବେଳେ ତାଙ୍କ ପ୍ରତି ମଧ୍ୟ କିଛିସର୍ତ୍ତ ରଖିଛନ୍ତି। ଏହି ମାମଲା ସହ ଜଡିତ ପ୍ରସଙ୍ଗ ଉପରେ କୌଣସି ଲେଖା କିମ୍ବା ଅନଲାଇନ୍ ପୋଷ୍ଟ ନ କରିବା କିମ୍ବା ବିବାଦୀୟ ଭାଷଣ ନ ଦେବାକୁ କୁହାଯାଇଛି। ଏହା ବ୍ୟତୀତ ଆବେଦନକାରୀଙ୍କୁ ତାଙ୍କର ପାସପୋର୍ଟ ଦାଖଲ କରିବାକୁ ମଧ୍ୟ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଅଲ୍ଲୀ ଖାନ କର୍ଣ୍ଣେଲ ସୋଫିଆ କୁରେସିଙ୍କୁ ନେଇ ଫେସବୁକ୍‌ରେ ବିବାଦୀୟ ପୋଷ୍ଟ କରିବା ପରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଏବଂ ହରିୟାଣା ପୁଲିସ ତାଙ୍କୁ ଗିରଫ କରିଥିଲା।



# 'ଚିକେନ ନେକ୍' ଉପରେ ଚୀନ୍‌ର ନଜର

■ ବାଂଲାଦେଶର ଲାଲ୍ ମୁନିର ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ




ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଅପରେସନ ସିନ୍ଦୂରକୁ ନେଇ ଭାରତୀୟସେନାର ସଫଳତା ଓ ଉତ୍କର୍ଷତା ଏବେ ଆନ୍ତର୍ଜାତିକ ମହଲରେ ଏକ ଚର୍ଚ୍ଚିତ ପ୍ରସଙ୍ଗ ହୋଇଛି। ସେପଟେ ଚୀନ୍ ନିର୍ମିତ ଏୟାର ଡିଫେନ୍ସ ସିଷ୍ଟମ , ଜେଏଫ୍-୧୭ ଫାଇଟର ଜେଟ୍ ଏବଂ ଅନ୍ୟାନ୍ୟ ରାଡାର ସିଷ୍ଟମକୁ ଉପଯୋଗ କରି ପାକିସ୍ତାନ ଭାରତକୁ ମୁକାବିଲା କରିବାକୁ ସକ୍ଷମ ହୋଇଥିଲା ବେଳେ ଚୀନ୍ ଏବଂ ପାକିସ୍ତାନ ସେନା ମଧ୍ୟ ଚର୍ଚ୍ଚାରେ ରହିଛନ୍ତି। କିନ୍ତୁ ପାକିସ୍ତାନର ଏହି ବିଫଳତା ଏବେ ଚୀନ୍ ପାଇଁ ମହଙ୍ଗା ପଡ଼ିଛି। ବିଶେଷକରି ଚୀନ୍‌ର ପ୍ରତିରକ୍ଷା ଉତ୍ପାଦକୁନେଇ ଆନ୍ତର୍ଜାତିକ ବଜାରରେ ନକାରାତ୍ମକ ପ୍ରଭାବ ପଡ଼ିଥିବାରୁ ଚୀନ୍ ସରକାରଙ୍କ ଚିନ୍ତା ଦ୍ୱିଗୁଣିତ ହୋଇଛି। ଏଥିପାଇଁ ଚୀନ୍ ଆଉ ଚୁପ୍ ବସି ପାରୁନାହିଁ । ଭାରତ ବିରୋଧୀ ମାନସିକତାକୁ ଆହୁରି ସଶକ୍ତ କରି ଚୀନ୍ ଏବେ ଭାରତର 'ସିଲିଗୁଡି କରିଡର୍ 'ବା 'ଚିକେନ ନେକ୍' ଉପରେ ଦୃଷ୍ଟି ନିବଦ୍ଧ କରି କାର୍ଯ୍ୟ ଆରମ୍ଭ କରିଦେଇଛି। ବାଂଲାଦେଶର ୟୁନୁସ୍ ସରକାରଙ୍କ ସହ ହାତ ମିଳାଇ ଚୀନ୍ ଭାରତ ବିରୋଧୀ କାର୍ଯ୍ୟକଳାପ ଜୋରଦାର କରିବାକୁ ପ୍ରସ୍ତୁତି ନେଇଛି। ଏହିକ୍ରମରେ ବହୁ ଚାଇନା ଅଧିକାରୀ ନିକଟରେ ବାଂଲାଦେଶ ଗସ୍ତ କରି ରଣନୀତି ପ୍ରସ୍ତୁତିରେ ଲାଗି ପଡ଼ିଥିବା ସୂଚନା ମିଳିଛି।

ସିଲିଗୁଡି କରିଡର ଏକ ସଙ୍କୁଚିତ ଭୂଖଣ୍ଡ ଭାବେ ଭାରତକୁ ଉତ୍ତରପୂର୍ବ ରାଜ୍ୟ ସମୂହକୁ ସଂଯୋଗ କରୁଛି। କିନ୍ତୁ ଏହି ବାଟ ବନ୍ଦ କରି ଚୀନ୍ ଉତ୍ତରପୂର୍ବ ରାଜ୍ୟଗୁଡିକୁ ଭାରତର ମୂଳ ଭୂଖଣ୍ଡରୁ ଅଲଗା କରିଦେବାକୁ ମସୁଧା ଚଳାଇଛି। ପୂର୍ବରୁ ଅରୁଣାଚଳ ପ୍ରଦେଶକୁ ନିଜର ଦାବି କରୁଥିବା ଚୀନ୍ ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳ ଉପରେ ନିଜର କାୟା ବିସ୍ତାର କରିବାକୁ ବାଂଲାଦେଶର ବହୁ ପୁରୁଣା ଲାଲ ମୁନିର୍ ହାଟ୍ ଏୟାରବେସ୍‌ର ପୁନଃ ନିର୍ମାଣ ପାଇଁ ଲାଗିପଡ଼ିଛି। ୧୯୩୮ରେ ଇଂରେଜ ଶାସନ କାଳରେ ପ୍ରତିଷ୍ଠା କରାଯାଇଥିବା ଏହି ଏୟାରବେସ୍‌କୁ ପରବର୍ତ୍ତୀ ସମୟରେ ୧୯୫୮ରେ ପାକିସ୍ତାନ ବନ୍ଦ କରିଦେଇଥିଲା। ପ୍ରାୟ ୧୬୬ ଏକର ପରିମିତ ଜମି ଉପରେ ନିର୍ମିତ ଏହି ଏୟାରବେସକୁ ତତ୍କାଳୀନ ଶେଖ ହସିନା ସରକାର ଶେଖ ମୁଜିବୁର ରହମନଙ୍କ ସ୍ମୃତିରେ ଏକ ନାଭିଗେସନ ୟୁନିଭର୍ସିଟି ଭାବେ ରୂପାନ୍ତର କରିବାକୁ ଯୋଜନା କରିଥିଲେ। କିନ୍ତୁ ଏବେ ଏହାକୁ ଚୀନ୍ ଅକ୍ତିଆର କରି ଭାରତ ବିରୋଧରେ ଉପଯୋଗ କରିବାକୁ ପ୍ରସ୍ତୁତ ହେଉଛି। ଭାରତୀୟ ସୀମା ଠାରୁ ମାତ୍ର ୧୫ କିମି ଏବଂ ସିଲିଗୁଡି କରିଡର ଠାରୁ ମାତ୍ର ୧୩୫ କିମି ଦୂରରେ ରହିଥିବା ଏହି ଏୟାରବେସ୍‌ର କାର୍ଯ୍ୟ ଆସନ୍ତା ଅକ୍ଟୋବରରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। କିଛି ମାସ ତଳେ ୟୁନୁସ୍ ଚୀନ୍ ଗସ୍ତ କରିଥିଲା ବେଳେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସମୂହକୁ ନେଇ ବଡ଼ ଟିପ୍ପଣୀ ଦେଇଥିଲେ। ଏହାପରେ ଏବେ ସେ ନେପାଳ ଗସ୍ତରେ ଯାଇଥିଲା ବେଳେ ସେଠାରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ। ତେଣୁ ବାଂଲାଦେଶ ସହଯୋଗରେ ଚୀନ୍ ଭାରତ ବିରୋଧରେ ଏକ ବଡ଼ ଷଡ଼ଯନ୍ତ୍ର ଆରମ୍ଭ କରୁଥିବା ସ୍ପଷ୍ଟ ହୋଇଛି।

## ବାନୁ ମୁସ୍ତାକ, ଦୀପାଙ୍କୁ ବୁକର୍ ପୁରସ୍କାର

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): 'ହାର୍ଟ ଲ୍ୟାମ୍ପ' ପୁସ୍ତକ ପାଇଁ ଲେଖିକା ବାନୁ ମୁସ୍ତାକ ଏବଂ ଅନୁବାଦକ ଦୀପ ଭାସ୍ତିଙ୍କୁ ଚଳିତ ବର୍ଷର ଆନ୍ତର୍ଜାତିକ ବୁକର୍ ପୁରସ୍କାର ମିଳିବ। ଏଥିନେଇ ସେମାନଙ୍କ ନାମ ଘୋଷଣା କରାଯାଇଛି। ଦକ୍ଷିଣ ଭାରତରେ ମହିଳାମାନଙ୍କ ସଂଘର୍ଷପୂର୍ଣ୍ଣ ଜୀବନକୁ ନେଇ ଗତ ୩୦ ବର୍ଷ ମଧ୍ୟରେ ଲେଖାଯାଇଥିବା ୧୨ଟି କ୍ଷୁଦ୍ର ଗଳ୍ପ ' ହାର୍ଟ ଲ୍ୟାମ୍ପ' ପୁସ୍ତକରେ ସ୍ଥାନ ପାଇଥିଲା ବେଳେ ବାନୁ ମୁସ୍ତାକ ଏହାର ସଙ୍କଳନ ଏବଂ ଦୀପା ଅନୁବାଦ ଦାୟିତ୍ୱ ତୁଲାଇଛନ୍ତି। ପ୍ରଥମ ଥର ପାଇଁ କନ୍ନଡଭାଷୀ ପୁସ୍ତକକୁ ଏହି ସମ୍ମାନ ମିଳିଛି। ଏହି ପୁସ୍ତକକୁ ଦୀପା ଭାରତୀ ଇଂରାଜୀରେ ଅନୁବାଦ କରିଛନ୍ତି। ଲଣ୍ଡନର ଟେଟ୍ ମଡର୍ଣ୍ଣରେ ଆୟୋଜିତ ଏକ ଉତ୍ସବରେ ବାନୁ ଏବଂ ଅନୁବାଦକ ଦୀପା ଭାସ୍ତି ଏହି ପୁରସ୍କାର ଗ୍ରହଣ କରିଛନ୍ତି। ୧୯୪୮ ମସିହାରେ କର୍ଣ୍ଣାଟକରେ ଜନ୍ମଗ୍ରହଣ କରିଥିବା ବାନୁ ଜଣେ ଲେଖିକା, ଓକିଲ ଏବଂ ସାମାଜିକ କର୍ମୀ ଭାବେ ବିଭିନ୍ନ ମହଲରେ ସ୍ୱୀକୃତି ଲାଭ କରିଛନ୍ତି। ଇଂରାଜୀ ବ୍ୟତୀତ ତାଙ୍କର ବହୁ କୃତି ଉର୍ଦ୍ଦୁ, ହିନ୍ଦୀ, ତାମିଲ ଏବଂ ମାଲାୟଲମ ଭାଷାରେ ଅନୁବାଦିତ ହୋଇଛି।



## ସ୍କୁଲ ବସ୍ ଉପରେ ଆତ୍ମଘାତୀ ହମଲା ; ୪ ମୃତ, ୩୮ ଆହତ

କ୍ୱେଟା,୨୧।୫(ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ଏକ ସ୍କୁଲ ବସକୁ ନିଶାଣ କରି ଆତଙ୍କୀ ହମଲା ହୋଇଛି। ଏହି ଘଟଣାରେ ୪ ଜଣ ପିଲାଙ୍କ ମୃତ୍ୟୁ ଘଟିଥିବା ବେଳେ ୩୮ ଜଣ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ବୁଧବାର ଏହି ସ୍କୁଲ ବସ୍ ଜିରୋ ପଏଣ୍ଟରେ ଛିଡା ହୋଇଥିଲା ବେଳେ ଏକ କାର ଦ୍ରୁତ ଗତିରେ ଆସି ବସ୍‌କୁ ଧକ୍କା ଦେଇଥିଲା । ପରେ ପରେ ବିସ୍ଫୋରଣ ଯୋଗୁ ବସ୍‌ଟି ଜଳି ଯାଇଥିଲା। ଗୁରୁତର ଆହତମାନଙ୍କୁ କ୍ୱେଟା ଏବଂ କରାଚିର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭି ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି । ଯେଉଁମାନେ ନିର୍ଦ୍ଦୋଷ ଛୋଟ ପିଲାଙ୍କୁ ଟାର୍ଗେଟ କରି ଏଭଳି ଘୃଣ୍ୟ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଛଡ଼ାଯିବ ନାହିଁ ବୋଲି କହିଛନ୍ତି। ତେବେ ଏହି ଘଟଣା ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି। ସ୍କୁଲ ବସ୍ ଉପରେ ଆକ୍ରମଣ ପଛରେ ଭାରତର ହାତ ରହିଛି ବୋଲି ପାକିସ୍ତାନ ଅଭିଯୋଗ କରିଥିଲେ ହେଁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି।



# ଗାଜାରେ ଖାଦ୍ୟ ସଙ୍କଟ

# ଭୋକରେ ୧୪ ହଜାର ଶିଶୁ

ନ୍ୟୁୟର୍କ,୨୧।୫(ଏଜେନ୍ସି): ଗାଜାରେ ଏବେ ଇସ୍ରାଏଲୀ ସେନା ଗ୍ରାଉଣ୍ଡ ଅପରେସନକୁ ଜୋରଦାର କରିବା ସହିତ ଏଠାକାର ବହୁ ସହର ଉପରେ ଆକ୍ରମଣ ଚଳାଇଛି। ଯାହାକୁ ନେଇ ଗତ ସପ୍ତାହକ ମଧ୍ୟରେ ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଛି। ହମାସ ଏବଂ ଇସ୍ରାଏଲ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ବୁଝାମଣା ହୋଇ ନପାରିବା ଏବଂ ଇସ୍ରାଏଲୀ ପଣବନ୍ଦୀଙ୍କୁ ହମାସ ମୁକ୍ତ ନ କରିବା ନେଇ ଇସ୍ରାଏଲ ସେନା ଏହି ଆଭିମୁଖ୍ୟ ଗ୍ରହଣ କରିଛି। କିନ୍ତୁ ଇସ୍ରାଏଲର ଏହି ସାମରିକ ଅଭିଯାନକୁ ନେଇ ଜାତିସଂଘ ଚେତାବନୀ ଦେଇଛି ଯେ ଯଦି ଗାଜାକୁ ଅଧିକ ସହାୟତା ପହଞ୍ଚା ନ ଯାଏ, ତେବେ ଖୁବଶୀଘ୍ର ପ୍ରାୟ ୧୪,୦୦୦ ଶିଶୁଙ୍କ ମୃତ୍ୟୁ ହୋଇପାରେ। ଇସ୍ରାଏଲ ଏବେ ପାଲେଷ୍ଟାଇନ ଅଞ୍ଚଳକୁ ସୀମିତ ପରିମାଣର ସହାୟତା ପଠାଇବାକୁ ଅନୁମତି ଦେଇଛି। ହେଲେ ଏହାଯୋଗୁ ବିଶେଷକରି ଗାଜାର ଯୁଦ୍ଧ ପ୍ରଭାବିତ ଅଞ୍ଚଳରେ ଗମ୍ଭୀର ପରିସ୍ଥିତି ଉପୁଜିବ ବୋଲି ଜାତିସଂଘ ଚେତାଇ ଦେଇଛି। ଜାତିସଂଘର ମାନବିକ ଅଧିକାର ବିଭାଗୀୟ ମୁଖ୍ୟ ଟମ୍ ଫ୍ଲେଚର କହିଛନ୍ତି ଯେ, ଗତ ୧୯ ତାରିଖରେ ଗାଜାକୁ କେବଳ ପାଞ୍ଚଟି ସହାୟତା ଟ୍ରକ୍ ପଠାଯାଇଥିଲା। ଯାହା ସେଠାକାର ଜନସଂଖ୍ୟା ଦୃଷ୍ଟିରୁ ଯଥେଷ୍ଟ କମ୍ ଥିଲା। ଏପର୍ଯ୍ୟନ୍ତ ବହୁ ଅସହାୟ ଲୋକଙ୍କ ନିକଟରେ ସହାୟତା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚି ପାରି ନଥିବାରୁ ପ୍ରାୟ ୧୪,୦୦୦ ଶିଶୁଙ୍କ ଜୀବନ ବିପଦାପନ୍ନ ହୋଇପଡ଼ିଛି। ଯୁଦ୍ଧ ପ୍ରଭାବିତ ଗାଜାର ୨୦ ଲକ୍ଷରୁ ଅଧିକ ଲୋକ ଏବେ ସମ୍ପୂର୍ଣ୍ଣ ମାନବୀୟ ସହାୟତା ଉପରେ ନିର୍ଭରଶୀଳ ରହିଛନ୍ତି। ପ୍ରାୟ ୪.୫ ଲକ୍ଷ ଲୋକ ଭୋକ ଉପାସରେ ସମୟ କାଟୁଥିବା ବେଳେ ୧୦ ଲକ୍ଷ ଲୋକ ଦିନକୁ ଦୁଇଥର ଖାଦ୍ୟ ପାଇବା ପାଇଁ ସଂଘର୍ଷ କରୁଛନ୍ତି। ଏପର୍ଯ୍ୟନ୍ତ ୯,୦୦୦ ରୁ ଅଧିକ ଶିଶୁ ଏବଂ ହଜାର ହଜାର ଗର୍ଭବତୀ ମହିଳା କୁପୋଷଣର ଶିକାର ହୋଇଛନ୍ତି। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗୋଟିଏ ପାତ୍ର ସୁପ ପାଇଁ ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଖାଲି ହାତରେ ଫେରିବାକୁ ପଡୁଛି ବୋଲି ଜାତିସଂଘ ପକ୍ଷରୁ କୁହାଯାଇଛି।

■ ହତ୍ୟାକାରୀ କି ଆତଙ୍କବାଦୀ ନୁହନ୍ତି

## ଟ୍ରେନି ଆଇଏଏସ୍ ପୂଜା ଖେଡକାରଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଜାଲ ପ୍ରମାଣପତ୍ର ଦେଇ ଆଇଏଏସ୍ ପାଇବା ପରେ ପରବର୍ତ୍ତୀ ସମୟରେ ଚାକିରିରୁ ବରଖାସ୍ତ ହୋଇଥିବା ଟ୍ରେନି ଆଇଏଏସ୍ ପୂଜା ଖେଡକରଙ୍କୁ ସୁପ୍ରିମକୋର୍ଟ ବୁଧବାର ଅଗ୍ରୀମ ଜାମିନ ଦେଇଛନ୍ତି। ଜଷ୍ଟିସ୍ ବି.ଭି ନାଗରତ୍ନା ଏବଂ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ତାଙ୍କ ଅଗ୍ରୀମ ଜାମିନ ଆବେଦନ ଉପରେ ଶୁଣାଣି କରି ଜାମିନ ଦେଇଛନ୍ତି। ପୂଜା ଯାଞ୍ଚ କାର୍ଯ୍ୟରେ ସହଯୋଗ କରୁନାହାନ୍ତି ଦର୍ଶାଇ ଦିଲ୍ଲୀ ପୁଲିସ ତାଙ୍କ ଅଗ୍ରୀମ ଜାମିନକୁ ବିରୋଧ କରି ଆସୁଥିଲା। ହେଲେ ପୂଜା ଆତଙ୍କବାଦୀ ନୁହନ୍ତି କି ସେଭଳି କୌଣସି ଜଘନ୍ୟ ଅପରାଧ କରିନାହାନ୍ତି ବୋଲି ଦର୍ଶାଇ ସୁପ୍ରିମକୋର୍ଟ ତାଙ୍କୁ ଅଗ୍ରୀମ ଜାମିନ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ଅପରାଧିକ ମାମଲାର ଆଧାରକୁ ଦୃଷ୍ଟିରେ ରଖି ହାଇକୋର୍ଟ ଅଗ୍ରୀମ ଜାମିନ ଦେବାର ଥିଲା। ତେବେ ପୂଜା ଯାଞ୍ଚରେ ସମ୍ପୂର୍ଣ୍ଣ ସହଯୋଗ କରିବେ ଏବଂ ତାଙ୍କ ସ୍ୱାଧୀନତାର ଦୁରୁପଯୋଗ କରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି।



■ 'ଅପରେସନ ସିନ୍ଦୂର ରିଚ୍ ଆଉଟ୍'

## ଜାପାନ, ୟୁଏଇ ଗଲେ ଦୁଇ ସାଂସଦ ପ୍ରତିନିଧି ଦଳ

ନୂଆଦିଲ୍ଲୀ, ୨୧।୫(ଏଜେନ୍ସି) : ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଏହା ବିରୋଧରେ ଭାରତର ଲଢେଇ ତଥା ଅପରେସନ ସିନ୍ଦୂର ସମ୍ପର୍କରେ ବିଶ୍ୱ ସମୁଦାୟକୁ ଅବଗତ କରିବା ଲାଗି ସାଂସଦ ପ୍ରତିନିଧି ଦଳ ବିଦେଶ ଯାତ୍ରା ଆରମ୍ଭ କରିଛନ୍ତି। ବିଭିନ୍ନ ଦଳର ୫୦ରୁ ଅଧିକ ସାଂସଦଙ୍କୁ ନେଇ ମୋଟ ୭ଟି ପ୍ରତିନିଧି ଦଳ ଗଠନ କରାଯାଇଥିଲା ବେଳେ ବୁଧବାର ଦୁଇ ପ୍ରତିନିଧି ଦଳ ଜାପାନ ଏବଂ ୟୁଏଇ ଅଭିମୁଖେ ଯାତ୍ରା କରିଛନ୍ତି। ଜେଡିୟୁ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଇଣ୍ଡୋନେସିଆ, ମାଲେସିଆ, କୋରିଆ ଏବଂ ଜାପାନ ଆଦି ଦେଶ ଗସ୍ତ କରିବେ। ସେହିପରି ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ନେତୃତ୍ୱରେ ଅନ୍ୟ ଏକ ପ୍ରତିନିଧି ଦଳ ୟୁଏଇ ସମେତ କଙ୍ଗୋ , ଲାଇବେରିଆ ଏବଂ

# କେନ୍ଦ୍ରର ଯୁକ୍ତି: 'ୱାକଫ୍ ବାଇ ୟୁଜର୍ସ' ମୌଳିକ ଅଧିକାର ନୁହେଁ

ନୂଆଦିଲ୍ଲୀ, ୨୧।୫: ୱାକଫ୍ ହେଉଛି ଏକ ଇସଲାମିକ ପରିକଳ୍ପନା। କିନ୍ତୁ ଏହା ଇସଲାମ ଧର୍ମର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ନୁହେଁ। ୱାକଫ୍ ହେଉଛି ଦାନ କରିବାର ପ୍ରଥା। ଆଜି ସୁପ୍ରିମ କୋର୍ଟରେ ୱାକଫ୍ ସଂଶୋଧନ ଆଇନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି ଏହା କହିଛନ୍ତି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା। ସେ କହିଲେ ଯେ ୱାକଫ ସଂପତ୍ତିର ପରିଚାଳନା ଏବଂ ଏହାର ଅଡିଟ୍ କରିବା ଦାୟିତ୍ୱ ହେଉଛି ୱାକଫ୍ ବୋର୍ଡର। ଏହାସହିତ ଧର୍ମର କୌଣସି ସଂପର୍କ ନାହିଁ। ବୋର୍ଡ କେବଳ ଧର୍ମନିରପେକ୍ଷ କାମ କରେ, ତେଣୁ ଏଥିରେ ମାତ୍ର ଦୁଇ ଜଣ ଅଣ-ମୁସଲିମଙ୍କୁ ସଭ୍ୟ ଭାବେ ସାମିଲ କଲେ ବୋର୍ଡର ସ୍ୱରୂପ ବଦଳିଯିବ ନାହିଁ। କୌଣସି ଧାର୍ମିକ କାମରେ ବୋର୍ଡ ହସ୍ତକ୍ଷେପ କରିବ ନାହିଁ।

ବିବାଦୀୟ ଆଇନରେ 'ୱାକଫ ବାଇ ୟୁଜର୍ସ' କୁ ଉଚ୍ଛେଦ କରାଯାଇଛି ଏବଂ ଏହା ସପକ୍ଷରେ ଯୁକ୍ତି ରଖି ସଲିସିଟର ଜେନେରାଲ କହିଲ ଯେ ପୂର୍ବରୁ ଏହି ଧାରା ଅନୁଯାୟୀ ଯେଉଁ ସରକାରୀ ସଂପତ୍ତିକୁ ୱାକଫ୍ ଘୋଷିତ କରାଯାଇଛି, ତାହାକୁ ପୁଣି ଦଖଲ କରିବାର କ୍ଷମତା ସରକାରଙ୍କୁ ଦିଆଯାଇଛି। ସରକାରୀ ଜମି ଉପରେ ଅନ୍ୟ କାହାରି ଅଧିକାର ନାହିଁ ବୋଲି ଯୁକ୍ତି ରଖି ସେ ଏସଂପର୍କରେ ରହିଥିବା ସୁପ୍ରିମ କୋର୍ଟ ରାୟ କଥା ଉଲ୍ଲେଖ କରିଥିଲେ। ୱାକଫ ବାଇ ୟୁଜର୍ସ ବ୍ୟବସ୍ଥା ଅନୁଯାୟୀ କୌଣସି ଧର୍ମାନୁଷ୍ଠାନ ଦୀର୍ଘ ବର୍ଷ ଧରି ଜମି/ସଂପତ୍ତିକୁ ବ୍ୟବହାର କରି ଆସୁଥିଲେ ଏହାକୁ ୱାକଫ୍ ସଂପତ୍ତି ବୋଲି ବିବେଚନା କରାଯାଉଥିଲା। ଏପରିକି ଦଲିଲ ନଥିଲେ ବି ଏହାକୁ ୱାକଫ୍ ମାନ୍ୟତା ମିଳୁଥିଲା। ଏହା ବିବାଦୀୟ ପରିସ୍ଥିତି ସୃଷ୍ଟି କରିବାରୁ ଏହାକୁ ହଟାଇ ଦିଆଯାଇଛି। ସେ ଆହୁରି କହିଲେ ଯେ ୱାକଫ୍ ବାଇ ୟୁଜର୍ସ ଏକ ମୌଳିକ ଅଧିକାର ନୁହେଁ । ୧୯୨୩ରୁ ୱାକଫକୁ ନେଇ ଅନେକ ଜଟିଳ ବିବାଦ ରହିଛି ଏବଂ ଏହାକୁ ଦୂର କରିବା ଲାଗି ଏହି ଆଇନରେ ଉଦ୍ୟମ କରାଯାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ନେଇ ଗଠିତ ବେଞ୍ଚ ୱାକଫ ମାମଲାର ଶୁଣାଣି କରୁଛନ୍ତି। ନୂଆ ୱାକଫ୍ ଆଇନକୁ ଚାଲେଞ୍ଜ କରି ସୁପ୍ରିମ କୋର୍ଟରେ ଆଗତ ପିଟିସନ ସପକ୍ଷରେ ଗତକାଲି ଆବେଦନକାରୀମାନଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସେମାନେ ଯୁକ୍ତି କରିଥିଲେ ଯେ ମୁସଲମାନ ସଂପ୍ରଦାୟ ମଧ୍ୟ ।।ରେ ଆତଙ୍କ ସୃଷ୍ଟି କରିବା ସହିତ ୱାକଫ ଜମି ହଡ଼ପ କରିବା ହେଉଛି ଏହି ଆଇନର ଉଦ୍ଦେଶ୍ୟ।

## ପାକିସ୍ତାନୀ ଅଧିକାରୀଙ୍କୁ ତୁରନ୍ତ ଭାରତ ଛାଡ଼ିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ ଅବସ୍ଥାପିତ ଜଣେ ବରିଷ୍ଠ ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡି ଚାଲିଯିବାକୁ କେନ୍ଦ୍ର ସରକାର ବୁଧବାର ନିର୍ଦ୍ଦେଶ ଦେଇଛନ୍ତି। ସଂପୃକ୍ତ ଅଧିକାରୀଙ୍କୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ' ପର୍ସୋନା ନନ୍ ଗ୍ରାଟା ' ଘୋଷିତ କରାଯିବା ସହିତ ତାଙ୍କ କାର୍ଯ୍ୟଧାରା କୂଟନୈତିକ ବ୍ୟବସ୍ଥା ଆଧାରିତ ନଥିଲା ବୋଲି କୁହାଯାଇଛି। ବୈଦେଶିକ ମନ୍ତ୍ରାଳୟର ଏହି ନିଷ୍ପତ୍ତି ସମ୍ପର୍କରେ ପାକିସ୍ତାନ ହାଇକମିସନଙ୍କୁ ଅବଗତ କରିଦିଆଯାଇଛି। ଏହାପୂର୍ବରୁ ମଧ୍ୟ ଅନ୍ୟ ଜଣେ ପାକିସ୍ତାନ କୂଟନୀତିଜ୍ଞଙ୍କୁ ତୁରନ୍ତ ଭାରତ ଛାଡି ସ୍ୱଦେଶ ଚାଲିଯିବାକୁ କୁହାଯାଇଥିଲା।

## ଲସ୍କର ସହ ପ୍ରତିଷ୍ଠାତା ଅମିର ହାମଜାକୁ ଗୁଳି, ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

ଲାହୋର,୨୧।୫(ଏଜେନ୍ସି): ଲସ୍କର-ଇ-ତୋଏବା ଆତଙ୍କବାଦୀ ସଂଗଠନର ସହ ପ୍ରତିଷ୍ଠାତା ଅମିର ହାମଜାକୁ କିଛି ଅଜ୍ଞାତ ବନ୍ଧୁକଧାରୀ ଗୁଳି କରିଛନ୍ତି। ଅମିର ଲାହୋରସ୍ଥିତ ନିଜ ବାସଭବନରୁ ବାହାରକୁ ଯାଉଥିଲା ବେଳେ ତା' ଉପରେ ଅତର୍କିତ ଆକ୍ରମଣ କରାଯାଇଥିଲା। ଏହି ଘଟଣାରେ ଅମିର ଗୁରୁତର ଆହତ ହୋଇଥିଲେ ହେଁ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛି। ତାକୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଗୁଳିକାଣ୍ଡ ପଛରେ ଭାରତର ଗୁଇନ୍ଦା ଏଜେନ୍ସି 'ର'ର ହାତ ରହିଛି ବୋଲି ପାକିସ୍ତାନ ପକ୍ଷରୁ ଅଭିଯୋଗ କରାଯାଇଛି।

# ଆମେରିକାର ସୁରକ୍ଷା ପାଇଁ ଟ୍ରମ୍ପଙ୍କ ଗୋଲଡେନ୍ ଡୋମ ଯୋଜନା

ୱାଶିଂଟନ୍,୨୧।୫(ଏଜେନ୍ସି): ଆମେରିକାର ଆକାଶମାର୍ଗ ବା ଏୟାରସ୍ପେସର ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ଏହାକୁ କୌଣସି ଅସ୍ତ୍ର କବଳରୁ ଅଭେଦ୍ୟ ରଖିବାକୁ ରାଷ୍ଟ୍ରପତି ପ୍ରସ୍ତୁତ କରିଛନ୍ତି ଗୋଲଡେନ୍ ଡୋମ ଯୋଜନା। ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଭାବେ ଗୋଲଡେନ୍ ଡୋମ ବାଲିଷ୍ଟିକ୍, ହାଇପରସୋନିକ୍ ଓ କ୍ରୁଜ ମିସାଇଲକୁ ନଷ୍ଟ କରିଦେବ। କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ଭାବେ ଏହା ବିଶ୍ୱର ସବୁଠୁ ଶକ୍ତିଶାଳୀ ଏବଂ ଅଭିନବ ଡୋମ୍ ହେବା ସହିତ ଏହା ରେଞ୍ଜରେ ପୂରା ଦୁନିଆ ରହିବ। ୧୭୫ ବିଲିୟନ ଡଲାର ବ୍ୟୟରେ ପ୍ରସ୍ତୁତ ହେବାକୁ ଯାଉଥିବା ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ରୁଷିଆ ଏବଂ ଚୀନ୍ ଭଳି ଶକ୍ତିଶାଳୀ ଦେଶଙ୍କ ସମ୍ଭାବ୍ୟ ଆକ୍ରମଣ ବିପଦରୁ ଆମେରିକାକୁ ସୁରକ୍ଷା ଦେବ ବୋଲି କୁହାଯାଇଛି। ଆଗାମୀ ଦିନରେ ପାରମ୍ପାରିକ ଯୁଦ୍ଧ ତୁଳନାରେ ଇଲେକ୍ଟ୍ରୋନିକ୍ ଓ୍ୱାରଫେୟାର ବହୁ ଗୁରୁତ୍ୱ ବହନ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଗୋଲଡେନ୍ ଡୋମ ଯୋଜନା ପ୍ରସ୍ତୁତ କରାଯାଉଛି।



ଦି ଓ୍ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ରୁଷିଆ ଏବଂ ଚୀନର ହାଇପରସୋନିକ୍ ମିସାଇଲ୍, ବାଲିଷ୍ଟିକ ମିସାଇଲ ଏବଂ ଅତ୍ୟାଧୁନିକ ଏଆଇ ପ୍ରସ୍ତୁତ ଡ୍ରୋନ ଭବିଷ୍ୟତରେ ଆମେରିକା ସୁରକ୍ଷା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିପାରେ । ଏହାଛଡ଼ା ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ଦୂରଗାମୀ କ୍ଷେପଣାସ୍ତ୍ରକୁ ନେଇ ମଧ୍ୟ ଆମେରିକା ପ୍ରତି ବିପଦ ରହିଛି। ସେଥିପାଇଁ ଟ୍ରମ୍ପ ପ୍ରଶାସନ ଏହି ଯୋଜନା ପ୍ରସ୍ତୁତ କରିଛନ୍ତି।

ଗୋଲଡେନ୍ ଡୋମ ସମ୍ପୂର୍ଣ୍ଣ ଭାବେ ଉପଗ୍ରହ ନେଟଓ୍ୱର୍କ ଉପରେ କାର୍ଯ୍ୟ କରିବ। ଯାହାକି କ୍ଷେପଣାସ୍ତ୍ର ଚିହ୍ନଟ କରି ଟ୍ରାକ କରିବା ସହ ତାହାକୁ ନିଷ୍କ୍ରିୟ କରିଦେବ। ଏହା କ୍ଷେପଣାସ୍ତ୍ର ଚିହ୍ନଟ କରିବା ଓ ଏହା ଉପରେ ନଜର ରଖିବା ପାଇଁ ଶତାଧିକ ଉପଗ୍ରହକୁ ନିୟୋଜିତ କରିପାରିବ । ଗୋଲଡେନ୍ ଡୋମ ହାଇପରସୋନିକ ମିସାଇଲ, ବାଲିଷ୍ଟିକ ମିସାଇଲ୍ ଓ ଆଡଭାନ୍ସ କ୍ରୁଜ ମିସାଇଲକୁ ଆକାଶମାର୍ଗରେ ହିଁ ନଷ୍ଟ କରିଦେବ । ୨୦୨୯ ସୁଦ୍ଧା ଗୋଲଡେନ୍ ଡୋମ ଦେଖିବାକୁ ଟ୍ରମ୍ପ ଇଚ୍ଛା ପ୍ରକାଶ କରିଥିଲା ବେଳେ ଏଥିପାଇଁ ୧୭୫ ବିଲିୟନ ଡଲାର ବ୍ୟୟରେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି କୁହାଯାଇଛି।

## ମୁମ୍ବାଇ ଇଣ୍ଡିଆନ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ

# ସୂର୍ଯ୍ୟକୁମାରଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ




ମୁମ୍ବାଇ, ୨୧।୫ (ଏଜେନ୍ସି):

ଏଠାରେ ବୁଧବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍‌ର ୬୩ତମ ତଥା ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଦିଲ୍ଲୀ ସ୍ପିନରମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଏହା ସତ୍ତ୍ୱେ ସୂର୍ଯ୍ୟକୁମାର ଯାଦବଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ବଳରେ ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୮୦ ରନ୍ ସଂଗ୍ରହ କରଛି। ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ସର୍ବାଧିକ ୭୩ ଓ ନମନ ଧୀର ଅପରାଜିତ ରହି ୨୪ ରନ୍ କରିଛନ୍ତି। ସୂର୍ଯ୍ୟକୁମାର ଶେଷ ଯାଏ ଅପରାଜିତ ରହିବା ସହ ଚତୁର୍ଥ ୱିକେଟରେ ତିଳକ ବର୍ମାଙ୍କ ସହ ୪୯ ବଲ୍‌ରୁ ୫୫ ଓ ଅବିଭକ୍ତ ୬ଷ୍ଠ ୱିକେଟରେ ନମନ ଧୀର ୨୧ ବଲ୍‌ରୁ ୫୭ ରନ୍ କରି ଟର୍ଣ୍ଣିଂ ନେଉଥିବା ପିଚ୍‌ରେ ମୁମ୍ବାଇ ଲାଗି ଏକ ଡିଫେଣ୍ଡେବଲ ସ୍କୋର କରିଥିଲେ। ସୂର୍ଯ୍ୟକୁମାର ୪୩ ବଲ୍‌ରୁ ୭ ଚୌକା ଓ ୪ ଛକା ସହ ୭୩ ଏବଂ ନମନ ମାତ୍ର ୮ଟି ବଲ୍‌ରୁ ୨ ଚୌକା ଓ ୨ ଛକା ସହ ୨୪ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର ରିୟାନ ରିକେଲଟନ ୨୫, ରୋହିତ ଶର୍ମା ୫, ତିଳକ ବର୍ମା ୨୭, ଓ ୱିଲ ଜ୍ୟାକ୍ସ ୨୧ ରନ୍ କରିବାକୁ ସମର୍ଥ ହୋଇଥିଲେ। ଦିଲ୍ଲୀ ପକ୍ଷରୁ ଦୁଇ ସ୍ପିନର କୁଲଦୀପ ଯାଦବ ଓ ମିପରାଜ ନିଗମ ୮ ଓଭର ବୋଲିଂ କରି ୪୭ ରନ୍ ବିନିମୟରେ ଗୋଟିଏ ୱିକେଟ ନେଇଥିଲେ। ଏମାନଙ୍କ ଚତୁର ବୋଲିଂ ଯୋଗୁ ମୁମ୍ବାଇ ଘରୋଇ ମାଟିରେ ହାତଖୋଲା ସଟ୍ ଖେଳିପାରି ନ ଥିଲା। ତେବେ ଦଳ ପକ୍ଷରୁ ପେସ୍ ବୋଲର ମୁକେଶ କୁମାର ୨ଟି, ମୁସ୍ତାଫିଜୁର ରହମନ ଓ ଦୁଷ୍ମନ୍ତ ଚାମୀରା ଗୋଟିଏ ଲେଖାଏଁ ୱିକେଟ ପାଇଛନ୍ତି। ଏହି ମ୍ୟାଚ୍‌ରେ ମୁମ୍ବାଇ ଟିମ୍ ବିଜୟୀ ହେଲେ ଚତୁର୍ଥ ଦଳ ଭାବେ ଆଇପିଏଲ୍-୧୮'ର ପ୍ଲେ ଅଫ୍‌ରେ ପ୍ରବେଶ କରିବ। ପରାଜିତ ହେଲେ ଉଭୟ ମୁମ୍ବାଇ ଓ ଦିଲ୍ଲୀ ଦଳର ଶେଷ ଲିଗ୍ ମ୍ୟାଚ୍ ପରେ କିଏ ପ୍ଲେ ଅଫ୍ ଖେଳିବ ତାହା ସ୍ଥିର ହେବ। ଏହି ମୁକାବିଲା ପୂର୍ବରୁ ୩ଟି ଦଳ ଗୁଜରାଟ ଟାଇଟନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍‌ସ ପ୍ଲେ ଅଫ୍‌ରେ ପ୍ରବେଶ କରିସାରିଛନ୍ତି। ମୁମ୍ବାଇ ଓ ଦିଲ୍ଲୀକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦଳ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛନ୍ତି।

### ଶେଷ ମ୍ୟାଚ୍‌ରେ ଜିତିଲା ରାଜସ୍ଥାନ

ନୂଆଦିଲ୍ଲୀ: ଚଳିତ ଆଇପିଏଲ୍‌ର ୬୨ତମ ମୁକାବିଲାରେ ରାଜସ୍ଥାନ ରୟାଲ୍ସ ଏହାର ଶେଷ ଲିଗ୍ ମୁକାବିଲାରେ ବିଜୟ ହାସଲ କରି ଅଭିଯାନ ଶେଷ କରିଛି। ମଙ୍ଗଳବାର ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ସଞ୍ଜୁ ସାମସନଙ୍କ ରାଜସ୍ଥାନ ୬ ୱିକେଟ୍‌ରେ ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ପରାସ୍ତ କରିଥିଲା। ଫଳରେ ରାଜସ୍ଥାନ ୧୪ତମ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରି ୮ ପଏଣ୍ଟ ସହ ୯ମ ସ୍ଥାନରେ ରହି ସିଜନ ଶେଷ କରିଛି। ଦଳ ପୂର୍ବରୁ ପ୍ଲେ-ଅଫ୍ ପ୍ରବେଶରୁ ବଞ୍ଚିତ ହୋଇଥିଲା। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କ ଚେନ୍ନାଇ ୧୩ତମ ମ୍ୟାଚରୁ ୧୦ମ ପରାଜୟ ସହ ସର୍ବନିମ୍ନ ସ୍ଥାନରେ ରହିଛି। ଚେନ୍ନାଇ ମଧ୍ୟ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିସାରିଥିବାବେଳେ ଶେଷ ଲିଗ୍‌ରେ ମେ ୨୫ରେ ଗୁଜରାଟ ଟାଇଟନ୍ସକୁ ଭେଟିବ। ଏହି ଅନୌପଚାରିକ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍‌ସ ୮ ୱିକେଟରେ ୧୮୭ ରନ୍ କରିଥିଲା। ଦଳ ପକ୍ଷରୁ ଆୟୁଷ ମହାତେଅ ୪୩, ଡିୱାଲ୍ଡ ବ୍ରେଭିସ୍ ୪୨ ଓ ଶିବମ ଦୁବେ ୩୯ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଯୁଦ୍ଧବୀର ସିଂ ଓ ଆକାଶ ମାଧୱାଲ ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ୩୩ ବଲ୍‌ରୁ ୫୭ ରନ୍ ସଂଗ୍ରହ କରିବା ଫଳରେ ରାଜସ୍ଥାନ ୧୭.୧ ଓଭରରେ ମାତ୍ର ୪ ୱିକେଟ ହରାଇ ବିଜୟୀ ହୋଇଥିଲା। ଯଶସ୍ୱୀ ଜୟସ୍ୱାଲ ୩୬, ଅଧିନାୟକ ସଞ୍ଜୁ ସାମସନ ୪୨, ଧ୍ରୁବ ଜୁରେଲ ଅପରାଜିତ ୩୧ ରନ କରି ଉପଯୁକ୍ତ ସହଯୋଗ କରିଥିଲେ। ବିଜୟୀ ଦଳର ମିଡିୟମ୍ ପେସ୍ ବୋଲର ଆକାଶ ମାଧୱାଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୨ | ୯ | ୩ | ୦ | ୧୮ | +୦.୭୯୫ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୨ | ୭ | ୫ | ୦ | ୧୪ | +୧.୧୫୬ |
| ଦିଲ୍ଲୀ | ୧୨ | ୬ | ୫ | ୧ | ୧୩ | +୦.୨୬୦ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୨ | ୫ | ୭ | ୦ | ୧୦ | -୦.୫୦୬ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |

### ଆଇପିଏଲ୍‌ରେ ଆଜି

**ଗୁଜରାଟ** ବନାମ **ଲକ୍ଷ୍ନୌ**

ଅହମ୍ମଦାବାଦ/ ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

## ଅକ୍ଷର ଅସୁସ୍ଥ, ରାହୁଲ ଆହତ



ମୁମ୍ବଇ, ୨୧।୫ (ଏଜେନ୍ସି): ଏଠାରେ ବୁଧବାର ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ମୁକାବିଲା ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ଅସୁସ୍ଥ ହୋଇଛନ୍ତି। ଦୁଇ ଦିନ ହେଲା ତାଙ୍କୁ ଜ୍ୱର ହୋଇଛି ଓ ସେ ଏହି ମ୍ୟାଚ୍ ଖେଳିବାକୁ ଅଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ତାଙ୍କ ସ୍ଥାନରେ ଦଳର ନେତୃତ୍ୱ ନେଇଥିବା କାମଚଳା ଅଧିନାୟକ ଫାଫ ଡୁ ପ୍ଲେସିସ୍ କହିଛନ୍ତି। ସେହିପରି ମ୍ୟାଚ୍ ପୂର୍ବରୁ ଅଭ୍ୟାସବେଳେ ଲୋକେଶ ରାହୁଲଙ୍କ ଆଣ୍ଠୁରେ ବଲ ବାଜିଥିବାରୁ ସେ ଆହତ ହୋଇଛନ୍ତି। ଏଣୁ ତାଙ୍କୁ ସୁପର ସବ୍‌ରେ ରଖାଯାଇଥିଲା। ସେ ବ୍ୟାଟିଂ କରିବାକୁ ଆସିଥିଲେ। ଦିଲ୍ଲୀ ଅକ୍ଷରଙ୍କ ସ୍ଥାନରେ ମଧ୍ୟପ୍ରଦେଶର ପେସ୍ ବୋଲର ମାଧବ ତିୱାରୀ ଓ ଟି ନଟରାଜନଙ୍କ ସ୍ଥାନରେ ମୁକେଶ କୁମାରଙ୍କୁ ସାମିଲ କରିଥିଲା।

## ଭାରତ-ଏ ବିପକ୍ଷରେ ଖେଳିବେ ଫ୍ଲିଣ୍ଟଫ୍‌ଙ୍କ ପୁଅ ରକି



ଲଣ୍ଡନ, ୨୧।୫ (ଏଜେନ୍ସି): ଦୁଇଟି ୪ ଦିବସୀୟ ମ୍ୟାଚ୍ ଖେଳିବା ଲାଗି ଭାରତ-ଏ କ୍ରିକେଟ୍ ଦଳ ଆସନ୍ତା ସପ୍ତାହ ପ୍ରାରମ୍ଭରେ ଇଂଲଣ୍ଡ ଗସ୍ତରେ ଯିବ। ସେଠାରେ ଘରୋଇ ଇଂଲଣ୍ଡ ଲାୟନ୍ସ ବିପକ୍ଷରେ ମେ ୩୦ରୁ ଭାରତ-ଏ ଦଳ ଏହି ସିରିଜ ଖେଳିବ। ଏଥିଲାଗି ମଙ୍ଗଳବାର ଇଂଲଣ୍ଡ ଲାୟନ୍ସ ଦଳ ଘୋଷଣା କରାଯାଇଛି। ଜେମ୍ସ ରିଉଙ୍କ ନେତୃତ୍ୱରେ ଘୋଷିତ ୧୪ ଜଣିଆ ଦଳରେ ଭେଟେରାନ ଦ୍ରୁତ ବୋଲର କ୍ରିସ୍ ୱକ୍ସ ଓ ଯୁବ ଅଲ୍‌ରାଉଣ୍ଡର ରକି ଫ୍ଲିଣ୍ଟଫ୍ ସ୍ଥାନ ପାଇଛନ୍ତି। ୧୭ ବର୍ଷୀୟ ରକି ହେଉଛନ୍ତି କିମ୍ବଦନ୍ତୀ ଇଂଲଣ୍ଡ ଅଲ୍‌ରାଉଣ୍ଡର ଆଣ୍ଡ୍ରିଉ ଫ୍ଲିଣ୍ଟଫ୍‌ଙ୍କ ପୁଅ। ଫଳରେ ଏହି ଦୁଇଟିକିଆ ୪ ଦିବସୀୟ ମ୍ୟାଚରେ ଉନ୍ନତ ପ୍ରଦର୍ଶନ କରି ରକି ଇଂଲଣ୍ଡ ସିନିଅର ଦଳରେ ସ୍ଥାନ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଡାହାଣହାତୀ ବ୍ୟାଟିଂ ସହ ମଧ୍ୟଗତିର ବୋଲିଂ କରୁଥିବା ରକି ଏ ପର୍ଯ୍ୟନ୍ତ ୫ଟି ପ୍ରଥମ ଶ୍ରେଣୀ ଓ ୭ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ଯଥାକ୍ରମେ ୧୩୭ ଓ ୧୬୭ ରନ ସଂଗ୍ରହ କରିଛନ୍ତି।

### ■ ଖେଲୋ ଇଣ୍ଡିଆ ବିଚ୍ ସକ୍କର

## ସେମିଫାଇନାଲରେ ଓଡ଼ିଶା



କଟକ,୨୧।୫(ସମିସ): ଡାମନ ଏବଂ ଡ୍ୟୁ'ର ଘୋଘଲା ବିଚ୍‌ରେ ଆୟୋଜିତ ଖେଲୋ ଇଣ୍ଡିଆ ବିଚ୍ ସକ୍କର ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ନକ୍‌ଆଉଟ୍‌ରେ ପ୍ରବେଶ କରିଛି। କ୍ରମାଗତ ଦ୍ୱିତୀୟ ବିଜୟ ସହ ଦଳ ସେମିଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧୬-୧ ଗୋଲରେ ଆନ୍ଧ୍ରପ୍ରଦେଶକୁ ହରାଇଥିଲା। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ଦଳ ୧୮-୦ ଗୋଲରେ ମଧ୍ୟପ୍ରଦେଶକୁ ପରାସ୍ତ କରିଥିଲା। ଗ୍ରୁପ-ବି'ରେ ସ୍ଥାନ ପାଇଥିବା ଓଡ଼ିଶା ଲିଗ୍ ରାଉଣ୍ଡରେ ଅପରାଜେୟ ଥିବା ବେଳେ ସେମିଫାଇନାଲ ଲାଇନଅପ ଚୂଡ଼ାନ୍ତ ହୋଇନାହିଁ।

### ଆଇସିସି ଚାମ୍ପିଅନ୍ସ ଟ୍ରଫି

## ଭ୍ୟୁୟରସିପ୍‌ର ସବୁ ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଗତ ଫେବୃଆରୀ- ମାର୍ଚ୍ଚରେ ଅନୁଷ୍ଠିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫିରେ ଭାରତ ଚାମ୍ପିଅନ ହୋଇ ତୃତୀୟଥର ପାଇଁ ଟାଇଟଲ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଗୋଟିଏ ହେଲେ ବି ମ୍ୟାଚ୍ ହାରି ନଥିଲା। ଫାଇନାଲ ନ୍ୟୁଜିଲାଣ୍ଡକୁ ହରାଇ ଦୀର୍ଘ ୧୨ ବର୍ଷ ପରେ ପୁଣିଥରେ ଟାଇଟଲ ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଭ୍ୟୁୟରସିପ୍‌ରେ ପୁରୁଣା ରେକର୍ଡ ଭାଙ୍ଗିବା ସହ ନୂଆ ରେକର୍ଡ ସୃଷ୍ଟି ହୋଇଛି। ପାକିସ୍ତାନ ଓ ୟୁନାଇଟେଡ ଆରବ ଏମିରେଟନସ (ୟୁଏଇ)ରେ ହାଇବ୍ରିଡ ମଡେଲରେ ଆୟୋଜିତ ଇତିହାସରେ ସର୍ବାଧିକ ଦେଖାଯାଇଥିବା ଚାମ୍ପିଅନ୍ସ ଟ୍ରଫି ବିବେଚିତ ହୋଇଛି। ଟୁର୍ଣ୍ଣାମେଣ୍ଟର ୱାଚ୍ ଟାଇମ ୩୬୮ ବିଲିଅନ ମିନିଟ୍ ରହିଥିଲା। ୨୦୧୭ ଚାମ୍ପିଅନ୍ସ ଟ୍ରଫି ତୁଳନାରେ ଏଥରର ଭ୍ୟୁୟରସିପ୍ ୧୯ ପ୍ରତିଶତ ଅଧିକ ରହିଛି। ଏହା ଚାମ୍ପିଅନ୍ସ ଟ୍ରଫି ଇତିହାସରେ ସର୍ବାଧିକ ବୋଲି ଆଇସିସି ତରଫରୁ କୁହାଯାଇଛି। ଦୁବାଇରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ଫାଇନାଲ ୬୫.୩ ବିଲିଅନ ଲାଇଭ ଭ୍ୟୁୟିଂ ମିନିଟ୍ ସହ ସର୍ବାଧିକ ଦେଖାଯାଇଥିବା ମ୍ୟାଚ୍ ବିବେଚିତ ହୋଇଛି। ଏହାର ୨୦୧୭ ସଂସ୍କରଣ ଫାଇନାଲ ତୁଳନାରେ ୫୨.୧ ପ୍ରତିଶତକ ଅଧିକ। ୱାଚ୍ ଟାଇମ୍ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଫାଇନାଲ ମ୍ୟାଚ୍ ଏପର୍ଯ୍ୟନ୍ତ ତୃତୀୟ ସର୍ବାଧିକ ଦେଖାଯାଇଥିବା ଆଇସିସି ମ୍ୟାଚ୍ ବିବେଚିତ ହୋଇଛି। ଏହି କ୍ରମରେ ଦେଖିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ୨୦୨୩ ବିଶ୍ୱକପ୍ ଫାଇନାଲ ଓ ଭାରତ- ନ୍ୟୁଜିଲାଣ୍ଡ ସେମିଫାଇନାଲ ମ୍ୟାଚ୍ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିବ। ଚାମ୍ପିଅନ୍ସ ଟ୍ରଫି ଏଥର ଅଷ୍ଟ୍ରେଲିଆରେ ସର୍ବାଧିକ ଟୁର୍ଣ୍ଣାମେଣ୍ଟ ବିବେଚିତ ହୋଇଛି।

## ଡୋକିକ୍‌ଙ୍କ ପିତୃ ବିୟୋଗ

ସିଡ୍‌ନୀ,୨୧।୫ (ଏଜେନ୍ସି): ଲୋକପ୍ରିୟ ମହିଳା ଟେନିସ ଖେଳାଳି ଜେଲେନା ଡୋକିକଙ୍କ ପିତା ଦାମିର ମୃତ୍ୟୁବରଣ କରିଛନ୍ତି। ଦାମିରଙ୍କ ପ୍ରଶିକ୍ଷଣରେ ଡୋକିକ୍ ୨୦୦୨ରେ ଏକକ ମାନ୍ୟତାରେ ସର୍ବୋଚ୍ଚ ଚତୁର୍ଥ ସ୍ଥାନ ହାସଲ କରିଥିଲେ। କିନ୍ତୁ ତାଙ୍କ କୋଚ୍ ତଥା ପିତାଙ୍କ ପ୍ରଭାବ ବଳରେ ଡୋକିକ୍ ଯୁବାବସ୍ଥାରେ ପାଇଥିବା ସଫଳତା ମଧ୍ୟରେ ରହିଯାଇଥିଲେ। ଆଉ ଉପରକୁ ଉଠି ପାରି ନ ଥିଲେ। ଏହା ପରେ ତାଙ୍କ କ୍ୟାରିୟରରେ ଉତ୍‌ଥାନପତନକୁ ନେଇ ପିତାଙ୍କ ସହ ବିବାଦ ସୃଷ୍ଟି ହୋଇଥିଲା।

## ବାଂଲାଦେଶକୁ ପ୍ରଥମଥର ହରାଇଲା ୟୁଏଇ

ଶାରଜା, ୨୧।୫ (ଏଜେନ୍ସି): ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି-୨୦ ମ୍ୟାଚକୁ ଘରୋଇ ୟୁଏଇ (ୟୁନାଇଟେଡ୍ ଆରବ ଏମିରେଟ୍ସ) ରୋମାଞ୍ଚକ ଭାବେ ଗୋଟିଏ ବଲ୍ ବାକି ଥାଇ ୨ ୱିକେଟ୍‌ରେ ଜିତିନେଇଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ଓପନର୍ ତାଞ୍ଜିଦ ହାସାନ ୫୯, ତୋହିଦ ହ୍ରିଦୟ ୪୫ ଓ ଅଧିନାୟକ ଲିଟନ ଦାସ ୪୦ ରନର ଉପଯୋଗୀ ପାଳି ବଳରେ ୨୦୫ ରନର ବିଶାଳ ସ୍କୋର କରିଥିଲା। ଜବାବରେ ଅଧିନାୟକ ମହମ୍ମଦ ୱାସିମଙ୍କ ଦ୍ରୁତ ୮୨ ସହାୟତାରେ ୟୁଏଇ ୮ ୱିକେଟ୍ ହରାଇ ୧୯.୫ ଓଭରରେ ସ୍ମରଣୀୟ ବିଜୟ ହାସଲ କରିଥିଲା। ଆଇସିସି ଟେଷ୍ଟ ମାନ୍ୟତାପ୍ରାପ୍ତ ଦେଶ ବାଂଲାଦେଶ ବିପକ୍ଷରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ୟୁଏଇର ଏହା ସର୍ବପ୍ରଥମ ବିଜୟ। ଏହି ବିଜୟ ଫଳରେ ଦୁଇଦେଶ ମଧ୍ୟରେ ଚାଲିଥିବା ଟି-୨୦ ସିରିଜ ୧-୧ରେ ବରାବର୍ ରହିଛି। ପୂର୍ବରୁ ପ୍ରଥମ ମ୍ୟାଚକୁ ବାଂଲାଦେଶ ୨୭ ରନରେ ଜିତିଥିଲା।

## ଜୁଲାଇ ୧୫ରୁ ଡୁରାଣ୍ଡ କପ୍

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ଏସିଆର ସର୍ବପୁରାତନ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ତଥା ବିଶ୍ୱର ୫ମ ପୁରାତନ ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବିବେଚିତ ହେଉଥିବା ଡୁରାଣ୍ଡ କପ୍ ଏଥର ଜୁଲାଇ ୧୫ରୁ ଆରମ୍ଭ ହେବ। ଟୁର୍ଣ୍ଣାମେଣ୍ଟର ଏହି ୧୩୪ତମ ସଂସ୍କରଣ ଏକ ମାସ ୧୦ ଦିନଧରି ଚାଲିବ ଓ ଏହା ଜୁଲାଇ ୧୫ରେ ଶେଷ ହେବ ବୋଲି ଆଶା କରାଯାଉଛି। କିନ୍ତୁ ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫ୍‌ଏଫ୍) ଟୁର୍ଣ୍ଣାମେଣ୍ଟର କାର୍ଯ୍ୟସୂଚୀ ଘୋଷଣା କରିନାହିଁ। କୋକ୍ରାଝରେ ସମେତ କୋଲକାତା, ଶିଲଂ, ଇମ୍ଫାଲ ଓ ଜାମସେଦଦପୁରରେ ଡୁରାଣ୍ଡ କପ୍‌ର ମ୍ୟାଚ୍ ଗୁଡିକ ଆୟୋଜନ ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଥାଉ କି, ଡୁରାଣ୍ଡ କପ୍ ୧୩୭ ବର୍ଷ ତଳେ ଅର୍ଥାତ ୧୮୮୮ରେ ପ୍ରଥମଥର ପାଇଁ ଖେଳାଯାଇଥିଲା। ଗତବର୍ଷ ନର୍ଥଇଷ୍ଟ ୟୁନାଇଟେଡ ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ୧୭ଥର ଟାଇଟଲ ଜିତି ମୋହନ ବାଗାନ ସଫଳତମ ଦଳ ବିବେଚିତ ହେଉଛି।

### ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

## ପ୍ରଣୟ, ଶ୍ରୀକାନ୍ତଙ୍କ ଅଗ୍ରଗତି: ସିନ୍ଧୁ ବିଦା



କ୍ୱାଲାଲମ୍ପୁର,୨୧।୫(ଏଜେନ୍ସି): ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ଡବଲ ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ଏକକ ପ୍ରଥମ ରାଉଣ୍ଡରେ ଭିଏତ୍‌ନାମର ଏନ୍‌ଗୁଏନ୍ ଥୁଇ ଲିନ୍‌ଙ୍କଠାରୁ ୧୧-୨୧, ୨୧-୧୪, ୧୫-୨୧ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। କିନ୍ତୁ ପୁରୁଷ ଏକକରେ ଏଚ୍‌ଏସ୍ ପ୍ରଣୟ ଓ କିଦାମ୍ବି ଶ୍ରୀକାନ୍ତ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି। ପ୍ରଣୟ ୧୯-୨୧, ୨୧-୧୭, ୨୧-୧୬ରେ ଜାପାନର ୫ମ ସିଡ୍ ଖେଳାଳି କେଇ ନିଶିମୋଟୋଙ୍କ, ଶ୍ରୀକାନ୍ତ ୨୩-୨୧, ୧୩-୨୧, ୨୧-୧୧ରେ ଚୀନ୍‌ର ଲୁ ଗୁଆଙ୍ଗଜୁଙ୍କୁ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ସତୀଶ କରୁଣାକରନ ୨୧-୧୩, ୨୧-୧୪ରେ ଚାଇନିଜ ତାଇପେର ଚୋଉ ତିଏନ୍ ଚେନଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି।

## 'ମନ୍ଥର ବୋଲିଂ ପେନାଲ୍ଟିରେ ପରିବର୍ତ୍ତନ ଆବଶ୍ୟକ'



ନୂଆଦିଲ୍ଲୀ,୨୧।୫(ଏଜେନ୍ସି):

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଲାଗୁ ହୋଇଥିବା ଓଭର ରେଟ୍ ପେନାଲ୍ଟି ନେଇ କିମ୍ବଦନ୍ତୀ ବ୍ୟାଟର ସୁନୀଲ ଗାଭାସ୍କର ନିଜର ମତ ରଖିଛନ୍ତି। ଆଇପିଏଲ୍‌ରେ ମନ୍ଥର ବୋଲିଂ ପାଇଁ ବିଭିନ୍ନ ଦଣ୍ଡ ବିଧାନର ବ୍ୟବସ୍ଥା ରହିଛି। ଏହା ଭଲ ହୋଇଥିଲେ ମଧ୍ୟ ନିରପେକ୍ଷତା ପାଇଁ ଏଥିôରେ ସଂସ୍କାର ଅର୍ଥାତ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ମନ୍ଥର ବୋଲିଂ ପାଇଁ ଆଇପିଏଲ୍‌ରେ ଏକାଧିକ ଦଳର ଅଧିନାୟକ ଓ ଖେଳାଳି ଦଣ୍ଡିତ ହେବାର ବହୁ ଉଦାହରଣ ରହିଛି ଓ ଏହା କିଛି ଖରାପ ନୁହଁ। କିନ୍ତୁ ବର୍ଷା ବାଧାପ୍ରାପ୍ତ ଓ ଅତ୍ୟଧିକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଏହି ନିୟମରେ ସାମାନ୍ୟ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହା ଦ୍ୱାରା ଫିଲ୍ଡିଂ କରୁଥିବା ଦଳ କ୍ଷତିରେ ପଡୁଛି। ଖାସ୍ କରି ବର୍ଷା ବନ୍ଦ ହେବା ପରେ ମ୍ୟାଚ୍ ଆରମ୍ଭ ହେବା ଓ ପରିବର୍ତ୍ତିତ ଓଭର ସଂଖ୍ୟାରେ ନୂଆ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ବେଳେ ବୋଲିଂ କରୁଥିବା ଦଳ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏପରିସ୍ଥଳେ ସର୍କଲ ବାହରେ ଜଣେ ଫିଲ୍ଡରଙ୍କୁ ଆଣି ସର୍କଲ ଭିତରେ ରଖିବାର ନିୟମ ବେଶ୍ ମହାଙ୍ଗା ସାବ୍ୟସ୍ତ ହୋଇଛି ଓ ଏହା ମ୍ୟାଚ୍‌ର ଫଳାଫଳକୁ ନକାରାତ୍ମକ ଭାବେ ପ୍ରଭାବିତ କରୁଛି ବୋଲି ସେ କହିଛନ୍ତି।

ଆଇପିଏଲ୍‌ର ଗତ ବର୍ଷା ବାଧାପ୍ରାପ୍ତ ୫୬ତମ ମ୍ୟାଚ୍‌ର ଉଦାହରଣ ଦେଇ ସେ ଏହା ବୁଝାଇବାକୁ ପ୍ରୟାସ କରିଛନ୍ତି। ଏହି ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଟାଇଟନ୍ସ ପରସ୍ପରକୁ ଭେଟିଥିଲେ ଓ ଏଥିରେ ଗୁଜରାଟ ଚେଜ୍ କରି ଡିଏଲ୍‌ଏସ୍ ପ୍ରଣାଳୀରେ ଶେଷ ବଲ୍‌ରେ ହିଁ ବିଜୟୀ ହୋଇଥିଲା। ଅନ୍ତିମ ତଥା ୧୯ତମ ଓଭରରେ ଜଣେ ଅତିରିକ୍ତ ଫିଲ୍ଡରଙ୍କୁ ସର୍କଲ ଭିତରରେ ରଖାଯାଇଥିଲା। ଯାହା ଫଳରେ ମୁମ୍ବାଇ ହାରିଥିଲା ବୋଲି ସେ କହିଛନ୍ତି।



ଖେଲୋ ଇଣ୍ଡିଆ ଗେମ୍ସର ୧୦ କିଲୋମିଟର ସନ୍ତରଣରେ ସ୍ୱର୍ଣ୍ଣପଦକ ଜିତିଥିବା ମହାରାଷ୍ଟ୍ରର ଦୀକ୍ଷା ପଟେଲ

# ବୈଭବଙ୍କ ପ୍ରଶଂସାରେ ଶତମୁଖ ରାଠୋର

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି):

ଚଳିତ ଆଇପିଏଲ୍‌ର ଅଷ୍ଟାଦଶ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ବିଜୟ ସହ ଅଭିଯାନ ଶେଷ କରିଛି। ସଞ୍ଜୁ ସାମସନଙ୍କ ରାଜସ୍ଥାନ ଏହାର ଶେଷ ମ୍ୟାଚରେ ୬ ୱିକେଟ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ମାତ୍ ଦେଇଥିଲା। ୧୪ଟି ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ଓ ୧୦ ପରାଜୟ ସହ ରାଜସ୍ଥାନ ସିଜନ ଶେଷ କରିଛି। ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ ମଧ୍ୟ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଜଣେ ଯୁବ ଉଦୀୟମାନ ବ୍ୟାଟର୍‌ଙ୍କୁ ଆବିଷ୍କାର କରି ବିଶ୍ୱ କ୍ରୀଡ଼ା ମଞ୍ଚରେ ସୁଯୋଗ ଦେବା ରାଜସ୍ଥାନ ପାଇଁ ବଡ଼ ଉପଲବ୍ଧି ରହିଥିଲା। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ଏହି ସୁଯୋଗର ଭରପୁର ଫାଇଦା ଉଠାଇ ଯେଉଁଭଳି ପ୍ରଦର୍ଶନ କଲେ ତାହା ତାଙ୍କୁ ଭାରତୀୟ କ୍ରିକେଟ୍‌ର ଭବିଷ୍ୟତର ଜଣେ ଉଜ୍ଜ୍ୱଳମୟ ତାରକା ଭାବେ ବିବେଚିତ କରିଛି। ବିହାର ଜନ୍ମିତ ବାମହାତୀ ବ୍ୟାଟର୍ ସୂର୍ଯ୍ୟବଂଶୀ ଚଳିତ ଆଇପିଏଲ୍‌ରେ ୭ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ସେ ୨୦୬.୫୫ ଷ୍ଟ୍ରାଇକରେଟ୍‌ରେ ମୋଟ୍ ୨୫୨ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ଗୁଜରାଟ ଟାଇଟନ୍ସ ବିପକ୍ଷ ୩୫ ବଲରେ ବିଧ୍ୱଂଶୀ ଶତକୀୟ ପାଳି ଅନ୍ତର୍ଭୁକ୍ତ ରହିଛି।

ବୈଭବଙ୍କୁ ଜଣେ ବିସ୍ଫୋରକ ବ୍ୟାଟର୍ ଭାବେ ବିବେଚିତ କରାଯାଏ। କିନ୍ତୁ ମଙ୍ଗଳବାର ଚେନ୍ନାଇ ବିପକ୍ଷରେ ସେ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂର ନମୁନା ଦେଖାଇ ୩୩ ବଲରେ ୫୭ ରନର ମ୍ୟାଚ୍ ବିଜୟୀ ପାଳି ଖେଳିଥିଲେ। ୧୪ ବର୍ଷ ବୟସରେ ତାଙ୍କ ନିକଟରେ ଏଭଳି ଦାୟିତ୍ୱ ସମ୍ପନ୍ନ ବ୍ୟାଟିଂ ଅନେକଙ୍କୁ ପ୍ରଭାବିତ କରିଛି। ବିଶେଷ କରି ରାଜସ୍ଥାନର ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୋର ମ୍ୟାଚ୍ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ବୈଭବଙ୍କ ଏହି ଇନିଂସରେ ବେଶ୍ ପ୍ରଭାବିତ ହୋଇଥିବା କହିଥିଲେ। 'ସୂର୍ଯ୍ୟବଂଶୀଙ୍କ ସହ ଆମେ ଗତ ୩-୪ ମାସ ହେବ କାମ କରୁଛୁ। ତାଙ୍କ ନିକଟରେ ଅନେକ ଟ୍ୟାଲେଣ୍ଟ ଥିବା ଆମେ ପାଇଥିଲୁ। ଆଜିଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ମ୍ୟାଚରେ ଚାପର ପରିସ୍ଥିତିରେ ସେ ଯେଉଁଭଳି ବ୍ୟାଟିଂ ପ୍ରଦର୍ଶନ କଲେ ସେଥିରେ ଆମେ ବେଶ୍ ପ୍ରଭାବୀତ ହୋଇଛୁ। ପାୱାର ପ୍ଲେ'ରେ ବଲ୍ ଠିକ୍ ସେ ବ୍ୟାଟ୍‌କୁ ଆସୁ ନ ଥିବାବେଳେ ସେ ମଧ୍ୟ ବଡ଼ ଶଟ୍ ନ ଖେଳି ଅଭିଜ୍ଞତାର ପରିଚୟ ଦେଇଥିଲେ' ବୋଲି ରାଠୋର କହିଛନ୍ତି। ବୈଭବଙ୍କ ପ୍ରଶଂସାରେ ଶତମୁଖ ରାଠୋର ଆହୁରି ମଧ୍ୟ କହିଥିଲେ 'ପୁଣିଥରେ ସେ ଯେଉଁଭଳି ପରିପକ୍ୱତା ଦେଖାଇଲେ, ଯେଉଁ ପ୍ରକାରର ସ୍ୱଭାବ ଦେଖାଇଲେ ଏହା ତାଙ୍କ ପାଇଁ ପ୍ରକୃତରେ ବହୁତ ଭଲ। ଏହି ପ୍ରକାରର ଅଭିଜ୍ଞତା ଆଗାମୀ ସମୟରେ ତାଙ୍କୁ ନିଶ୍ଚିତ ଭାବରେ ଜଣେ ଭଲ ଖେଳାଳି କରି ଗଢ଼ିତୋଳିବ।'




ଧୋନିଙ୍କ ପାଦ ଛୁଇଁ ଆଶୀର୍ବାଦ ନେଉଛନ୍ତି ବୈଭବ

## ରନ୍ ପିଛା ୪୩୬୫୦ ଟଙ୍କା

ବୈଭବ ସୂର୍ଯ୍ୟବଂଶୀ ଚଳିତ ଆଇପିଏଲ୍‌ରେ ୭ ମ୍ୟାଚରୁ ୩୬ ହାରରେ ୨୫୨ ରନ ସଂଗ୍ରହ କରିଛନ୍ତି। ନିଲାମୀରେ ତାଙ୍କୁ ରାଜସ୍ଥାନ କ୍ରୟ କରିଥିବା ୧.୧୦ କୋଟି ଟଙ୍କା ବାଦ୍ ସେ ଆହୁରି ଲକ୍ଷ ଲକ୍ଷ ଟଙ୍କା ଚଳିତ ଆଇପିଏଲ୍‌ରେ ରୋଜଗାର କରିଛନ୍ତି। ମ୍ୟାଚ୍ ପିଛା ୭.୫ ଲକ୍ଷ ହିସାବରେ ସେ ୭ ମ୍ୟାଚ ଖେଳି ମୋଟ୍ ୫୨.୫ ଲକ୍ଷ ଟଙ୍କା ପାଇଛନ୍ତି। ସେହିଭଳି ଗୋଟିଏ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଓ ଷ୍ଟ୍ରାଇକର୍ ଅଫ୍ ଦି ମ୍ୟାଚ୍ ବାବଦକୁ ଦୁଇ ଲକ୍ଷ ପାଇଥିଲେ। ଫଳରେ ଚଳିତ ଆଇପିଏଲ୍‌ରେ ମୋଟ୍ ଉପରେ ସେ ୧ କୋଟି ୬୪ ଲକ୍ଷ ୫୦ ହଜାର ଟଙ୍କା ରୋଜଗାର କରିଛନ୍ତି। ଆଇପିଏଲ୍ ପାଉଣା (୧.୧୦ କୋଟି) ହିସାବରେ ଦେଖିଲେ ସେ ପ୍ରତ୍ୟେକ ରନ୍ ପିଛା ୪୩୬୫୦ ଟଙ୍କା ଆୟ କରିଥିଲେ। ଯଦି ଆଇପିଏଲ୍‌ରେ ମୋଟ୍ ରୋଜଗାର (୧.୬୪ କୋଟି) ଉପରେ ନଜର ପକାଇବା ତେବେ ବୈଭବ ପ୍ରତି ରନ ପିଛା ୬୫,୨୭୭ ଟଙ୍କା ଆୟ କରିଛନ୍ତି।

# କ୍ୟାମ୍ପରେ ଅନୁଷ୍କାଙ୍କ ସହ ପିକଲ୍‌ବଲ ଖେଳିଲେ ବିରାଟ

ନୂଆଦିଲ୍ଲୀ, ୨୧।୫ (ଏଜେନ୍ସି): ଚଳିତ ଆଇପିଏଲ୍‌ର ପ୍ଲେ-ଅଫ୍‌ରେ ପ୍ରବେଶ କରିସାରିଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ଲକ୍ଷ୍ନୌରେ ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ଭେଟିବ। ନିକଟରେ ଟେଷ୍ଟ କ୍ରିକେଟ୍‌ରୁ ଅବସର ନେଇଥିବା ବେଙ୍ଗାଲୁରୁର ତାରକା ବ୍ୟାଟର୍ ବିରାଟ କୋହଲି ମ୍ୟାଚ୍ ପୂର୍ବରୁ ଦଳୀୟ ଶିବିରରେ ପିକଲ୍‌ବଲ୍ (ଟେନିସ ସଦୃଶ ଖେଳ)ର ମଜା ଉଠାଉଥିବା ଦେଖିବାକୁ ମିଳିଛି। ପତ୍ନୀ ଅନୁଷ୍କା ଶର୍ମାଙ୍କ ସହ କୋହଲି କୋର୍ଟ୍‌ରେ ପିକଲବଲ୍ ଖେଳୁଥିବାର କିଛି ଫଟୋ ଆର୍‌ସିବି ଏହାର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। କୋହଲିଙ୍କ ବ୍ୟତୀତ ଆର୍‌ସିବିର ମେଣ୍ଟର ରହିଥିବା ଦୀନେଶ କାର୍ତ୍ତିକ ମଧ୍ୟ ତାଙ୍କ କ୍ରୀଡ଼ାବିତ୍ ପତ୍ନୀ ଦୀପିକା ପାଲିକଲ୍‌ଙ୍କ ସହ ପିକଲ୍‌ବଲ ଖେଳୁଥିବା ଆର୍‌ସିବି ପକ୍ଷରୁ ପୋଷ୍ଟ କରାଯାଇଥିବା ଫଟୋରୁ ଜଣାପଡ଼ିଛି।



■ ପ୍ରତିଶ୍ରୁତି ପାଳନ କଲେ ରୋହିତ

# ପ୍ରଶଂସକଙ୍କୁ ଉପହାର ଦେଲେ ନିଜ ଲାମ୍ବୋରଗିନି କାର୍

ନୂଆଦିଲ୍ଲୀ,୨୧।୫(ଏଜେନ୍ସି): ମୁମ୍ବାଇ ଇଣ୍ଡିଆନ୍ସ ଅଭିଜ୍ଞ ବ୍ୟାଟର ତଥା ଭାରତୀୟ ଦିନିକିଆ ଦଳ ଅଧିନାୟକ ରୋହିତ ଶର୍ମା ଶେଷରେ ନିଜ ପ୍ରତିଶ୍ରୁତି ପାଳନ କରିଛନ୍ତି। ସେ ଫାଣ୍ଟାସି କ୍ରିକେଟ ପ୍ରତିଯୋଗିତାର ବିଜେତା ତଥା ଜଣେ ପ୍ରଶଂସକଙ୍କୁ ତାଙ୍କର ନିଜର ଅତିପ୍ରିୟ ତଥା ପ୍ରସିଦ୍ଧ ନୀଳ ରଙ୍ଗର ଲାମ୍ବୋରଗିନି ଉରୁସ୍ କାର ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ରୋହିତ ଦୀର୍ଘବର୍ଷ ଧରି ଏହି କାର ଚଢି ଆସୁଥିଲେ ଓ ଏହାର ନମ୍ବର ପ୍ଲେଟରେ ୨୬୪ ଲେଖା ଯାଇଥିଲା। ସେ ଦିନିକିଆ ଫର୍ମାଟ୍‌ରେ ସର୍ବାଧିକ ୨୬୪ ରନର ଦ୍ୱିଶତକୀୟ ପାଳି ଖେଳି ବିଶ୍ୱ ରେକର୍ଡ ସ୍ଥାପନ କରିଥିଲେ। ଏହି ଇନିଂସକୁ ମନେ ରଖିବାକୁ ନମ୍ବର ପ୍ଲେଟ୍‌ରେ ୨୬୪ ଲେଖାଯାଇଥିଲା। ରୋହିତଙ୍କ ଏହି ବିଳାଷପୂର୍ଣ୍ଣ କାରର ମୂଲ୍ୟ ୪ କୋଟି ଟଙ୍କା ବୋଲି କୁହାଯାଉଛି। ଏହି କାରରେ ତାଙ୍କୁ ମୁମ୍ବାଇର ସଡକରେ ଏକାଧିକବାର ବୁଲୁଥିବାର ଦେଖାଯାଇଛି। ଏହି ଫାଣ୍ଟାସି କ୍ରିକେଟର ବିଜେତାଙ୍କ ନାମ ରୋହିତ ଏକ ଡ୍ରିମ-୧୧ ବିଜ୍ଞାପନରେ ମଜାଳିଆ ଢଙ୍ଗରେ ଘୋଷଣା କରିଥିଲେ। ରୋହିତ ଏହି କାର ଚାବି ପ୍ରଶଂସକଙ୍କୁ ଦେବାର ଚିତ୍ର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି।




# ୨୨ ବର୍ଷ ପରେ ଜିମ୍ବାୱେ-ଇଂଲଣ୍ଡ ଟେଷ୍ଟ

ଲଣ୍ଡନ, ୨୧।୫ (ଏଜେନ୍ସି): ଘରୋଇ ଇଂଲଣ୍ଡ ଓ ଜିମ୍ବାୱେ ମଧ୍ୟରେ ଏକମାତ୍ର ଟେଷ୍ଟ ମ୍ୟାଚ ଗୁରୁବାରଠାରୁ ନଟିଂହାମସ୍ଥିତ ଟ୍ରେଣ୍ଟବ୍ରିଜ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଦୀର୍ଘ ୨୨ ବର୍ଷର ବ୍ୟବଧାନ ପରେ ଦୁଇଦେଶ ମଧ୍ୟରେ ଏହା ପ୍ରଥମ ଟେଷ୍ଟ ମ୍ୟାଚ୍ ହେବ। ଶେଷଥର ଲାଗି ଉଭୟ ଦେଶ ୨୦୦୩ରେ ଏକ ଟେଷ୍ଟ ମ୍ୟାଚରେ ସାମ୍ନାସାମ୍ନି ହୋଇଥିଲେ। ସେହିଭଳି ଜିମ୍ବାୱେ ଓ ଇଂଲଣ୍ଡ ମଧ୍ୟରେ ଏହା ମୋଟ୍ ଉପରେ ୩ୟ ଟେଷ୍ଟ ମୁକାବିଲା ହେବ। ତିନୋଟି ଟେଷ୍ଟରୁ ଇଂଲଣ୍ଡ ୨ଟି ବିଜୟ ହୋଇଥିବାବେଳେ ଗୋଟିଏ ଡ୍ର ରହିଥିଲା। ଅପରପକ୍ଷରେ ଉଭୟ ଦେଶ ୨୦୦୭ ପରେ ପ୍ରଥମଥର ଲାଗି କୌଣସି ଏକ ଅନ୍ତର୍ଜାତୀୟ ମ୍ୟାଚରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ୨୦୦୭ରେ ଅନୁଷ୍ଠିତ ଟି-୨୦ ବିଶ୍ୱକପ୍‌ରେ ଦୁଇଦେଶ କେପଟାଉନରେ ଶେଷଥର ଲାଗି ମ୍ୟାଚ୍ ଖେଳିଥିଲେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS